ବର୍ଷ-୨୫, ସଂଖ୍ୟା-୩୧୨
ଭୁବନେଶ୍ୱର
୨୪, ନଭେମ୍ବର, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 312
Bhubaneswar
24, November, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜି-୨୦ରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୧୧ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା (ଆଇବିଏସ୍ଏ) ନେତାମାନଙ୍କ ବୈଠକରେ ଅଂଶଗ୍ରହଣ କରିଛନ୍ତି। ଏହି ବୈଠକ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସାଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଦା ସିଲଭା ଏଥିରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ବିଶ୍ୱ ବିକାଶ ପାଇଁ ଛଅଟି ନୂଆ। ଉଦ୍ୟୋଗ ପ୍ରସ୍ତାବ ଦେଇଛନ୍ତି।

ଏହି ବୈଠକକୁ ସମୟୋଚିତ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏହା ଆଫ୍ରିକା ମାଟିରେ ପ୍ରଥମ ଜି-୨୦ ଶିଖର ସମ୍ମିଳନୀ ସହିତ ହୋଇଛି ଏବଂ ଗ୍ଲୋବାଲ ସାଉଥ ଦେଶମାନଙ୍କ ଦ୍ୱାରା ଲଗାତାର ଚାରୋଟି ଜି-୨୦ ଅଧ୍ୟକ୍ଷତାର ସମାପନକୁ ଚିହ୍ନିତ କରୁଛି, ଯାହା ମଧ୍ୟରୁ ଶେଷ ତିନୋଟି ଆଇବିଏସ୍ଏ ସଦସ୍ୟ ଦେଶଙ୍କ ଦ୍ୱାରା ହୋଇଥିଲା ଏହାର ପରିଣାମସ୍ୱରୂପ ମାନବ-କୈନ୍ଦ୍ରିକ ବିକାଶ, ବହୁପାକ୍ଷିକ ସଂସ୍କାର ଏବଂ ସ୍ଥାୟୀ ଅଭିବୃଦ୍ଧି ଉପରେ କେନ୍ଦ୍ରିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଅଇବିଏସ୍ଏ କେବଳ ତିନୋଟି ଦେଶର ଏକ ଗୋଷ୍ଠୀ ନୁହେଁ ବରଂ ତିନୋଟି ପ୍ରମୁଖ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ତିନୋଟି ପ୍ରମୁଖ ଅର୍ଥନୀତିକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ବିଶ୍ୱ ଶାସନ ପ୍ରତିଷ୍ଠାନଗୁଡିକ




୨୧ ଶତାବ୍ଦୀର ବାସ୍ତବତାଠାରୁ ବହୁ ଦୂରରେ ଅଛନ୍ତି। ସେ ଆଇବିଏସ୍ଏକୁ ଦୃଢ଼ ବାର୍ତ୍ତା ଦେବାକୁ ଆହ୍ୱାନ କରିଥିଲେ ଯେ, ବିଶ୍ୱସ୍ତରୀୟ ଶାସନ ପ୍ରତିଷ୍ଠାନ, ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଏବେ ଏକ ବିକଳ୍ପ ନୁହେଁ ବରଂ ଜରୁରୀ। ଆତଙ୍କବାଦ ବିରୋଧୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଘନିଷ୍ଠ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆତଙ୍କବାଦ ବିରୋଧରେ ଲଢ଼ିବା ସମୟରେ ଦ୍ୱୈତ ମାନଦଣ୍ଡ ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ ବୋଲି କହିଥିଲେ ମାନବ-କୈନ୍ଦ୍ରିକ ବିକାଶ ସୁନିଶ୍ଚିତ କରିବାରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ତିନି ଦେଶ ମଧ୍ୟରେ ୟୁପିଆଇ ଭଳି ଡିଜିଟାଲ ସର୍ବସାଧାରଣ ଭିତ୍ତିଭୂମି, କୋୱିନ ଭଳି ସ୍ୱାସ୍ଥ୍ୟ ପ୍ଲାଟଫର୍ମ, ସାଇବର ସୁରକ୍ଷା ଫ୍ରେମାର୍କ ଏବଂ ମହିଳା-ନେତୃତ୍ୱାଧୀନ ପ୍ରଯୁକ୍ତିବିଦ୍ୟା ପଦକ୍ଷେପର ଅଂଶୀଦାରକୁ ସହଜ କରିବା ପାଇଁ ଏକ ଆଇବିଏସ୍ଏ ଡିଜିଟାଲ ନବାଚାର ସଂଘ ପ୍ରତିଷ୍ଠା କରିବାର ପ୍ରସ୍ତାବ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନିରାପଦ, ବିଶ୍ୱସ୍ତ ଏବଂ ମାନବ-କୈନ୍ଦ୍ରିକ ଏଆଇ ମାନଦଣ୍ଡ ବିକାଶରେ ଆଇବିଏସଏର ଯୋଗଦାନ ସମ୍ଭାବନା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ଆସନ୍ତା ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଏଆଇ ପ୍ରଭାବ ଶିଖର ସମ୍ମିଳନୀରେ ଆଇବିଏସ୍ଏ ନେତାମାନଙ୍କୁ ନିମନ୍ତ୍ରଣ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଇବିଏସଏ ପରସ୍ପରର ବିକାଶର ପରିପୂରକ ହୋଇପାରିବ ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏକ ଉଦାହରଣ ହୋଇପାରିବ ସେ ବାଜରା, ପ୍ରାକୃତିକ କୃଷି, ବିପର୍ଯ୍ୟୟ ସ୍ଥିରତା, ସବୁଜ ଶକ୍ତି, ପାରମ୍ପରିକ ଔଷଧ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଭଳି କ୍ଷେତ୍ରରେ ସହଯୋଗର ସୁଯୋଗ ଉପରେ ଆଲୋକପାତ କରିଥିଲେ।ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ ଏବଂ ସୌର ଶକ୍ତି ଭଳି କ୍ଷେତ୍ରରେ ୪୦ଟି ଦେଶରେ ପ୍ରକଳ୍ପଗୁଡିକୁ ସମର୍ଥନ କରିବାରେ ଆଇବିଏସଏ ପାଣ୍ଠିର କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଥିଲେ। ସେ ଦକ୍ଷିଣ-ଦକ୍ଷିଣ ସହଯୋଗକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଜଳବାୟୁ ଅନୁକୂଳ କୃଷି ପାଇଁ ଆଇବିଏସଏ ପାଣ୍ଠି ନିମନ୍ତେ ପ୍ରସ୍ତାବ ଦେଇଥିଲେ ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଏଠାରେ ଉପଲବ୍ଧ।

# ଏନଡ଼ିଏର ବିଜୟ 'ଜନତାଙ୍କ ଶକ୍ତିର ବିଜୟ': ଧର୍ମେନ୍ଦ୍ର

ଝାରସୁଗୁଡ଼ା / ସମ୍ବଲପୁର, ୨୩।୧୧ (ମହାଭାରତ); ବିହାର ବିଧାନସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଭୂମିକା ଗ୍ରହଣ କରି ଦଳ ପାଇଁ ବିଜୟର ପଥ ପରିଷ୍କାର କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଜି ଝାରସୁଗୁଡ଼ା ଓ ସମ୍ବଲପୁର ଗସ୍ତ ସମୟରେ ବିପୁଳ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ଝାରସୁଗୁଡ଼ା ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ତାଙ୍କୁ ଉଷ୍ମ ସ୍ୱାଗତ ଜଣାଇଥିଲେ ।କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଉଭୟ ସହରରେ ଶତାଧିକ କାର୍ଯ୍ୟକର୍ତ୍ତା, ସମର୍ଥକ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହି ଭିଡ଼ ଜମାଇଥିଲେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ମଧ୍ୟ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ସ୍ଥାନରେ ପାରମ୍ପରିକ ସମ୍ବଲପୁରୀ ବାଦ୍ୟ 'ଡାଲଖାଇ' ଓ ସଙ୍ଗୀତର ତାଳେ ତାଳେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା।

ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ ବିହାର ନିର୍ବାଚନରେ ଏନଡ଼ିଏର ବିଜୟକୁ 'ଜନତାଙ୍କ ଶକ୍ତିର ବିଜୟ' ବୋଲି ବର୍ଣ୍ଣନା କରିଛନ୍ତି ସେ



କହିଛନ୍ତି, ଜନଶକ୍ତି ବିଜେପିକୁ ବିକାଶର ନୂଆ ଆଶା ଓ ଭରସା ଦେଇଛି। ଅନେକ ବର୍ଷ ଧରି ବିହାରରେ ବିଜେପି ଓ ଏନ୍‌ଡିଏର ଶାସନ ଏକ ସେବା ଭାବରେ ଚାଲିଆସିଛି।ବିଗତ ସାଢ଼େ ଏଗାର ବର୍ଷ ଧରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କ ନେତୃତ୍ୱରେ ହିଁ ଏହି ବିକାଶର ଧାରା ସମ୍ଭବ ହୋଇଛି। ସେ କଂଗ୍ରେସ ପାର୍ଟିର ସମାଲୋଚନା କରି କହିଥିଲେ ଯେ କଂଗ୍ରେସ ବାରମ୍ବାର ପରାଜିତ ହେବା ପରେ 'ଭୋଟ ଚୋରୀ' ଭଳି ଅପପ୍ରଚାର କରୁଥିଲା। ମାତ୍ର ବିହାରର ଜନତା ଏଥର ଉଚିତ୍ ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କଲେ ଯେଉଁମାନେ ଦେଶକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି ଏବଂ ବାଂଲାଦେଶୀଙ୍କୁ ଦେଶରେ ଅଗ୍ରାଧିକାର ଦେବା ଭଳି କଥା କହୁଥିଲେ, ଏଥର ନିର୍ବାଚନରେ ବିହାରର ଲୋକମାନେ ସେମାନଙ୍କୁ ଉପଯୁକ୍ତ ଉତ୍ତର ଦେଇଛନ୍ତି। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଜି ସକାଳେ ଖିଣ୍ଡା ଠାରେ ମାଟିର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଏଥିସହ ସେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ଓ ଠେଲକୋଲୋଇ ସ୍ଥିତ ମା ତାରିଣୀ ମନ୍ଦିରରେ ମଧ୍ୟ ଦର୍ଶନ କରି ମାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ପ୍ରେମିକାର ତଣ୍ଟି କାଟି ଦେଲା ପ୍ରେମିକ

ଭୁବନେଶ୍ୱର, ୨୩।୧୧: ଭୁବନେଶ୍ୱରରେ ଜଣେ ଯୁବକ ତାଙ୍କ ପ୍ରେମିକାଙ୍କ ତଣ୍ଟି କାଟି ଦେଇଥିବା ଅଭିଯୋଗ ହୋଇଛି। ପ୍ରେମିକାଙ୍କ ଅବସ୍ଥା ଗୁରୁତର ଥିବାବେଳେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଥାନାରେ ଅଟକ ଅଛନ୍ତି। ଉଭୟ ପ୍ରେମିକ ଓ ପ୍ରେମିକା ଦାର୍ଜିଲିଂର ବାସିନ୍ଦା। ସେମାନେ ଭୁବନେଶ୍ୱରରେ ରହି ବୁଦ୍ଧ ପାର୍କ ନିକଟରେ ମୋମୋ ବ୍ୟବସାୟ କରୁଥିଲେ। ଆଜି ସକାଳେ ବୁଦ୍ଧ ପାର୍କ ନିକଟରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପ୍ରେମିକା ଆଉ କାହା ପ୍ରେମରେ ପଡ଼ିଯାଇଥିବା ଯୁବକ ଜଣଙ୍କ ସନ୍ଦେହ କରୁଥିଲେ। ଆଉ ସେହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉଭୟଙ୍କ ମଧ୍ୟରେ କଥା କଟାକଟି ଚାଲିଥିବା ବେଳେ ଯୁବକ ଜଣଙ୍କ ଏକ ଧାରୁଆ ଅସ୍ତ୍ରରେ ପ୍ରେମିକାଙ୍କ ତଣ୍ଟି କାଟି ଦେଇଥିଲେ।

## ଦିଲ୍ଲୀରେ ବଡ଼ ଡ୍ରଗ୍ସ ରାକେଟର ପର୍ଦ୍ଦାଫାଁସ

ନୂଆଦିଲ୍ଲୀ, ୨୩।୧୧: ଦିଲ୍ଲୀରେ ବଡ଼ ଡ୍ରଗ୍ସ ରାକେଟର ପର୍ଦ୍ଦାଫାଁସ ହୋଇଛି ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ, ଏନସିବି ଦିଲ୍ଲୀରେ ବଡ ରେଡ କରି ୨୬୨ କୋଟିରୁ ଅଧିକ ଟଙ୍କାର ଟଙ୍କାର ଡ୍ରଗ୍ସ ଧରିଛି ପ୍ରଥମେ ଏକ ଫାର୍ମହାଉସରେ ଚଢ଼ାଉ ହୋଇଥିଲା । ପରେ ତଥ୍ୟ ଆଧାରରେ ଲଗାତାର ୩ ଦିନ ଧରି ରେଡ ପରେ ବେଳେ ଏତେ ପରିମାଣର ଡ୍ରଗ୍ସ ଜବତ ହୋଇଛି। ଏହାସହ ଅନ୍ତର୍ଜାତୀୟ ସ୍ତରରେ ସକ୍ରିୟ ଥିବା ସିନ୍ଥେଟିକ ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ ହୋଇଛି ଏହି ପୁରା ନେଟର୍କ ବିଦେଶ ଅପରେଟରଙ୍କ ନିର୍ଦ୍ଦେଶରେ କାମ କରୁଥିଲା। ଫାର୍ମହାଉସରେ ଚଢ଼ାଉ ପରେ ଦିଲ୍ଲୀ-ଏନସିଆରରେ ଅନେକ ଠିକଣାରେ ଚଢ଼ାଉ ହୋଇଥିଲା ଓ ସନ୍ଦିଗ୍ଧଙ୍କ ଗତିବିଧିକୁ ଟ୍ରାକ କରାଯାଇଥିଲା।

ଏହି ଅପରେସନବେଳେ ଏନସିବି ଶେନ ବାରିସ ନାମକ ଜଣେ ଯୁବକଙ୍କୁ ବି ଗିରଫ କରିଛି । ଉତ୍ତରପ୍ରଦେଶର ଏହି ବାସିନ୍ଦା ଦିଲ୍ଲୀର ନୋଏଡାରେ ରହୁଥିଲେ ଓ ଦୀର୍ଘଦିନ ଧରି ଏହି ରାକେଟ ଚଳାଉଥିଲେ। ଏକ କମ୍ପାନୀର ସେଲସ ମ୍ୟାନେଜର ଭାବେ ସେ କାମ କରୁଥିଲେ। ଯାଂଚବେଳେ ଜଣାପଡିଛି, ଲୋକେସନ ଟ୍ରାକ ନ କରିବାକୁ ସେ ଫେକ ସିମ କାର୍ଡ ଓ ଗୁପ୍ତ ହ୍ୱାଟସଅପ ଚାଟ କରୁଥିଲେ ପଚରାଉଚରା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଶେନ ବାରିସ



ଜଣେ ମହିଳା ଏଷ୍ଟର କମିନିଙ୍କ ନାଁ ବି ନେଇଛି । ସଂପୃକ୍ତ ମହିଳାଙ୍କ ସମ୍ପର୍କରେ ବି ସବିଶେଷ ତଥ୍ୟ ସେ ଦେଇଛି। ଏହି ଡ୍ରଗ୍ସ କାରବାରର ବିଦେଶୀ ଲିଙ୍କ୍ ଥିବା ବି ଜଣାପଡିଛି।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଚଢ଼ାଉ କରିଥିବା ପୁରା ଟିମକୁ ଶୁଭେଚ୍ଛା ଜଣାଇଛନ୍ତି। ଏହାର ନେଟର୍କ କେଉଁ କେଉଁ ଅଂଚଳକୁ ବ୍ୟାପିଛି, ସେ ନେଇ ଖୋଳତାଡ ଚାଲିଛି।

## ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୩।୧୧ (ମହାଭାରତ): ସମ୍ଭାବ୍ୟ ବାତ୍ୟା ମୁକାବିଲାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ବାତ୍ୟାକୁ ନେଇ ବିଭାଗ ସତର୍କ ରହିଛି। ସମସ୍ତ ମୁକାବିଲା ପାଇଁ ମଧ୍ୟ ପ୍ରସ୍ତୁତ ରହିଛି। ପ୍ରଥମେ ତାମିଲନାଡୁ , ଆନ୍ଧ୍ରପ୍ରଦେଶ ଓ ପରେ ଓଡିଶାରେ ପ୍ରଭାବ ପଡିବାର ସମ୍ଭାବନା ରହିଛି।୨୪ ତାରିଖ ବେଳକୁ ଅଧିକ ସ୍ପଷ୍ଟତା ଆସିପାରିବ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ତେବେ ପାଣିପାଗ ବିଭାଗ ସୂଚନା ଅନୁସାରେ ବଙ୍ଗୋପସାଗରରେ ବାତ୍ୟା ହେବାର ସମ୍ଭାବନା ରହିଛି। ଶନିବାର ସୃଷ୍ଟି ହୋଇଥିବା ଲଘୁଚାପ ଏବେ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହୋଇଛି। ଫଳରେ ବାତ୍ୟା ହେବା ନେଇ ଆଶଙ୍କା ବୃଦ୍ଧି ପାଇଛି।୨୪ ତାରିଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଅବପାତରେ ପରିଣତ ହେବା ନେଇ ଆକଳନ କରାଯାଇଛି।ସେପଟେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ୨୫ ତାରିଖରୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ପବନର ବେଗ ବଢ଼ିବ। ୨୫ ସନ୍ଧ୍ୟାରୁ ପବନର ଘଣ୍ଟା ପ୍ରତି ବେଗ ୫୦ରୁ ୬୦ କିଲୋମିଟର ରହିବା ନେଇ ସୂଚନା ରହିଛି।୨୬ ତାରିଖ ସକାଳୁ ପବନର ବେଗ ୬୦ରୁ ୭୦ କିଲୋମିଟରରେ ରହି ସର୍ବାଧିକ ୮୦ କିଲୋମିଟର ହେବ ୨୭ ତାରିଖ ସକାଳୁ ସର୍ବାଧିକ ୧୦୦ କିଲୋମିଟର ପବନର ବେଗ ରହିପାରେ ବୋଲି ଆକଳନ କରାଯାଇଛି।

## ଡାକ୍ତରଙ୍କ ପରାମର୍ଶକୁ ଶୁଣୁନଥିଲେ ହ୍ୟୁମାନ ?

### ରାତି ଅନିଦ୍ରା ନ ହେବାକୁ ପରାମର୍ଶ ଦେଇଥିଲେ ଡାକ୍ତର

ଭୁବନେଶ୍ୱର, ୨୪।୧୧ (ମହାଭାରତ): ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ୭ ଦିନ ବିତିଗଲାଣି ତଥାପି ବିବାଦ ଥମିବାର ନାଁ ନେଉନି ଦିନ ଯେତିକି ଗଡୁଛି, ବିବାଦ ସେତିକି ସେତିକି ଘନଉଛି। ହ୍ୟୁମାନଙ୍କ ମୃତ୍ୟୁକୁ ନେଇ ସବୁଠି ପ୍ରଶ୍ନ। ଆଉ ସବୁଆଡ଼େ ଆକ୍ରୋଶ। ଏହାରି ମଧ୍ୟରେ ହ୍ୟୁମାନ ସାଗରଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସଞ୍ଜୀବ କର ଏକ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ମୁଁ ତାଙ୍କୁ କାମ କମ୍ କରି ବିଶ୍ରାମ ନେବା ପାଇଁ କହିଥିଲି।





୨୦୨୪ ସେପ୍ଟେମ୍ବରରେ ପ୍ରଥମେ ସେ ମୋ ପାଖକୁ ଆସିଥିଲେ। ମଦ୍ୟପାନ ପାଇଁ ସେ ଲିଭର ସିରୋସିସ୍‌ରେ ପୀଡ଼ିତ ଥିଲେ। ପ୍ରତି ଦୁଇ ତିନି ମାସରେ ଆସି ଚିକିତ୍ସିତ ହୁଅନ୍ତି। ତାଙ୍କ ଟିମ୍ ମେମ୍ବର ଆଣି ତାଙ୍କୁ ଚିକିତ୍ସା କରାଇ ନିଅନ୍ତି। ଥରେ ଲିଭର ସିରୋସିସ୍ ହେଲେ ଭଲ ହୁଏନି, ଚିକିତ୍ସା ଭିତରେ ରହିବାକୁ ହୁଏ । ଚାପ ଭିତରେ ଥିବା ବି ବାରି ହୋଇ ପଡୁଥିଲା। ତାଙ୍କୁ ବିଶ୍ରାମ ନେବା ପାଇଁ ପରାମର୍ଶ ଦେଇଥିଲି। ଭଲ ଖାଦ୍ୟ ଖାଇବା ସହ ରାତି ଅନିଦ୍ରା ନ ହେବାକୁ ବି କହିଥିଲି। କିନ୍ତୁ ସେ ଏହାକୁ ଅଣଦେଖା କରୁଥିଲେ। ଯେତେବେଳେ ହ୍ୟୁମାନଙ୍କୁ ୧୨ ତାରିଖରେ ମୋ ପାଖକୁ ଅଣାଯାଇଥିଲା। ସେତେବେଳେ ସେ ଜ୍ୱରରେ ପୀଡିତ ଥିଲେ ତାଙ୍କୁ ଧଇଁସଇଁ ଲାଗିବା ସହ ଗୋଡ ମଧ୍ୟ ଫୁଲିଥିଲା ହ୍ୟୁମାନଙ୍କ ମୃତ୍ୟୁ ପାଇଁ ମୁଁ ବହୁତ୍ ଦୁଃଖିତ।

## ଦିଲ୍ଲୀରେ ଡ୍ରଗ୍‌ସର ର୍‌ୟାକେଟର ପର୍ଦ୍ଦାଫାଶ

ନୂଆଦିଲ୍ଲୀ, ୨୩।୧୧: ଦିଲ୍ଲୀରେ ବଡ଼ ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ ହୋଇଛି ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ, ଏନସିବି ଦିଲ୍ଲୀରେ ବଡ ରେଡ କରି ୨୬୨ କୋଟିରୁ ଅଧିକ ଟଙ୍କାର ଟଙ୍କାର ଡ୍ରଗ୍ସ ଧରିଛି ପ୍ରଥମେ ଏକ ଫାର୍ମହାଉସରେ ଚଢ଼ାଉ ହୋଇଥିଲା । ପରେ ତଥ୍ୟ ଆଧାରରେ ଲଗାତାର ୩ ଦିନ ଧରି ରେଡ ପରେ ବେଳେ ଏତେ ପରିମାଣର ଡ୍ରଗ୍ସ ଜବତ ହୋଇଛି। ଏହାସହ ଅନ୍ତର୍ଜାତୀୟ ସ୍ତରରେ ସକ୍ରିୟ ଥିବା ସିନ୍ଥେଟିକ ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ ହୋଇଛି ଏହି ପୁରା ନେଟର୍କ ବିଦେଶ ଅପରେଟରଙ୍କ ନିର୍ଦ୍ଦେଶରେ କାମ କରୁଥିଲା। ଫାର୍ମହାଉସରେ ଚଢ଼ାଉ ପରେ ଦିଲ୍ଲୀ-ଏନସିଆରରେ ଅନେକ ଠିକଣାରେ ଚଢ଼ାଉ ହୋଇଥିଲା ଓ ସନ୍ଦିଗ୍ଧଙ୍କ ଗତିବିଧିକୁ ଟ୍ରାକ କରାଯାଇଥିଲା।

ଏହି ଅପରେସନବେଳେ ଏନସିବି ଶେନ ବାରିସ ନାମକ ଜଣେ ଯୁବକଙ୍କୁ ବି ଗିରଫ କରିଛି । ଉତ୍ତରପ୍ରଦେଶର ଏହି ବାସିନ୍ଦା ଦିଲ୍ଲୀର ନୋଏଡାରେ ରହୁଥିଲେ ଓ ଦୀର୍ଘଦିନ ଧରି ଏହି ରାକେଟ ଚଳାଉଥିଲେ। ଏକ କମ୍ପାନୀର ସେଲସ ମ୍ୟାନେଜର ଭାବେ ସେ କାମ କରୁଥିଲେ। ଯାଂଚବେଳେ ଜଣାପଡିଛି, ଲୋକେସନ ଟ୍ରାକ ନ କରିବାକୁ ସେ ଫେକ ସିମ କାର୍ଡ ଓ ଗୁପ୍ତ ହ୍ୱାଟସଅପ ଚାଟ କରୁଥିଲେ ପଚରାଉଚରା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଶେନ ବାରିସ ଜଣେ ମହିଳା ଏଷ୍ଟର କମିନିଙ୍କ ନାଁ ବି ନେଇଛି । ସଂପୃକ୍ତ ମହିଳାଙ୍କ ସମ୍ପର୍କରେ ବି ସବିଶେଷ ତଥ୍ୟ ସେ ଦେଇଛି। ଏହି ଡ୍ରଗ୍ସ କାରବାରର ବିଦେଶୀ ଲିଙ୍କ୍ ଥିବା ବି ଜଣାପଡିଛି।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଚଢ଼ାଉ କରିଥିବା ପୁରା ଟିମକୁ ଶୁଭେଚ୍ଛା ଜଣାଇଛନ୍ତି। ଏହାର ନେଟର୍କ କେଉଁ କେଉଁ ଅଂଚଳକୁ ବ୍ୟାପିଛି, ସେ ନେଇ ଖୋଳତାଡ ଚାଲିଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୩।୧୧: ୨୪ ନଭେମ୍ବର ସୋମବାର ସକାଳ ୧୦.୩୦ ସମୟରୁ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀ ଜନଶୁଣାଣି କରିବେ। ଗତ ସେପ୍ଟେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିଥିଲେ, ଏହି ଶୁଣାଣି ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନଙ୍କୁ ଆଉ ପୁନଃ ପଞ୍ଜୀକରଣର ଆବଶ୍ୟକତା ନାହିଁ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ହୋମଗାର୍ଡ ନିଯୁକ୍ତି ନେଇ ପୋଲିସର ନିବେଦନ

ଭଦ୍ରକ, ୨୩।୧୧: ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବା ପାଇଁ ଭଦ୍ରକ ପୋଲିସ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସଚେତନତା ଜାରି କରାଯାଇଛି। ସୋସିଆଲ ମିଡ଼ିଆ ମାଧ୍ୟମରେ ପୋଲିସ ଜିଲାବାସୀଙ୍କୁ କୌଣସି ଅସାଧୁ ବ୍ୟକ୍ତିଙ୍କ ମିଥ୍ୟା ପ୍ରତିଶ୍ରୁତିରେ ନ ପଡ଼ିବାକୁ କଡ଼ା ଚେତାବନୀ ଦେଇଛି। କିଛି ଦଲାଲ କିମ୍ବା ଅସାଧୁ ବ୍ୟକ୍ତି ଟଙ୍କା ବିନିମୟରେ ହୋମଗାର୍ଡ ଚାକିରି ଯୋଗାଡ଼ କରିଦେବେ ବୋଲି ମିଥ୍ୟା ପ୍ରଚାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଛି। ଭଦ୍ରକ ପୋଲିସ ସ୍ପଷ୍ଟ କରିଛି ଯେ ହୋମଗାର୍ଡ ନିଯୁକ୍ତି ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହିତ କରାଯିବ। କୌଣସି ଦଲାଲ ଏହି ଚୟନ ପ୍ରକ୍ରିୟାକୁ ପ୍ରଭାବିତ କରିପାରିବେ ନାହିଁ। ପୋଲିସ ସାଧାରଣ ଲୋକଙ୍କୁ କାହାକୁ ବି ଟଙ୍କା ନ ଦେବାକୁ ନିବେଦନ କରିଛି, କାରଣ ଏହା ଏକ ପ୍ରକାର ଦଣ୍ଡନୀୟ ଅପରାଧ। ଯଦି କେହି ଏହି ଚାକିରି ପାଇଁ ଟଙ୍କା ମାଗନ୍ତି, ତେବେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ନିମ୍ନଲିଖିତ ଫୋନ୍ ନମ୍ବରରେ ଜଣାଇବାକୁ କୁହାଯାଇଛି।

# ଧାନ ସଂଗ୍ରହ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୧୧ (ମହାଭାରତ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ କମିଟି ବୈଠକ ଗତ ୨୧ ତାରିଖ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂପୃକ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କ ସମନ୍ୱୟରେ ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତଭାବେ କରାଯିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ ରାଜ୍ୟ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ସଂପୃକ୍ତ ବିଭିନ୍ନ ବିଭାଗର ସଚିବଙ୍କ ସମେତ ଭାରତୀୟ ଖାଦ୍ୟ



ନିଗମର ପରିଚାଳକ ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

ବୈଠକରୁ ଜଣାଯାଇଛି ଯେ, ୨୦୨୪-୨୫ ଖରିଫ୍ ମାର୍କେଟିଂ ଋତୁରେ ୭୩ ଲକ୍ଷ ୪୫ ହଜାର ୭୦୭ ମେଟ୍ରିକ୍ ଟନ୍ ଖରିଫ ଧାନ ଏବଂ ରବିରେ ୧୯ ଲକ୍ଷ ୧୮ ହଜାର ୫୨୮ ମେଟ୍ରିକ୍ ଟନ୍ ଧାନସଂଗୃହିତ ହୋଇଥିଲାଏବଂ ସେହି ଅନୁପାତରେ ଯେତେ ପରିମାଣର ଚାଉଳ ସଂଗ୍ରହ ହେବା କଥା, ସେଥିରୁ ୭୨ ପ୍ରତିଶତ ସଂଗ୍ରହ ହୋଇଛି ଓ ଏହି ପ୍ରକ୍ରିୟା ଜାରି ରହିଛି। ଗତ ୨୦୨୩ -୨୪ ବର୍ଷରେ ୮୫ ପ୍ରତିଶତ ଚାଉଳ ସଂଗ୍ରହ ହୋଇଥିଲା। ୨୦୨୫-୨୬ ବର୍ଷ ପାଇଁ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି । ଗତ ବର୍ଷ ଏହି ସଂଖ୍ୟା ୧୭.୫୦ ଲକ୍ଷ ଥିଲା । ଏ ବର୍ଷ ୯୩ ଲକ୍ଷ ମେଟ୍ରିକ୍ ଟନ ଧାନ ଉଭୟ ଖରିଫ ଓ ରବି ଋତୁ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଗତ ଖରିଫ୍ ଋତୁରେ ଧାନ କ୍ରୟ ବାବଦକୁ ୯୮ପ୍ରତିଶତ ଚାଷୀଙ୍କ ଆକାଉଂଟକୁ ୪୮ ଘଂଟା ମଧ୍ୟରେ ଅର୍ଥ ସିଧାସଳଖ ପ୍ରଦାନ କରାଯାଇଛି।

ଖରିଫ୍ ମାର୍କେଟିଂ ଋତୁ ପାଇଁ ଖାଦ୍ୟ ଓ କ୍ରୟ ନୀତି ୨୦୨୫-୨୬ ଗତ ଅକ୍ଟୋବରରେ କ୍ୟାବିନେଟ ବୈଠକରେ ଅନୁମୋଦନ ଲାଭ କରିଥିଲା। ଖରିଫ୍ ଧାନ କ୍ରୟ ସମୟ ୨୦୨୫ ନଭେମ୍ବର ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିଛି। କ୍ଷୁଦ୍ର, ଛୋଟ ଚାଷୀ, ପ୍ରକୃତ ଚାଷୀ, ଭାଗଚାଷୀମାନଙ୍କ ଠାରୁ ଧାନ କ୍ରୟ ପାଇଁ ବିଶେଷଗୁରୁତ୍ୱ ରହିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାନ କ୍ରୟ ପ୍ରକ୍ରିୟାର ୪୮ ଘଂଟା ଭିତରେ ଚାଷୀଙ୍କ ଆକାଉଂଟକୁ ଅର୍ଥ ପ୍ରେରଣ ବ୍ୟବସ୍ଥା ରହିଛି। ଧାନ ସଂଗ୍ରହ ପରିଚାଳନା ସଂପର୍କିତ ମାର୍ଗଦର୍ଶିକା ସମସ୍ତ ଜିଲ୍ଲାପାଳମାନଙ୍କ ନିକଟକୁ ପଠାଯାଇ ସାରିଛି।୨୦୨୪-୨୫ ଖରିଫ୍ ମାର୍କେଟିଂ ଋତୁ ଏବଂ ପୂର୍ବରୁ ରାଜ୍ୟ ସରକାରଙ୍କ ସଂସ୍ଥା ସହିତ କଷ୍ଟମ ମିଲଚାଉଳ ଡେଲିଭରି ସମ୍ପର୍କିତ ବକେୟା ନଥିବା ଏଜେନ୍ସିମାନେ (କେବଳ ରବି ଋତୁ ୨୦୨୪-୨୫ ବ୍ୟତୀତ) ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ଧାନ ଚାଷ ହୋଇଥିବା ସଂପର୍କିତ ଶତ ପ୍ରତିଶତ ସାଟେଲାଇଟ୍ ଯାଂଚ ସମସ୍ତ ଜିଲ୍ଲାରେ କରାଯାଇଛି। ଆଧାରଭିତ୍ତିକ ପ୍ରମାଣ ଜରିଆରେଚାଷୀମାନଙ୍କର ଧାନ ସଂଗ୍ରହ ନେଇ ପ୍ରମାଣିତ (ଅଥେଂଟିକେସନ) କରାଯିବ। ଚାଷୀ ପଞ୍ଜୀକରଣ ପାଇଁ ଇ-କେୱାଇସି ବାଧ୍ୟତାମୂଳକ ରହିଛି। ଧାନର ମାନ ଭାରତ ସରକାରଙ୍କ ନିର୍ଦ୍ଧାରିତ ଗୁଣାତ୍ମକ ମାନ ହିସାବରେ ରହିବା ଆବଶ୍ୟକ। ସାଧାରଣ ପ୍ରକାର ଧାନର ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ଇନପୁଟ ସହାୟତା ମିଶାଇ ୩୧୦୦ ଟଙ୍କା ରହିଛି। ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ୍ ଧାନ ସଂଗ୍ରହ ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ନିର୍ଦ୍ଦିଷ୍ଟ କେଉଁ ତାରିଖରୁ ଆରମ୍ଭ ହେବ, ତାହା ଅମଳ ସ୍ଥିତିକୁ ଦେଖି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି।

## ୩ ଛାତ୍ରୀ ନିଖୋଜ

କୁଚିଣ୍ଡା, ୨୩।୧୧ (ମହାଭାରତ): କୁଚିଣ୍ଡା ଅଞ୍ଚଳର ଏକ ସ୍କୁଲର ବାଳିକା ହଷ୍ଟେଲରୁ ୩ଜଣ ଛାତ୍ରୀ ନିଖୋଜ ହୋଇଥିବା ଖବର ମିଳିଛି। ଗୋବିନ୍ଦପୁର ଥାନା ଅଞ୍ଚଳରେ ଏହି ସ୍କୁଲର ହଷ୍ଟେଲରୁ ୩ଜଣ ଛାତ୍ରୀ ନିଖୋଜ ହୋଇଥିବା ସମ୍ପର୍କରେ ହଷ୍ଟେଲ କର୍ତ୍ତୃପକ୍ଷ ଗୋବିନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ନିଖୋଜ ହୋଇଥିବା ୩ଜଣ ଛାତ୍ରୀଙ୍କ ମଧ୍ୟରୁ ୨ଜଣ ନବମ ଶ୍ରେଣୀର ଛାତ୍ରୀ ଓ ଜଣେ ଦଶମ ଶ୍ରେଣୀର ଛାତ୍ରୀ ଅଛନ୍ତି ବୋଲି କୁହାଯାଉଛି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳର ଅଭିଭାବକ ମହଲରେ ଆତଙ୍କ ଖେଳାଇ ଦେଇଛି। ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଆଜି ରାତି ସୁଦ୍ଧା ଏହି ନିଖୋଜ ଛାତ୍ରୀମାନଙ୍କର କୌଣସି ପତ୍ତା ମିଳିନାହିଁ। ଏହି ଛାତ୍ରୀମାନେ ନିଜ ଇଚ୍ଛାରେ ହଷ୍ଟେଲରୁ ଖସି ପଳାଇଛନ୍ତି କିମ୍ବା ତାଙ୍କୁ କିଏ ଅପହରଣ କରିଛି ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ପତ୍ରପୋଡ଼ା ଦେଶୀ କୁକୁଡ଼ା

**ଆବଶ୍ୟକ ସାମଗ୍ରୀ:** ଗୋଟା ଦେଶୀ କୁକୁଡ଼ା, ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ପିଆଜ, ରସୁଣ ବଟା, ସୋରିଷ ବଟା, ଜୀରା ଧନିଆଁ, ଗୁଜୁରାତି, ଡାଲଚିନି ବଟା, ତେଲ ଓ ଶାଳପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପର ଓ ଚମଡ଼ା ଉତାରି ଗୋଟା ଦେଶୀ କୁକୁଡ଼ାରେ ଭଲଭାବେ ତେଲ ମାରିଦିଅନ୍ତୁ। ଏହା ପରେ ସେଥିରେ ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ପିଆଜ, ରସୁଣ ବଟା, ସୋରିଷ ବଟା, ଜୀରା ଧନିଆଁ, ଗୁଜୁରାତି, ଡାଲଚିନି ବଟା ଦେଇ ଭଲ ଭାବେ ଗୋଳାନ୍ତୁ। ମସଲା ଭଲ ଭାବେ ଗୋଳେଇ ହବା ପରେ ଏକ ଶାଳପତ୍ରରେ ମସଲା ଗୋଳା କୁକୁଡ଼ାକୁ ରଖି ପୁଣି ଏକ କଦଳୀପତ୍ରରେ ରଖି ତାକୁ କାଠି ଦ୍ୱାରା ବନ୍ଦ କରି ଦିଅନ୍ତୁ। ଏହାପରେ କଦଳୀପତ୍ର ଗୁଡ଼ା ଦେଶୀ କୁକୁଡ଼ାକୁ ନିଆଁ ଅଙ୍ଗାରରେ ରଖନ୍ତୁ। ପାଖାପାଖି ୪୦ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଦେଶୀ କୁକୁଡ଼ା ପତ୍ରପୋଡ଼ା।



ପରଦା ଖବର

# ଆଇଏଫଏଫଆଇ ଗୋଆରେ ଓଡ଼ିଆ ଚଳଚ୍ଚିତ୍ର 'ମାଲିପୁଟ ମେଲୋଡ଼ିଜ୍' ପ୍ରଦର୍ଶିତ

ଗୋଆରେ ଚାଲିଥିବା ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ)ରେ ଆଜି ଓଡ଼ିଆ ଚଳଚ୍ଚିତ୍ର 'ମାଲିପୁଟ ମେଲୋଡ଼ିଜ୍' ପ୍ରଦର୍ଶିତ ହୋଇଛି। ମୌଳିକ ଓଡ଼ିଆ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ଚାରିଟି ହୃଦୟସ୍ପର୍ଶୀ କାହାଣୀର ସଂକଳନ ସ୍ଥାନ ପାଇଛି। କୋରାପୁଟର ସରଳ ଓ ନିରୀହ ଲୋକଙ୍କ ଜୀବନ କାହାଣୀ ଓ ସଂଘର୍ଷକୁ ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ବିଶାଳ ପଟ୍ଟନାୟକ ଏବଂ କୌଶିକ ଦାସ ପ୍ରଯୋଜନା ଦାୟିତ୍ୱ ସମ୍ପାଦନ କରିଛନ୍ତି।ଚଳଚ୍ଚିତ୍ରର ପ୍ରଥମ କାହାଣୀ 'କାନଫୁଲ'ରେ ଖେଳନା ଓ ବଇଁଶୀ ବିକୁଥିବା ଦୁଇ ବନ୍ଧୁଙ୍କ ଜୀବନ ପ୍ରଦର୍ଶିତ ହୋଇଛି। ଝିଅ ପାଇଁ କାନଫୁଲ କିଣିବାକୁ ଆଶା ନେଇ ଖେଳନା ଓ ବଇଁଶୀ ବିକିବାକୁ ଚାହୁଁଥିବା ଏହି ଦୁଇ ବନ୍ଧୁଙ୍କ ସ୍ୱପ୍ନ ସେତିକି ବେଳେ ଧୂଳିସାତ୍ ହୋଇଯାଉଛି ଯେତେବେଳେ କୋଭିଡ୍ ମହାମାରୀ କାରଣରୁ ସେହି ବର୍ଷର ରଥଯାତ୍ରା ଉତ୍ସବ ବାତିଲ୍ ହୋଇଯାଉଛି। ଦ୍ୱିତୀୟ କାହାଣୀ ହେଉଛି 'ରଙ୍ଗମାଟି'। ଏଥିରେ ସାନ ଏବଂ ବଡ଼, ଦୁଇ ଭାଇଙ୍କ ସଂଘର୍ଷ କାହାଣୀ ପ୍ରଦର୍ଶିତ ହୋଇଛି। ସାନ ପୁଅ ପରିବାର ଚଳାଉଥିବା ବେଳେ ବଡ଼ ବାଙ୍ଗାଲୋର ଯିବାକୁ ସ୍ୱପ୍ନ ଦେଖୁଛି, କିନ୍ତୁ ଗାଁକୁ ଫେରିଥିବା ଜଣେ ଗ୍ରାମବାସୀ ତା'କୁ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପରାମର୍ଶ ଦେଉଛି।




## ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା



ସନାତନ ଧର୍ମ ପରମ୍ପରାରେ ଭଗବାନ ବିଷ୍ଣୁଙ୍କ ସତ୍ୟ ସ୍ୱରୂପକୁ ପୂଜା କରିବାର ବିଧି ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପାଳିତ ହୋଇଥାଏ । ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କ ପୂଜା କରାଯାଇଥାଏ । ତେବେ ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପ୍ରଭୁ ସତ୍ୟନାରାୟଣଙ୍କୁ ପୂଜା କରାଯାଇଥାଏ । ସ୍କନ୍ଧ ପୁରାଣରେ ସତ୍ୟନାରାୟଣ ବ୍ରତ କଥା ବର୍ଣ୍ଣିତ । ମୂଳତଃ ଏହି କଥା ୧୭୦ଟି ଶ୍ଳୋକ ମାଧ୍ୟମରେ ବର୍ଣ୍ଣିତ । ଏହାର ଦୁଇଟି ପ୍ରମୁଖ ବିଷୟ ରହିଛି । ସତ୍ୟ ପାଳନ ସମୟରେ ଅନେକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପାଳନ ନିମନ୍ତେ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି । କିନ୍ତୁ ସତ୍ୟ ପାଳନ ସମୟରେ କର୍ତ୍ତବ୍ୟରୁ ବିଚ୍ୟୁତ ହେଲେ ଭଗବାନଙ୍କ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ସତ୍ୟ ପ୍ରତିଷ୍ଠା ନିମନ୍ତେ ପୁରାଣରେ ସତ୍ୟନାରାୟଣ ବ୍ରତକୁ ସର୍ବଶ୍ରେଷ୍ଠ ବ୍ରତ ଭାବେ ବର୍ଣ୍ଣନା କରାଯାଇଛି । ପୂର୍ଣ୍ଣିମା ଏବଂ ବିଶେଷ ଶୁଭ ମୁହୂର୍ତ୍ତରେ ଭଗବାନ ସତ୍ୟନାରାୟଣଙ୍କ କଥା ଶ୍ରବଣ କରି ମନୁଷ୍ୟ ମାନସିକ ଏବଂ ଶାରୀରିକ ଭାବେ ପବିତ୍ର ହୋଇପାରିବ ।

# ହନୁମାନଙ୍କ ହୃଦୟରେ ସର୍ବଦା ଶ୍ରୀରାମ



ଆମ ବ୍ୟକ୍ତିତ୍ୱରେ ଯେଉଁ ଭଳି ଗୁଣ ପ୍ରତିଫଳିତ ହେଉଥିବ ଆମ ସହ ମିଳାମିଶା କରୁଥିବା ବ୍ୟକ୍ତିଙ୍କ ଉପରେ ତାହାର ପ୍ରଭାବ ନିଶ୍ଚେ ପଡ଼ିବ। ହନୁମାନଙ୍କ ଭିତରେ ଭକ୍ତି ରସ ଭରି ରହିଥିଲା। ତାଙ୍କ ଶରୀରର ପ୍ରତିଟି ଅଙ୍ଗରେ କେବଳ ଆଉ କେବଳ ରାମ ହିଁ ବାସ କରୁଥିଲେ। ଏହି କାରଣରୁ ହନୁମାନଙ୍କୁ ଯିଏ ଭେଟୁଥିଲା ତାକୁ ରାମଙ୍କ ସାନ୍ନିଧ ସୁଖ ମିଳୁଥିଲା। ତେଣୁ ତାଙ୍କର ଉପସ୍ଥିତି ହିଁ ନିଜ ଭିତରେ ଏକ ସୁରକ୍ଷା ଭାବ ସୃଷ୍ଟି କରିଥାଏ। ସୁନ୍ଦରକାଣ୍ଡରେ ହନୁମାନଙ୍କ ଲଙ୍କା ପ୍ରବେଶକୁ ନେଇ ହନୁମାନ ଏବଂ ଲଙ୍କନୀ ରାକ୍ଷସୀର ବାର୍ତ୍ତାଳାପକୁ ଗୋସ୍ୱାମୀ ତୁଳସୀଦାସ ଅତି ସୁନ୍ଦର ଭାବେ ବର୍ଣ୍ଣନା କରି ଲେଖିଛନ୍ତି। ସେ ହନୁମାନଙ୍କ ସହ ହୋଇଥିବା ଏହି ବାର୍ତ୍ତାଳପକୁ ସତ୍‌ସଙ୍ଗ ବୋଲି କହିଛନ୍ତି। ଯେଉଁଥିରେ ଆଗକୁ ଲଙ୍କା ପ୍ରବେଶ ପାଇଁ ହନୁମାନଙ୍କୁ ଏକ ପରାମର୍ଶ ଦେଇଛି ଲଙ୍କିନୀ। ଏହି ବିଚାରର ଚୌପାଇକୁ ତୁଳସୀଦାସ ଲଙ୍କନୀ ପରି ରାକ୍ଷସୀ ମୁହଁରେ କୁହାଇ କରିଛନ୍ତି, 'ପ୍ରବିଶି ନଗର କିଜେ ସବ କାଜା। ହୃଦୟ ରଖି କୋସଲପୁର ରାଜା।' ଅର୍ଥାତ୍ ଅଯୋଧ୍ୟାପୁରୀର ରାଜା ଶ୍ରୀରାମଙ୍କୁ ସ୍ମରଣ କରି ନଗର ମଧ୍ୟକୁ ପ୍ରବେଶ କରି ସବୁ କାର୍ଯ୍ୟ କର। ଶ୍ରୀରାମଚରିତମାନସର ଏହି ଚୌପାଇ ନିଜର ପ୍ରଭାବ କାରଣରୁ ହିଁ ମନ୍ତ୍ର ହୋଇଗଲା। ବିପଦକୁ ଛୋଟ ମଣିବା ହିଁ ତାହା ଉପରେ ବିଜୟ ହାସଲ କରିବାରେ ସହାୟତା କରିଥାଏ । ହନୁମାନଙ୍କ ହୃଦୟରେ ଶ୍ରୀରାମ ତ' ପୂର୍ବରୁ ଥିଲେ। କାରଣ ଲଙ୍କା ଅଭିଯାନ ପାଇଁ ବାହାରିବା ସମୟରେ ତାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି, 'ଯହ କହି ନାଇ ସବହ୍ନି କହୁଁ ମାଥା। ଚଲେଉ ହରଷି ହିୟଂ ଧରି ରଘୁନାଥା।' ହନୁମାନ କେବଳ ଦୁଇଟି କାମ କରୁଥିଲେ। ପ୍ରଥମଟି ହେଉଛି ଶ୍ରୀରାମଙ୍କୁ ହୃଦୟରେ ରଖିଥିଲେ ଏବଂ ଅନ୍ୟଟି ଆନନ୍ଦରେ ରହୁଥିଲେ। ଏହି କାରଣରୁ ହନୁମାନଙ୍କ ଉପସ୍ଥିତି ମାତ୍ରକେ ହିଁ ଲଙ୍କିନୀର ମନୋଭାବ ଦିବ୍ୟ ହୋଇଯାଇଥିଲା । ସେ ରାବଣର ଗଡ଼ ଜଗୁଥିଲେ ମଧ୍ୟ ହନୁମାନଙ୍କ କାର୍ଯ୍ୟର ଉଦ୍ଦେଶ୍ୟ ବିଷୟରେ ଜାଣି ତାଙ୍କୁ ଲଙ୍କା ଭିତରକୁ ପ୍ରବେଶ କରିବା ଲାଗି ଅନୁମତି ଦେବା ସହ ତାଙ୍କୁ ଉତ୍ସାହିତ କରିଥିଲା। ତେଣୁ ଆମେ ନିଜ ହୃଦୟକୁ ଯେତେ ଉଜାଗର ରଖିବା ବାହାରର ବାତାବରଣ ସେତେ ହିଁ ଶୁଭ ହେବ। ନିଜ ବ୍ୟକ୍ତିତ୍ୱକୁ ଯେତେ ଦୃଢ଼ କରିବା ଅନ୍ୟମାନେ ସେଥିରେ ସେତେ ପ୍ରଭାବିତ ହେବେ। ସର୍ବଦା ମନକୁ ପବିତ୍ର କରି ରଖିବା ଉଚିତ୍।

# ଗୋସେବା ଦ୍ୱାରା ପୁଣ୍ୟ ଲାଭ କଲେ ରାଜା ଦିଲୀପ

ସୂର୍ଯ୍ୟ ତଥା ଇକ୍ଷ୍ୱାକୁ ବଂଶରେ ଦିଲୀପ ନାମରେ ଜଣେ ରାଜା ଥିଲେ । ସେ ଅତ୍ୟନ୍ତ ପ୍ରଜାନୁରଞ୍ଜକ, ଧର୍ମପରାୟଣ ଏବଂ ଉଦାର ରାଜା ଥିଲେ। ଯୁଦ୍ଧ କ୍ଷେତ୍ରରେ ତାଙ୍କ ପରାକ୍ରମ ଅସୀମ ଥିଲା। କିନ୍ତୁ ତାଙ୍କ ହୃଦୟରେ କରୁଣା ପୂରି ରହିଥିଲା। ସର୍ବଦା ସେ ଧର୍ମ ଆଚରଣ କରୁଥିଲେ। ଦିଲୀପଙ୍କ ଅନ୍ୟ ନାମ ଥିଲା ଖଟ୍ୱାଙ୍ଗ। ରାଜା ଦିଲୀପ ଏକଦା ଦେବତାମାନଙ୍କ ପକ୍ଷରୁ ଯୁଦ୍ଧ କରିବା ଲାଗି ସ୍ୱର୍ଗପୁରୀକୁ ଯାଇଥିଲେ। ସେଠାରେ ସେ ଗୋମାତା କାମଧେନୁଙ୍କୁ ଭୁଲବଶତଃ ଦେଖିନପାରି ଚାଲିଗଲେ। କାମଧେନୁ ଭାବିଲେ ରାଜା ଦିଲୀପ ତାଙ୍କୁ ଅପମାନିତ କରିଛନ୍ତି, ତେଣୁ ସନ୍ତାନହୀନ ହୋଇଯିବାକୁ ସେ ରାଜାଙ୍କୁ ଅଭିଶାପ ଦେଲେ। ରାଜା ଚିନ୍ତିତ ହୋଇ ଗୋମାତା କାମଧେନୁଙ୍କୁ କ୍ଷମା ପ୍ରାର୍ଥନା କଲେ । କାମଧେନୁ କହିଲେ, ମୋର କନ୍ୟା ନନ୍ଦିନୀ ବ୍ରହ୍ମର୍ଷି ବଶିଷ୍ଠଙ୍କ ଆଶ୍ରମରେ ଅଛନ୍ତି, ତୁମେ ତାଙ୍କର ସେବା କରିବା ଦ୍ୱାରା ଶାପମୁକ୍ତ ହୋଇପାରିବ। ସୂର୍ଯ୍ୟବଂଶର କୁଳଗୁରୁ ଥିଲେ ବଶିଷ୍ଠ। ତେଣୁ ତାଙ୍କ ଠାରୁ ଆଜ୍ଞା ଲାଭ କରି ରାଜା ଦିଲୀପ ଆସି ନନ୍ଦିନୀ ଗୋମାତାଙ୍କ ସେବା କଲେ। ଦିଲୀପଙ୍କ ପତ୍ନୀ ସୁଦକ୍ଷୀଣା ମଧ୍ୟ ତାଙ୍କୁ ସହାୟତା କଲେ। ରାଜା-ରାଣୀ ଦୁହେଁ ଆଶ୍ରମରେ ରହିଲେ ଏବଂ ପ୍ରତିଦିନ ଗୋ ମାତାଙ୍କୁ ସେବା କଲେ। ରାଜା ଗୋମାତା ନନ୍ଦିନୀଙ୍କୁ ଜଙ୍ଗଲକୁ ଚରାଇବାକୁ ନେଉଥିଲେ। ସନ୍ଧ୍ୟାରେ ଆଶ୍ରମକୁ ଫେରାଇ ଆଣି ଗୁରୁଙ୍କ ଆଜ୍ଞାକ୍ରମେ କ୍ଷୀର ଦୁହୁଁଥିଲେ। ଏପରିକି ନନ୍ଦିନୀ ଯେଉଁ ସ୍ଥାନରେ ଶୋଉଥିଲେ, ସେଠାରେ ହିଁ ରାଜା ନିଜର ବିଛଣା ପାରି ବିଶ୍ରାମ ନେଉଥିଲେ। ଏମିତି ୨୧ ଦିନ ପର୍ଯ୍ୟନ୍ତ ରାଜା ଦିଲୀପ ଗୋସେବା ଜାରି ରଖିଲେ।

୨୨ତମ ଦିନ ରାଜା ଗୋମାତା ନନ୍ଦିନୀଙ୍କୁ ନେଇ ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ଏହି ସମୟରେ କୁଆଡ଼ୁ ଏକ ସିଂହ ଆସି ନନ୍ଦିନୀ ଗୋମାତାଙ୍କ ଉପରକୁ ଝପଟି ପଡ଼ିଲା। ରାଜା ଧନୁ-ଶର ଉଠାଇ ସେହି ସିଂହକୁ ମାରିବାକୁ ଉଦ୍ୟତ ହେଲେ। ମାତ୍ର ଆଶ୍ଚର୍ଯ୍ୟର କଥା ତାଙ୍କ ହାତ ଧନୁରେ ସେମିତି ସ୍ଥିର ହୋଇଗଲା। ଆଉ ଆଗକୁ ବଢ଼ିଲା ନାହିଁ। ରାଜା କ'ଣ କରିବେ କିଛି ବୁଝିପାରିଲେ ନାହିଁ। ଏହି ସମୟରେ ସେହି ସିଂହ ମଣିଷଙ୍କ ଭଳି କଥା କହୁଥିବା ରାଜା ଶୁଣିପାରିଲେ। ସିଂହ କହୁଥିଲା ଯେ "ରାଜନ! ତୁମର ଅସ୍ତ୍ର ମୋର କୌଣସି କ୍ଷତି କରିପାରିବ ନାହିଁ। କାରଣ ମୁଁ ହେଉଛି ଭଗବାନ ଶଙ୍କରଙ୍କ ସେବକ କୁମ୍ଭୋଦର। ଏହି ବୃକ୍ଷଗୁଡ଼ିକର ସେବା ଲାଗି ଭଗବାନ ଶିବ ମୋତେ ନିଯୁକ୍ତ କରିଛନ୍ତି। ତୁମର ଶର ମୋତେ ମାରିପାରିବ ନାହିଁ। ଯେଉଁ ଜୀବ ଏହି ବୃକ୍ଷଗୁଡ଼ିକ ନିକଟକୁ ଆସିବ ସେ ମୋର ଆହାର ହେବ। ଆଜି ଏ ଗାଈ ମୋର ଆହାର ହେବ, ତେଣୁ ତୁମେ ଫେରିଯାଅ। ରାଜା କହିଲେ, ହେ ସିଂହରାଜ! ଯେପରି ଭଗବାନ ଶଙ୍କରଙ୍କ ଏହି ବୃକ୍ଷର ସୁରକ୍ଷା ଦାୟିତ୍ୱ ଆପଣଙ୍କର, ସେହିପରି ଗୁରୁଦେବଙ୍କ ଗାଈର ରକ୍ଷା କରିବା ମୋର ମଧ୍ୟ କର୍ତ୍ତବ୍ୟ। ଆପଣଙ୍କୁ ଆହାର ଦରକାର, ତେଣୁ ମୁଁ ନିଜ ଶରୀର ଆପଣଙ୍କୁ ସମର୍ପି ଦେଉଛି। ଆପଣ ମୋତେ ଖାଇ ନିଜ କ୍ଷୁଧା ଶାନ୍ତ କରନ୍ତୁ। ଗୋମତା ନନ୍ଦିନୀଙ୍କୁ ଛାଡ଼ିଦିଅନ୍ତୁ। କାରଣ ଏହାଙ୍କ ଛୋଟ ବାଛୁରୀ ତାଙ୍କୁ ଅପେକ୍ଷା କରିଛି।ସିଂହ ରାଜାଙ୍କୁ ବୁଝାଇବାକୁ ଅନେକ ଚେଷ୍ଟା କଲା, ମାତ୍ର ରାଜା କିଛି ଶୁଣିଲେ ନାହିଁ। ସେ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସିଂହ ସମ୍ମୁଖରେ ଆଖି ବନ୍ଦ କରି ବସିରହିଲେ। ରାଜା ମୃତ୍ୟୁକୁ ଅପେକ୍ଷା କରିଥିଲ, କିନ୍ତୁ ତାଙ୍କୁ ନନ୍ଦିନୀଙ୍କ ଅମୃତବାଣୀ ଶୁଣିବାକୁ ମିଳିଲା- ବତ୍ସ! ଉଠ, ତୁମ ପରୀକ୍ଷା ପୂରଣ ହୋଇସାରିଛି। ମୁଁ ତୁମ ଉପରେ ଅତ୍ୟନ୍ତ ପ୍ରସନ୍ନ, ଯାହାକିଛି ବରଦାନ ଚାହୁଁଛ, ମାଗିପାର। ରାଜା ଆଖି ଖୋଲିବାରୁ ଆଗରେ ଗୋମାତା ନନ୍ଦିନୀଙ୍କୁ ଦେଖିପାରିଲେ। ସିଂହ ସେଠାରେ ନଥିଲା। ରାଜା ନିଜ ବଂଶ ଆଗକୁ ବଢ଼ାଇବା ଲାଗି ପୁତ୍ର ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କଲେ। ଗୋମାତା ନନ୍ଦିନୀ କହିଲେ, ତୁମେ ମୋର କ୍ଷୀର ଦୁହିଁ ପିଇଦିଅ। ତା'ପରେ ତୁମେ ପୁତ୍ରଲାଭ କରିବ।ରାଜା କହିଲେ, ମାତା! ଆପଣଙ୍କ କ୍ଷୀରର ପ୍ରଥମ ଅଧିକାର ଆପଣଙ୍କ ବାଛୁରୀର। ଏହାପରେ ଗୁରୁଦେବ ବଶିଷ୍ଠ ତାହା ପ୍ରାପ୍ତ କରିପାରିବେ। ତା'ପୂର୍ବରୁ କିମ୍ବା ଗୁରୁଦେବଙ୍କ ଅନୁମତି ବିନା ମୁଁ ଆପଣଙ୍କ କ୍ଷୀର ପିଇପାରିବି ନାହିଁ। ଆପଣ ମୋତେ କ୍ଷମା କରନ୍ତୁ।ଗୋମାତା ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ- ତଥାସ୍ତୁ!



ସନ୍ଧ୍ୟାକାଳରେ ଆଶ୍ରମକୁ ଫେରି ରାଜା ଗୁରୁଦେବ ବଶିଷ୍ଠଙ୍କୁ ସବୁକଥା ଶୁଣାଇଲେ। ଗୁରୁଦେବ ଗୋଦହନ ପରେ ନିଜ ହାତରେ ରାଜା ଏବଂ ରାଣୀଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହିତ କ୍ଷୀର ପିଇବାକୁ ଦେଲେ। ଗୌସେବା ଏବଂ ଦୁଗ୍ଧପାନ କରିବା ପରେ ରାଜା ଏବଂ ରାଣୀ ରାଜଭବନକୁ ଫେରିଆସିଲେ। କିଛିଦିନ ପରେ ରାଣୀ ଗର୍ଭବତୀ ହେଲେ। ତାଙ୍କର ଜଣେ ପୁତ୍ର ଜାତ ହେଲା। ଯାହାଙ୍କ ନାଁ ରଖାଗଲା- ରଘୁ- ଅର୍ଥାତ୍ ଯିଏ ଶାସ୍ତ୍ରଜ୍ଞାତା ଏବଂ ଯୁଦ୍ଧକ୍ଷେତ୍ରରେ ଯାହାଙ୍କ ସମ୍ମୁଖରେ ଶତ୍ରୁମାନେ ଛିଡ଼ା ହେବାକୁ ମଧ୍ୟ ଭୟ କରିଥା'ନ୍ତି। ସୂର୍ଯ୍ୟବଂଶର ଅତ୍ୟନ୍ତ ପ୍ରଭାବଶାଳୀ ରାଜା ଥିଲେ ରଘୁ। ଥରେ ରାଜା ଦିଲୀପ ୧୦୦ ଅଶ୍ୱମେଧ ଯଜ୍ଞ କରିବାକୁ ବାହାରିଲେ। ମାତ୍ର ଯଜ୍ଞ ଆୟୋଜନ ସମୟରେ ଦେବରାଜ ଇନ୍ଦ୍ର ନାନା ବାଧାବିଘ୍ନ ଉତ୍ପନ୍ନ କରିବା ଲାଗି ପ୍ରୟାସ କଲେ। କାରଣ ଇନ୍ଦ୍ର ଭୟ କରୁଥିଲେ ଯେ ୧୦୦ ଯଜ୍ଞ କରିସାରିବା ପରେ ରାଜା ଦିଲୀପ ତାଙ୍କ ସିଂହାସନକୁ ଦଖଲ କରିନେବେ। ହେଲେ ରଘୁ ବୀରତ୍ୱର ସହିତ ସବୁ ବାଧାବିଘ୍ନକୁ ଦୂର କରିବାରେ ସଫଳ ହେଲେ। ରାଜା ଦିଲୀପଙ୍କ ଯଜ୍ଞ ସଫଳ ହେଲା। ଜୀବନର ଅନ୍ତିମ ପର୍ଯ୍ୟାୟରେ ସେ ନିଜ ପୁତ୍ରଙ୍କୁ ରାଜସିଂହାସନ ଅର୍ପଣ କରି ତପସ୍ୟା କରିବା ଲାଗି ଜଙ୍ଗଲକୁ ଚାଲିଯାଇଥିଲେ ।

## ଚକ୍ଷୁ ସମସ୍ୟାରୁ ମୁକ୍ତି ଦିଏ ପେସ୍ତା

ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ଖାଇଥାଉ । ଭୁରି ଭୋଜନ ବ୍ୟତୀତ ଆମେ ଏମିତି କିଛି ଖାଦ୍ୟ ବି ଖାଇଥାଉ ଯାହା ସ୍ୱାଦିଷ୍ଟ ହେବା ସହ



ଶରୀରରକୁ ବିଭିନ୍ନ ଜରୁରୀ ଉପାଦାନ ଯୋଗାଇଥାଏ। ଆଜିକା ସମୟରେ ଅଧିକାଂଶ ଲୋକେ ପ୍ରତିଦିନ କିଛି କିଛି ଡ୍ରାଏ ଫ୍ରୁଟସ ଖାଇବା ଅଭ୍ୟାସ କଲେଣି । ଏହି ଡ୍ରାଏ ଫ୍ରୁଟସ ମଧ୍ୟରୁ ପେସ୍ତା ହେଉଛି ଅନ୍ୟତମ । ଆଉ ମଧ ଏଥିରେ ଥିବା ଭରପୁର ଆଣ୍ଟି ଅକ୍ସିଡେଣ୍ଟ ହୃଦରୋଗ, କ୍ୟାନ୍ସର ପରି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ ଆଜି ପେସ୍ତାର ଆଉ କିଛି କିଛି ଉପାଦେୟ ଗୁଣ ବିଷୟରେ ଜାଣିବା ।

ଅତ୍ୟଧିକ ପ୍ରଦୂଷଣ, ଅନିୟମିତ ଦିନଚର୍ଯ୍ୟା କାରଣରୁ ଖୁବ କମ ବୟସରୁ ଅଧିକାଂଶ ଲୋକେ ଚକ୍ଷୁ ଜନିତ ସମସ୍ୟାରେ ପୀଡ଼ିତ ହେଉଛନ୍ତି । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଲ୍ୟୁଟିନ, ଜ୍ୱିକ୍ସାଥିନ ମୋତିୟାବିନ୍ଦୁ ଓ ବୟସ ଜନିତ ଚକ୍ଷୁ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାବ୍ୟତୀତ ପେସ୍ତା କାର୍ବୋହାଇଡ୍ରେଟ, ଫାଇବର , ଫ୍ୟାଟ, ଆମିନା ଏସିଡ ମୁହଁ ଦୁର୍ଗନ୍ଧ, ମୁଣ୍ଡ ବିନ୍ଧା, କୋଷ୍ଠକାଠିନ୍ୟ, କୁଣ୍ଡେଇ ହେବା ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଲି ସେତିକି ନୁହେଁ ପାଚନ ସମସ୍ୟାକୁ ବି ଏହା ସୁଧାରି ଥାଏ । ଶରୀରରେ ସୁସ୍ଥ ବ୍ୟାକ୍ଟେରିଆ ସଂଖ୍ୟାକୁ ମଧ ବଢ଼ାଇ ଥାଏ । ପିସ୍ତା ତେଲରେ ମୁଣ୍ଡ ମାଲିସ କଲେ ମଧ ଦୀର୍ଘଦିନର ମୁଣ୍ଡ ଯନ୍ତ୍ରଣା ଦୂର ହୁଏ । ନିର୍ଦ୍ଦିଷ୍ଟ ମାତ୍ରାରେ ନିୟମିତ ସେବନ କରିବା ଦ୍ୱାରା ଥକ୍କା ପଣ ମେଣ୍ଟିବା ସହ ରକ୍ତରେ ଶର୍କରା ମାତ୍ରା ସନ୍ତୁଳିତ ରହିଥାଏ ।

# ରାଜ୍ୟରେ ଗୁଣାତ୍ମକ ଆଳୁ ବିହନ ବିତରଣ କରାଯିବ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଚଳିତ ରବି ଋତୁରେ ରାଜ୍ୟର ୫୦,୦୦୦ ଏକର୍ ପାଖାପାଖି ଜମିରେ ଆଳୁ ଚାଷ କରିବାର ଲକ୍ଷ୍ୟ ରହିଛି। ଏଥିପାଇଁ ପ୍ରାମାଣିକ ବିହନ ଆଳୁ ପଞ୍ଜାବରୁ ଅଣାଯାଇ ରାଜ୍ୟର ଚାଷୀ ମାନଙ୍କୁ କିଲୋ ପ୍ରତି ୨୦ ଟ. ଦରରେ ବିକ୍ରୀ କରାଯାଉଛି ଓ ଆଳୁ ବିହନ ଜମିରେ ଲଗେଇବା ପରେ କିଲୋ ପ୍ରତି ୧୦ ଟ. ଫେରେଇ ଦେବାର ଯୋଜନା ରହିଛି।



ଏପର୍ଯ୍ୟନ୍ତ ପ୍ରାୟ ୧.୦ ଲକ୍ଷ କ୍ୱିଂଟାଲ ଉନ୍ନତ ମାନର ବିହନ ଆଳୁ ୩୦ ଟି ଜିଲ୍ଲାର ବିଭିନ୍ନ ବ୍ଲକରେ ବଂଟନ କରାଗଲାଣି। ନଭେମ୍ବର ମାସ ଶେଷ ଶୁଦ୍ଧା ସମସ୍ତ ବିହନ ଆଳୁ ଯୋଗାଇ ଦେବାପାଇଁ ରାଜ୍ୟ ବିହନ ନିଗମ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକଂକୁ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଆଳୁ ବିହନ ପାଇବା ପରେ ବିଶୋଧନ କରି ଉନ୍ନତ ପ୍ରଣାଳୀ ଅବଲମ୍ବନ କରି ଜମିରେ ଲଗେଇବା ପାଇଁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଆଳୁ ବିହନ ବିତରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ବିବରଣୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜେ ତଦାରଖ କରୁଛନ୍ତି।

ବୈଠକରେ ବିହନ ଆଳୁର ଗୁଣାତ୍ମକ ମାନ ଓ ସମୟ ଅନୁଯାୟୀ ବଂଟନ ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱ ଆରୋପ କରିଥିଲେ। ରାଜ୍ୟରେ ଅନୁକୂଳ ଜଳବାୟୁ ଅନୁଯାୟୀ ଆଳୁ ଚାଷର ସଫଳତା ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ବିହନ ଆଳୁର ବିତରଣ ସମ୍ବନ୍ଧରେ ଆଜି କୃଷି ଭବନରେ ପ୍ରମୁଖ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋରଖ୍ କାଲୁଂଗେ, ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିହନ ନିଗମ ନିତି ରଞ୍ଜନ ସେନ ଓ କୃଷି ଓ ଉଦ୍ୟାନ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

# କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଦକ୍ଷତା ବିକାଶ ତାଲିମ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଓଡିଶାରେ ମହିଳା ସଶକ୍ତିକରଣ, ମହିଳା ମାନଙ୍କ ବିକାଶ ଓ ଜୀବନ ଜୀବିକା ସୁଦୃଢ଼ିକରଣର ଲକ୍ଷ୍ୟ ନେଇ ମିଶନ ଶକ୍ତି ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟର ୬୨,୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାଇଁ ଦୁଇ ଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଆଜି ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚରେ ପୁରୀ, ଗଞ୍ଜାମ ଓ କେନ୍ଦୁଝର ଜିଲ୍ଲାର ୧୫୦ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଛନ୍ତି। ପର୍ଯ୍ୟାୟ କ୍ରମେ ଏହି ପ୍ରଶିକ୍ଷଣକୁ ସମଗ୍ର ରାଜ୍ୟରେ ସମ୍ପ୍ରସାରଣ କରାଯିବ। ମିଶନ ଶକ୍ତି ଭବନ ଠାରେ ଆୟୋଜିତ "ଦୁଇ ଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ"ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇ ତିନୋଟି ଜିଲ୍ଲାରୁ ଆସିଥିବା ମା ମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି ।ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ତୃଣମୂଳସ୍ତରରେ ପରିଚାଳନା କରିବାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ମୁଖ୍ୟ ଭୂମିକା ନିଭାଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟକ୍ରମକୁ ବ୍ୟବସାୟିକ ମାର୍ଗଦର୍ଶନ, ପାଣ୍ଠି ପରିଚାଳନା, ବଜାର ଯୋଗାଯୋଗ ଏବଂ ଆର୍ଥିକ ଶିକ୍ଷା ମାଧ୍ୟମରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ମହିଳା ଉଦ୍ୟୋଗୀଙ୍କ ଆୟବୃଦ୍ଧିର ମୂଳ ଆଧାର ହୋଇପାରିଛନ୍ତି। ଏହି ତାଲିମ ମାଧ୍ୟମରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ମହିଳା ଉଦ୍ୟୋଗୀ ସୃଷ୍ଟି କରି ସେମାନଙ୍କୁ ବଜାର ଭିତ୍ତିକ ଜୀବନ ଜୀବିକା ମାଧ୍ୟମରେ ଆୟ ବୃଦ୍ଧି କରିବାରେ ସହାୟକ ହେବ । କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ସକ୍ରିୟ ଯୋଗଦାନ ମାଧ୍ୟମରେ ପ୍ରତ୍ୟେକ ଘରେ ଜଣେ 'ଲକ୍ଷପତି ଦିଦି' ସୃଷ୍ଟି କରିବା ହେଉଛି ମିଶନ ଶକ୍ତିର ଲକ୍ଷ୍ୟ । କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନୂତନ ଜ୍ଞାନ କୌଶଳ ଓ ଦୈନନ୍ଦିନ କାର୍ଯ୍ୟ ସମ୍ପର୍କିତ ଦକ୍ଷତା ବୃଦ୍ଧି କରିବା ସହିତ ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ଓ ସେମାନଙ୍କୁ ସଠିକ ଜୀବନଜୀବିକା ମାଧ୍ୟମରେ ନିଜ ଆୟର ସ୍ତରକୁ ବଢ଼ାଇ 'ଲକ୍ଷପତି ଦିଦି'ରେ ପରିଣତ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଦକ୍ଷତା ବୃଦ୍ଧି କରିବା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉଦ୍ୟୋଗ ପରିଚାଳନା, ବ୍ୟବସାୟ ପ୍ରସ୍ତୁତି, ପାଣ୍ଠି ପରିଚାଳନା ଓ ବଜାର ଯୋଗାଯୋଗ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେବ।

# କିଟ୍ ଓ ଆପୋଲୋ ଟାୟାର୍ସ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଟାୟାର ଟେକ୍ନୋଲୋଜି ପାଠ୍ୟକ୍ରମ ନେଇ କିଟ୍ ବିଶ୍ୱବିଦ୍ୟାଳୟ ଓ ଆପୋଲୋ ଟାୟାର୍ସ ମଧ୍ୟରେ ମଙ୍ଗଳବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏଥିରେ ସ୍ୱାକ୍ଷର କରିଥିବା ବେଳେ ଆପୋଲୋ ଟାୟାର୍ସ ପକ୍ଷରୁ ଫିଲ୍ଡ ଟେକ୍ନିକାଲ୍ ସର୍ଭିସ୍ ମୁଖ୍ୟ ଅନୀତ ଚାକୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏଭଳି ବୁଝାମଣା ଭାରତରେ ପ୍ରଥମ ଥର ପାଇଁ କୌଣସି ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହା ସହ ଟାୟାର ଟେକ୍ନୋଲୋଜିରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରିବାରେ କିଟ୍ ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି। ଏହି ବୁଝାମଣା ଫଳରେ କିଟ୍ ଟାୟାର ବିଜ୍ଞାନ, ଟାୟାର ଡିଜାଇନ୍, ଉତ୍ପାଦନ, ପରୀକ୍ଷଣ ଏବଂ ସ୍ଥାୟିତ୍ୱକୁ ଅନ୍ତର୍ଭୁକ୍ତ କରୁଥିବା ଏକ ସ୍ୱତନ୍ତ୍ର ଇଚ୍ଛାଧୀନ ବିଷୟ ପ୍ରଦାନ କରିବ। ପୂର୍ବରୁ ଭାରତରେ ଏକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଆନୁଷ୍ଠାନିକ ଭାବରେ ଏଭଳି ସଂପୃକ୍ତି ନଥିଲା ବୋଲି କୁହାଯାଉଛି। ବୁଝାମଣା ଅନୁସାରେ ଆପୋଲୋ ଟାୟାର୍ସ ବିଶ୍ୱବିଦ୍ୟାଳୟକୁ ପାଠ୍ୟକ୍ରମ ବିକାଶ, ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତ ଏବଂ ନୂତନତମ ଶିଳ୍ପ ଧାରା ସହିତ ଶିକ୍ଷାଦାନକୁ ସମନ୍ୱିତ କରିବାରେ ସହାୟତା କରିବ।




# ପାୱାର ଇଲେକ୍ଟ୍ରୋନିକ୍ସ କର୍ମଶାଳା

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) 'ସମଗ୍ର ପାୱାର ଇଲେକ୍ଟ୍ରୋନିକ୍ସ ପାଇଁ ଏକ ପାଇଲଟ୍ ଲାଇନ ସ୍ଥାପନ' ଶୀର୍ଷକ ଏକ ଦିନିକିଆ ଜାତୀୟ କର୍ମଶାଳା ଆୟୋଜନ କରିଥିଲା, ଯେଉଁଥିରେ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସଏମ) ଅଧୀନରେ ଭାରତର ସେମିକଣ୍ଡକ୍ଟର ମହତ୍ୱାକାଂକ୍ଷାକୁ ଆଗକୁ ବଢ଼ାଇବା ପାଇଁ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ ପ୍ରମୁଖ ପ୍ରତିନିଧିମାନଙ୍କୁ ଏକତ୍ର କରାଯାଇଥିଲା। ଏହି କର୍ମଶାଳାର ଲକ୍ଷ୍ୟ ଥିଲା ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠିତ ହେବାକୁ ଥିବା ଇଲେକ୍ଟ୍ରୋନିକ୍ସ ପାୱାର ଇଲେକ୍ଟ୍ରୋନିକ୍ସ ହବ୍ ପାଇଁ ପ୍ରସ୍ତାବକୁ ଆକାର ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା ସଂଗ୍ରହ କରିବା। ନିଜର ଅଭିଭାଷଣରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଜାତୀୟ ଗତି ଏବଂ ଦୃଢ଼ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, 'ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସେମିକଣ୍ଡକ୍ଟର ଇକୋସିଷ୍ଟମ ପାଇଁ ଏକ ଦୃଢ଼ ଶିଳ୍ପ-ଶିକ୍ଷାକ୍ଷେତ୍ର-ସରକାର ସହଭାଗୀତା ଗଠନ ପାଇଁ ଏକ ଦେଶବ୍ୟାପୀ ପ୍ରୟାସ ଚାଲିଛି। ଆଇଏସଏମର ପରାମର୍ଶଦାତା ପ୍ରଫେସର ରାଓ ତୁମମାଲା କର୍ମଶାଳାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ, ଦୁଇଟି ପ୍ରାଥମିକ ଲକ୍ଷ୍ୟ ସ୍ପଷ୍ଟ କରିଥିଲେ: ଶିଳ୍ପ ପ୍ରୋଟୋଟାଇପ୍ ପାଇଁ ଏକ ପାଇଲଟ୍ ଲାଇନ୍ ସହିତ ଓଓଞ୍ଜ ଭୁବନେଶ୍ୱରକୁ ଏକ ସମନ୍ୱିତ ପାୱାର ଇଲେକ୍ଟ୍ରୋନିକ୍ସ ହବ୍ ଭାବରେ ପ୍ରତିଷ୍ଠା କରିବା, ଏବଂ ଛଅଟି ରାଜ୍ୟରେ ବିଦ୍ୟମାନ ପ୍ୟାକେଜ୍ ଉତ୍ପାଦନ ଲାଇନ୍ ବିସ୍ତାର କରିବା ପାଇଁ ଏକ ଶିଳ୍ପ ସଂଘ ସ୍ଥାପନ କରିବା।

# ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ବୈଠକ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ବିଶ୍ୱବ୍ୟାଙ୍କର ଏକ ପ୍ରତିନିଧି ଦଳ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହିତ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଯୋଗଦେଇ ଥିଲେ ବିଶ୍ୱ ବ୍ୟାଙ୍କର ଦକ୍ଷିଣ ଏସିଆ ଆଂଚଳିକ ଉପସଭାପତି ଜୋହାନେସ୍ ଜୁଟ୍ ଏବଂ ଆଂଚଳିକ ନିର୍ଦ୍ଦେଶକ ଇମାଦ୍ ଫାକୁରୀଙ୍କ ସମେତ ବିଶ୍ୱବ୍ୟାଙ୍କର ଅନ୍ୟ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।



ବୈଠକରେ ମୁଖ୍ୟ ଶାସନ ସଚିବ ଓଡ଼ିଶାର ଅଭିବୃଦ୍ଧି ପରିପ୍ରେକ୍ଷୀରେ ରାଜ୍ୟର ଆଗାମୀ ଲକ୍ଷ୍ୟ, ଆର୍ଥିକ ବ୍ୟବସ୍ଥା, ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସଂପର୍କରେ ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟରେ କୃଷିଭିତ୍ତିକ ଅର୍ଥନୀତି, ଶିଳ୍ପ ବିକାଶ, ଦକ୍ଷତା ବିକାଶ, ବନ୍ଦରଭିତ୍ତିକ ବିକାଶ ଆଦି ସଂପର୍କରେ ଆଲୋଚନା କରିବା ସହିତ ଓଡ଼ିଶାକୁ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଉପସ୍ଥାପିତ କରିଥିଲେ। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ରାଜ୍ୟର ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ସଂପର୍କରେ ଭିଜନ ଡକ୍ୟୁମେଣ୍ଟ ଉପସ୍ଥାପନ କରିଥିଲେ। ରାଜ୍ୟର ଭୌଗୋଳିକ, ଜନସଂଖ୍ୟା, ଅଭିବୃଦ୍ଧିର କ୍ରମବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ସାଂପ୍ରତିକ ସ୍ଥିତି ସଂପର୍କରେ ସେ ଉପସ୍ଥାପନ କରିବା ସହ ରାଜ୍ୟର ପ୍ରାକୃତିକ ସଂପଦ, ଖଣିଜ ସଂପଦ, ସୁଦୀର୍ଘ ସାମୁଦ୍ରିକ ବେଳାଭୂମି, ଜଳ ସଂପଦ, ଯୁବ ଶକ୍ତି ସଂବଳ, ଅର୍ଥନୈତିକ ଓ ବିତ୍ତୀୟ ସ୍ଥିରତା ଯୋଗୁଁ ରାଜ୍ୟର ଆଗାମୀ ବିକାଶର ଉଜ୍ଜ୍ୱଳ ସମ୍ଭାବନା ଉପରେ ସେ ଆଲୋଚନା କରିଥିଲେ। ବିଭିନ୍ନ ସମୟରେ ଓଡ଼ିଶା ସମ୍ମୁଖୀନ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ, ଦାରିଦ୍ର୍ୟ ଦୂରୀକରଣ, ଦକ୍ଷତା ବିକାଶ, ଜନଜାତିଙ୍କ ସଶକ୍ତିକରଣ, ଭିତ୍ତିଭୂମି ବିକାଶ, ନିରନ୍ତରତା ଭିତ୍ତିରେ ସହରାଂଚଳ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟରେ ଗୁଣାତ୍ମକ ଉନ୍ନତି ଏବଂ ଅତ୍ୟାବଶ୍ୟକ ମୌଳିକ ସେବା ପ୍ରଦାନ କ୍ଷେତ୍ରରେ ରାଜ୍ୟର ଆହ୍ୱାନ ଓ ସେ ସଂପର୍କରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସେ ଉପସ୍ଥାପନ କରିଥିଲେ। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ପାଢୀ ରାଜ୍ୟରେ କୃଷିଭିତ୍ତିକ ଯୋଜନା ଓ କାର୍ଯ୍ୟକ୍ରମ, କୃଷିରେ ଉତ୍ପାଦନ ବୃଦ୍ଧି, କୃଷି ବିବିଧିକରଣକୁ ଗୁରୁତ୍ୱ, ରୋଗପୋକ ନିୟନ୍ତ୍ରଣରେ ସଫଳତା ସଂପର୍କରେ ଆଲୋଚନା କରିବା ସହ ପ୍ରାକୃତିକ ବିପର୍ଯ୍ୟୟ କୃଷି ପରିଚାଳନା ପାଇଁ ଆହ୍ୱାନ ରହିଥିବା ସଂପର୍କରେ କହିଥିଲେ। ଇପିକଲର ପରିଚାଳନା ନିର୍ଦ୍ଦେଶକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ରାଜ୍ୟରେ ଶିଳ୍ପ ଇକୋସିଷ୍ଟମ ଓ ରାଜ୍ୟର ବିଭିନ୍ନ ଅଂଚଳରେ ଶିଳ୍ପ ଓ ଆନୁଷଙ୍ଗିକ ଶିଳ୍ପର ବିକାଶ ଓ ପୁଞ୍ଜି ନିବେଶ ସଂପର୍କରେ ଅ।ଲୋକପାତ କରିଥିଲେ। ଓଡିଶାର ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଓ ଆଗାମୀ ଦୃଷ୍ଟିକୋଣକୁ ବିଶ୍ୱବ୍ୟାଙ୍କର ପ୍ରତିନିଧିମାନେ ଉଚ୍ଚ ପ୍ରଶଂସା କରିଥିଲେ। ବିଶ୍ୱବ୍ୟାଙ୍କ ଟିମ୍‌ର ପ୍ରତିନିଧିମାନେ ରାଜ୍ୟରେ ଦକ୍ଷତା ବିକାଶ, କୃଷି, ପର୍ଯ୍ୟଟନ, ଏମଏସଏମଇ, ନିଯୁକ୍ତି ସୁଯୋଗ, ରୋଜଗାର ବୃଦ୍ଧି, ନିରନ୍ତରତା ଭିତ୍ତିରେ ଅଭିବୃଦ୍ଧି, ସହରାଂଚଳରେ ଆବାସ ଆଦି କ୍ଷେତ୍ରରେ ଆବଶ୍ୟକ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାକୁ ଏକ ଶ୍ରେଷ୍ଠ ପର୍ଯ୍ୟଟନ ଲକ୍ଷ୍ୟସ୍ଥଳ ରାଜ୍ୟ ଭାବେ ଅଭିହିତ କରି ଓଡ଼ିଶାରେ ପୁଞ୍ଜି ନିବେଶ ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ନେଇ ଆନ୍ତର୍ଜାତୀୟ ସ୍ତରରେ ଆଲୋଚନା କରିବେ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି।

# ହିନ୍ଦୋଳ ରୋଡ୍ ଷ୍ଟେସନରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଗୁରୁବାର ସକାଳେ ହିନ୍ଦୋଳ ରୋଡ୍ ରେଳ ଷ୍ଟେସନ ଠାରେ ଏକ ପୂର୍ଣ୍ଣ-ମାତ୍ରା ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ ଆୟୋଜନ କରିଥିଲା ଯାହା ଦ୍ୱାରା ଟ୍ରେନ୍ ଦୁର୍ଘଟଣା ପରିଚାଳନା ପାଇଁ ପ୍ରସ୍ତୁତି ମୂଲ୍ୟାଙ୍କନ ସହ ଜରୁରୀକାଳୀନ ପରିସ୍ଥିତିରେ ଦ୍ରୁତ ପୁନରୁଦ୍ଧାର, ପ୍ରଭାବଶାଳୀ ଯାତ୍ରୀ ସହାୟତା ଏବଂ ଟ୍ରେନ ପରିଚାଳନାର ଶୀଘ୍ର ସ୍ୱାଭାବିକୀକରଣ ସୁନିଶ୍ଚିତ କରିବା ପାଇଁ ଧ୍ୟାନ ଦିଆଯାଇଥିଲା । ଭାରତୀୟ ରେଳବାଇ ନିୟମିତ ଭାବରେ ଏହାର ସମସ୍ତ ରେଳମଣ୍ଡଳ ମାନଙ୍କରେ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରିଥାଏ । ଏହି ଅଭ୍ୟାସଗୁଡ଼ିକ ନିମ୍ନଲିଖିତ କାର୍ଯ୍ୟ ପାଇଁ ଡିଜାଇନ୍ କରାଯାଇଛି: ଦୁର୍ଘଟଣା ପରି ପରିସ୍ଥିତିରେ ରେଳ କର୍ମଚାରୀ, ଏନଡିଆରଏଫ ଦଳ ଏବଂ ସ୍ଥାନୀୟ ସହଭାଗୀ ମାନଙ୍କର ଜରୁରୀକାଳୀନ ପ୍ରସ୍ତୁତି ପରୀକ୍ଷା କରିବା। ଆରପିଏଫ, ସରକାରୀ ରେଳ ପୁଲିସ, ଅଗ୍ନିଶମ ସେବା, ଡାକ୍ତରୀ ୟୁନିଟ୍ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସମେତ ବହୁ-ଭାଗିଦାରୀ ସଂସ୍ଥା ମାନଙ୍କ ମଧ୍ୟରେ ସମନ୍ୱୟ ଉନ୍ନତ କରିବା । ଯାତ୍ରୀମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର, ପ୍ରାଥମିକ ଚିକିତ୍ସା, ଆହତମାନଙ୍କୁ ସ୍ଥିରୀକରଣ ଏବଂ ଲାଇନଚ୍ୟୁତ କୋଚ୍ ରୁ ଫସି ରହିଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା ଭଳି ପଦକ୍ଷେପ ଏବଂ ରିଲିଫ୍ କାର୍ଯ୍ୟ ଅଭ୍ୟାସ କରିବା । ବିଳମ୍ବ କିମ୍ବା ବିଳମ୍ବ ଭଳି କାର୍ଯ୍ୟଗୁଡିକର କାରଣ ଚିହ୍ନଟ କରି ବାସ୍ତବ-ସମୟ ବିପର୍ଯ୍ୟୟ ପ୍ରତିକ୍ରିୟାକୁ ବୃଦ୍ଧି କରିବା ପାଇଁ ସଂଶୋଧନାତ୍ମକ ପଦକ୍ଷେପ କାର୍ଯ୍ୟକାରୀ କରି ପ୍ରତିକ୍ରିୟା ସମୟକୁ ସୁଧାରିବା ।



# ଓଡ଼ିଆ ଭାଷା ସଂସ୍କୃତି ବିଭାଗର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଓଡ଼ିଆ ଭାଷା ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦର ଦୁଇ ଦିନିଆ ବାର୍ଷିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭୂଖଣ୍ଡ ଓଡ଼ିଶାର ପରିକଳ୍ପନା ପରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ସରକାର ଅହରହ ଉଦ୍ୟମ ଜାରିରଖିଛନ୍ତି। ସରକାରୀ ସ୍ତରରେ ରାଜ୍ୟର ସମସ୍ତ ଅଞ୍ଚଳର ଥିବା ଅନୁଷ୍ଠାନକୁ ସାହାଯ୍ୟ ସହଯୋଗ କରି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ବେଳେ ଓଡ଼ିଆ ଭାଷା ସଂସ୍କୃତି ବିଭାଗ ସାଂସ୍କୃତିକ ପରିଷଦ ମଧ୍ୟ ନାଟକ ମାଧ୍ୟମରେ କିପରି ସମାଜର ସାମାଜିକ ବିଧି ବ୍ୟବସ୍ଥା ଚାଲି ଚଳଣି ସମୂହକୁ ଲୋକଙ୍କ ପାଖରେ ପହଞ୍ଚାଇବ ସେଥିପ୍ରତି ବେଶ ସଚେତନ ଅଛି। ଉତ୍ସବର ପ୍ରଥମ ଦିନରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ନାଟକ ମାଧ୍ୟମରେ ହିଁ ବେଶ ପ୍ରସାରିତ ହୋଇଥିଲା ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ , ସ୍ୱତନ୍ତ୍ର ଶାସନ ସଚିବ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଦେବପ୍ରସାଦ ଦାଶ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଯୋଗଦେଇ ସାଂସ୍କୃତିକ ପରିଷଦର ଉଦ୍ୟମକୁ ସାଧୁବାଦ ଜଣାଇଥିଲେ।

# ଶଙ୍ଖ ଭବନରେ ବିଜେଡିର ସାଙ୍ଗଠନିକ ବୈଠକ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଶଙ୍ଖ ଭବନରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟକ୍ଷ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୩୩ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ମାନଙ୍କ ସହିତ ଆଗାମୀ ଦିନର ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟକ୍ଷ ଭାବରେ କନ୍ଧମାଳ ଜିଲ୍ଲାର ସାଙ୍ଗଠନିକ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ବିଧାୟକ ଚନ୍ଦ୍ରମଣୀ କହଁର, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ ଓ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ଉପସ୍ଥିତିରେ ସାଙ୍ଗଠନିକ ବିଷୟରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାରେ କିପରି ଦଳୀୟ ସଙ୍ଗଠନ ମଜଭୁତ ହେବ ସେନେଇ ଆଲୋଚନା କରାଯାଇଥିଲା। ସେହିଭଳି ବୌଦ୍ଧ ଜିଲ୍ଲାର ସଭାପତି ମହିଧର ରଣା ଓ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହିତ ଶ୍ରୀ ମିଶ୍ର ପ୍ରତ୍ୟକ୍ଷ ଭାବରେ ଆଲୋଚନା କରିଥିଲେ। ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ଜିଲ୍ଲାର ସଭାପତି ଅନୁଗୁଳର ବ୍ରଜ କିଶୋର ପ୍ରଧାନ, ବରଗଡ଼ର ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକର ଜଗନ୍ନାଥ ସ୍ୱାଇଁ, ବଲାଙ୍ଗିରର ସରୋଜ କୁମାର ମେହେର, କଟକର ପ୍ରଫୁଲ୍ଲ ସିଂ, ଦେବଗଡ଼ର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଢେଙ୍କାନାଳର କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଗଜପତିର ପ୍ରଦୀପ ନାୟକ, ଝାରସୁଗୁଡ଼ାର ହରିଶ ଗଣତ୍ରା, କଳାହାଣ୍ଡିର ପ୍ରଦୀପ କୁମାର ଦିଶାରୀ, କେନ୍ଦ୍ରାପଡ଼ାର ଶିବ ପ୍ରସାଦ ଭୋଇ, କେନ୍ଦୁଝରର ଆଶିଷ ଚକ୍ରବର୍ତ୍ତୀ, କୋରାପୁଟର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବିଡିକା ଓ ଦୁର୍ଗା ମିଶ୍ର, ମାଲକାନଗିରିର ମାନସ ମାଡକାମୀ, ମୟୂରଭଞ୍ଜ-୧ର ସୁଦାମ ମାରାଣ୍ଡି, ମୟୂରଭଞ୍ଜ-୨ର ଦେବାଶିଷ ମାରାଣ୍ଡି, ନବରଙ୍ଗପୁରର ମନୋହର ରନ୍ଧାରୀ, ନୟାଗଡ଼ର ରମେଶ ବେହେରା, ନୂଆପଡ଼ାର ଅବନୀ ରଞ୍ଜନ ଯୋଶୀ, ରାଉରକେଲାର ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ବଲପୁରର ରୋହିତ ପୂଜାରୀ, ସୁବର୍ଣ୍ଣପୁରର ସରୋଜ କୁମାର କର୍ଣ୍ଣ, ସୁନ୍ଦରଗଡ଼ର ଯୋଗେଶ ସିଂ, ରାୟଗଡ଼ାର ଜଗନ୍ନାଥ ସାରକାଙ୍କ ସହ ସାଙ୍ଗଠନିକ ବିଷୟରେ ଆଲୋଚନା କରାଯିବା ସହିତ ବାକି ଥିବା ଜିଲ୍ଲା କମିଟି ଓ ବିଏଲ୍‌ଓଙ୍କ ନାମ ଦଳର ମୁଖ୍ୟାଳୟରେ ତୁରନ୍ତ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।



# ଶିଶୁ ଅଧିକାର ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର) ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନ ଠାରେ ଶିଶୁ ଅଧିକାର ସମସ୍ୟା ଉପରେ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯଦୁମଣି ମାହାଲ, ଅତିରିକ୍ତ ଶାସନ ସଚିବ, ଶ୍ରୀମତୀ ବବିତା ପାତ୍ର, ଅଧ୍ୟକ୍ଷ ଓଏସପିସିଆର, ଶ୍ରୀମତୀ ସଙ୍ଗୀତା ବେହେରା, ଏଡିଜି, ଓସେପା, ଡକ୍ଟର ମଧୁଲିକା ଶର୍ମା, ପ୍ରମୁଖ ଗବେଷଣା ଏବଂ ବୈଷୟିକ ବିଶେଷଜ୍ଞ, ଏନସିପିସିଆର, ମନୋଜ ପାତ୍ର, ଯୁଗ୍ମ ନିର୍ଦ୍ଦେଶକ, ରୋଟି, ଡକ୍ଟର ସନ୍ତୋଷ କୁମାର ରାଉତ, ଯୁଗ୍ମ ନିର୍ଦ୍ଦେଶକ, ଓସେପା ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଏହି ସମ୍ମିଳନୀରେ ଓସେପା ଅଧିକାରୀ, ଜିଲ୍ଲା ପ୍ରଶାସନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମାନସିକ ସ୍ୱାସ୍ଥ୍ୟ ଅଧିକାରୀ,ଡିସିପିଓ ଏବଂ ଏସଏମସି/ପିଟିଏ ସଦସ୍ୟମାନେ ସାମିଲ ଥିଲେ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ବବିତା ପାତ୍ର ବିଦ୍ୟାଳୟ ଛାଡୁଥିବା ପିଲାମାନଙ୍କୁ ରୋକିବା, ଛାତ୍ରାବାସରୁ ଶିଶୁ ସ୍ଥାନାନ୍ତର ରୋକିବା ନେଇ ଆଲୋଚନା କରିଥିଲେ । ଏଥିସହ ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟରେ ବିଭାଗୀୟ ସହଯୋଗକୁ ସୁଦୃଢ଼ କରିବା, ପରାମର୍ଶ ଏବଂ ସାମୁହିକ ଯୋଗଦାନ ମାଧ୍ୟମରେ ବାଲ୍ୟବିବାହ ଏବଂ ଶିଶୁଶ୍ରମ ଦୂର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମନୋଜ ପାତ୍ର ଶିଶୁ ଅଧିକାର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଆଲୋକପାତ କରିଥିଲେ ଏବଂ ପୁଷ୍ଟିସାର, କ୍ରୀଡ଼ା ଏବଂ ସାମଗ୍ରିକ ବିକାଶ ଉପରେ ସଚେତନତା ବୃଦ୍ଧି ପାଇଁ ଆହ୍ୱାନ କରିଥିଲେ। ଯଦୁମଣି ମାହାଲ ଶିଶୁ ବାଟିକା ଭଳି ପଦକ୍ଷେପ ମାଧ୍ୟମରେ ପ୍ରତ୍ୟେକ ପିଲା ସ୍କୁଲରେ ରହିବା ଏବଂ ମୌଳିକ ଶିକ୍ଷା ସହାୟତା ପାଇବା ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ସୂଚାଇ ଥିଲେ। ବିଦ୍ୟାଳୟ ଏବଂ ସମ୍ପ୍ରଦାୟଗୁଡ଼ିକରେ ଶିଶୁ ସୁରକ୍ଷା ଏବଂ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ନୀତି ଏବଂ ଅଭ୍ୟାସକୁ ଆଗକୁ ବଢ଼ାଇବା ଏହି ସମ୍ମିଳନୀର ଲକ୍ଷ୍ୟ। ସ୍ୱାଗତ ଭାଷଣରେ ଶ୍ରୀମତୀ ସଙ୍ଗୀତା ବେହେରା ନିରାପଦ, ଅନ୍ତର୍ଭୁକ୍ତ ବିଦ୍ୟାଳୟ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ମଧୁଲିକା ଶର୍ମା ଏନସିପିସିଆରର ପ୍ରମୁଖ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏଥିରେ ଗତ ୬ ମାସରେ ୨୬,୦୦୦ ଶିଶୁ-ସମ୍ବନ୍ଧୀୟ ମାମଲାର ସମାଧାନ, ଶ୍ରମ ଏବଂ ଚାଲାଣ ଦ୍ୱାରା ପ୍ରଭାବିତ ୨୩୦୦ ଶିଶୁଙ୍କ ଉଦ୍ଧାର ଏବଂ ପୁନର୍ବାସ, ୧,୦୦୦ ରୁ ଅଧିକ ଶିଶୁଙ୍କୁ ଘରୋଇ ଜିଲ୍ଲା ସିସିଆଇ ଗୁଡ଼ିକୁ ପ୍ରତ୍ୟାବର୍ତ୍ତନ ଏବଂ ଚିନି ବୋର୍ଡ ଏବଂ ଏଆଇ-ଆଧାରିତ ମାନସିକ ସ୍ୱାସ୍ଥ୍ୟ ସହାୟତା ବ୍ୟବସ୍ଥା ଭଳି ନୂତନ ପଦକ୍ଷେପ ଅନ୍ତର୍ଭୁକ୍ତ।

ସମ୍ମିଳନୀରେ ବିଶିଷ୍ଟ ବିଶେଷଜ୍ଞଙ୍କ ଦ୍ୱାରା ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଲକ୍ଷ୍ମୀଧର ବେହେରା ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଶିଶୁ ସୁରକ୍ଷା କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରିଥିଲେ, ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ସାମଗ୍ରିକ ଶିକ୍ଷା ପରିପ୍ରେକ୍ଷୀରେ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ବକ୍ତବ୍ୟ ରଖିଥିଲେ।

# ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ଉପରେ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୩।୧୧ (ମହାଭାରତ):** ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆଜି ଲୋକସେବା ଭବନ କନଭେନସନ ହଲ ଠାରେ ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ସମ୍ପର୍କିତ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇ ଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଯୋଗଦେଇ କହିଲେ ଯେ ଔଷଧୀୟ ଉଦ୍ଭିଦ ଉପରେ ଏହି ଜାତୀୟ ସମ୍ମିଳନୀର ଆୟୋଜନ ଆମ ରାଜ୍ୟର ସାଂସ୍କୃତିକ ପରିଚୟ, ଏବଂ ଆମ ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହି ସମ୍ମିଳନୀ ଆମ ପାରମ୍ପରିକ ଜ୍ଞାନ ଏବଂ ପ୍ରକୃତି ସହିତ ଆମର ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପିଢ଼ି ପରେ ପିଢ଼ି ଧରି, ବାଉଁଶ ଏବଂ ଔଷଧୀୟ ଉଦ୍ଭିଦ ଆମର ଆଦିବାସୀ ଏବଂ ବନବାସୀ ସମ୍ପ୍ରଦାୟର ଦୈନନ୍ଦିନ ଜୀବନର ଏକ ଅଂଶ ହୋଇ ଆସିଛି। ଆଜି ଆମେ ଯାହା କରିବାକୁ ଚେଷ୍ଟା କରୁଛୁ ତାହା ହେଉଛି ଏହି ପାରମ୍ପରିକ ଶକ୍ତିକୁ ଏକ ଆଧୁନିକ ତଥା ଆର୍ଥିକ ଲାଭରେ ପରିଣତ କରିବା, ପରିବେଶଗତ ସନ୍ତୁଳନ ନହରାଇ ଏହି ସମ୍ପଦଗୁଡ଼ିକୁ ବଜାୟ ରଖିବା ।

ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଲେ ବାଉଁଶ ହେଉଛି ଓଡ଼ିଶାର ସବୁଜ ଶିଳ୍ପର ଏକ ପ୍ରମୁଖ ଅଂଶ । ବିଶ୍ୱ ଏବେ ସ୍ଥାୟୀ ସାମଗ୍ରୀ, ପରିବେଶ ଅନୁକୂଳ ସ୍ଥାପତ୍ୟ ଏବଂ ପ୍ରାକୃତିକ ତନ୍ତୁ ଆଡକୁ ମୁହାଁଇଛି। ବାଉଁଶ ଏହି ବିଶ୍ୱ ପରିବର୍ତ୍ତନ ସହିତ ସ୍ୱାଭାବିକ ଭାବେ ଖାପ ଖାଉଛି। ଓଡ଼ିଶାର କାରିଗରମାନଙ୍କ ପାଖରେ ପୂର୍ବରୁ ଦକ୍ଷତା ଏବଂ ସୃଜନଶୀଳତା ଅଛି - ସେମାନଙ୍କୁ ଯାହା ଆବଶ୍ୟକ ତାହା ହେଉଛି ଡିଜାଇନ୍ ବା ରୂପରେଖ ପରିବର୍ତ୍ତନ, ଉନ୍ନତ ଉପକରଣ, ବୃହତ ବଜାର ଏବଂ ନିରନ୍ତର ତାଲିମ। ଏହି ସମ୍ମିଳନୀ ମାଧ୍ୟମରେ, ମୁଁ ଆଶା କରୁଛି ଯେ ଆମେ ଏଥିପାଇଁ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ। ଔଷଧୀୟ ଉଦ୍ଭିଦ ଆମ ଜଙ୍ଗଲର ଆଉ ଏକ ଉପହାର। ଓଡ଼ିଶାର ବୈଦ୍ୟ ଏବଂ ଆଦିବାସୀ ସମ୍ପ୍ରଦାୟ ଏ ଗୁଡ଼ିକର ବ୍ୟବହାର ବିଷୟରେ ଗଭୀର ଜ୍ଞାନ ଅଛି। ସଠିକ୍ ବୈଜ୍ଞାନିକ ମାର୍ଗଦର୍ଶନ, ଗୁଣାତ୍ମକ ରୋପଣ ସାମଗ୍ରୀ ଏବଂ ଉପଯୁକ୍ତ ମୂଲ୍ୟ-ଶୃଙ୍ଖଳ ସମର୍ଥନ ସହିତ, ଆମେ ଏହି ଜ୍ଞାନକୁ ଏକ ସମୃଦ୍ଧ କ୍ଷେତ୍ରରେ ପରିଣତ କରି ପାରିବା ଯାହା ହଜାର ହଜାର ପରିବାର ପାଇଁ ଲାଭଦାୟକ ହେବ। ଆଜି ଔଷଧୀୟ ଉତ୍ପାଦର ଏକ ବିଶାଳ ଚାହିଦା ରହିଛି, ଏବଂ ଓଡ଼ିଶାକୁ ଏହି ସ୍ଥାନରେ ନିଜକୁ ଦୃଢ଼ ଭାବରେ ସ୍ଥାନିତ କରିବା ଦରକାର। ମନ୍ତ୍ରୀ ପୁଣି କହିଲେ ଯେ ଆମକୁ ଏବେ କାର୍ଯ୍ୟାନ୍ୱୟନ-କ୍ଲଷ୍ଟର ବିକାଶ, ନର୍ସରୀ ସୁଦୃଢ଼ୀକରଣ, ଚାଷ ତାଲିମ, ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସିଧାସଳଖ ସହାୟତା ଉପରେ ଧ୍ୟାନ ଦେବାକୁ ପଡିବ। ଏହି ସୁବିଧା ଗୁଡ଼ିକ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିବ ଏବଂ ପ୍ରକୃତ ଲୋକଙ୍କ ସହିତ ସଂଯୋଗ ସ୍ଥାପନ ହେଇ ପାରିବ। ୪ ଗୋଟି ସଂସ୍ଥା କେଏଫଆରଆଇ ,ଆଇଏନବିଏଆର ଏବଂ ଏନଆଇଡି ଭଳି ଅନୁଷ୍ଠାନ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିବା ସହିତ ଓଡ଼ିଶା ବାଉଁଶ ହାଟ ଅନଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ କରିବା।

# ନୂଆପଡାରୁ ଶିକ୍ଷା

ନୂଆପଡ଼ା ବିଧାନସଭା ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୮୩ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହା ସହିତ ବିଧାନସଭାରେ ବିଜେପିର ସଭ୍ୟ ସଂଖ୍ୟା ୭୯କୁ ବୃଦ୍ଧି ପାଇଛି ଏବଂ ମୋହନ ମାଝୀଙ୍କ ନେତୃତ୍ୱାଧିନ ସରକାର ଅଧିକ ସୁଦୃଢ଼ ହୋଇଛି। ଏହି ଉପନିର୍ବାଚନରେ ମୋଟ ୧୪ଜଣ ପ୍ରାର୍ଥୀ ଥିଲେ ମଧ୍ୟ ମୁକାବିଲା ମୁଖ୍ୟତଃ ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ହେଉଥିଲା। ବିଜେଡିର ସ୍ୱର୍ଗତ ରାଜନ୍ଦ୍ରେ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ସାମିଲ ହୋଇ ଏହି ଦଳର ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ପୂର୍ବତନ ମନ୍ତ୍ରୀ ସ୍ନେହାଁଙ୍ଗିନୀ ଛୁରିଆଙ୍କୁ ଏଠାରେ ପ୍ରାର୍ଥୀ କରିଥିଲା। ଛୁରିଆଙ୍କ ଘର ନୂଆପଡ଼ାରେ ନୁହେଁ। ତେଣୁ ତାଙ୍କୁ ପ୍ରାର୍ଥୀ କରି ବିଜେଡି ନୂଆପଡ଼ାକୁ ଜାଣିଶୁଣି ବିଜେପିକୁ ଟେକିଦେଲା ବୋଲି କୁହାଯାଉଛି। ତେବେ ନିର୍ବାଚନ ପ୍ରଚାର ଶେଷ ଆଡ଼କୁ ବିଜେଡିର ସ୍ଥିତିରେ ସୁଧାର ଆସିଥିଲା। ନିଜେ ନବୀନ ଦୁଇ ଦୁଇ ଥର ନୂଆପଡ଼ା ଗସ୍ତରେ ଯାଇ ଦଳ ପାଇଁ ପ୍ରଚାର କରିଥିଲେ। ଏଭଳି ମନେ ହେଉଥିଲା ଯେମିତିକି ନୂଆପଡ଼ାରେ ବିଜେଡି ବାଜିମାତ କରିଯାଇପାରେ। ଗତ ବର୍ଷ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିଜେଡି ୧୦ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। କିନ୍ତୁ ଉପନିର୍ବାଚନରେ ଏହାର ଭୋଟ ପ୍ରାୟ ୪୦ ପ୍ରତିଶତ ହ୍ରାସ ପାଇବା ସହିତ ଏହା ତୃତୀୟ ସ୍ଥାନକୁ ଖସିଆସିଲା। ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସ ମୂଳରୁ ନୂଆପଡ଼ାରେ ଫେଭିରିଟ ଥିଲା। ଲାଗୁଥିଲା ବିଧାନସଭରେ କଂଗ୍ରେସର ସଭ୍ୟସଂଖ୍ୟା ଏଥର ୧୫କୁ ବଢ଼ିବ। ଦଳ ପକ୍ଷରୁ ଏଥର ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରାଯାଇଲା ଯିଏ କି ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇ ୫୦ ହଜାରରୁ ଅଧିକ ଭୋଟ ପାଇଥିଲେ। ନୂଆପଡ଼ାରେ କଂଗ୍ରେସର ସ୍ଥିତି ସେତେ ସୁଦୃଢ଼ ନୁହେଁ। କିନ୍ତୁ ଘାସିରାମଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ଏବଂ ଜନସମ୍ପର୍କ ବେଶ ଭଲ। ଯଦି ୨୦୨୪ ସାଧାରଣ ନିର୍ବାଚନରେ ଘାସିରାମ କଂଗ୍ରେସ ପ୍ରାର୍ଥୀ ହୋଇଥାଆନ୍ତେ ତେବେ ହୁଏତ ସେ ବିଜୟୀ ହୋଇଥାଆନ୍ତେ। କିନ୍ତୁ ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ଘାସିରାମଙ୍କୁ ଟିକେଟ ନଦେଇ ନିଜେ ପ୍ରାର୍ଥୀ ହେଲେ ଏ୧ବଂ ନିର୍ବାଚନରେ ଚତୁର୍ଥ ସ୍ଥାନକୁ ଖସିଆସିଲେ। ଘାସିରାମ ଏହି ନିର୍ବାଚନରେ ୫୦ ହଜାରରୁ ଅଧିକ ଭୋଟ ପାଇଥିବା ବେଳେ ଶରତ ପଟ୍ଟନାୟକ କଂଗ୍ରେସ ପ୍ରାର୍ଥୀ ଭାବେ ୧୫ ହଜାରରୁ ସାମାନ୍ୟ ଅଧିକ ଭୋଟ ପାଇଥିଲେ। ସେହି ନିର୍ବାଚନରେ ବିଜୟୀ ହୋଇଥିବା ବିଜେଡିର ରାଜେନ୍ଦ୍ର ଢୋଲକିଆ ୬୧ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। ଯଦି ଘାସିରାମ କଂଗ୍ରେସ ପ୍ରାର୍ଥୀ ହୋଇଥାଆନ୍ତେ ତେବେ ଗାଣିକି ହିସାବରେ ସେ ୬୫ ହଜାରରୁ ଅଧିକ ଭୋଟ ପାଇ ବିଜୟୀ ହୋଇଥାଆନ୍ତେ। ତେଣୁ ଆଶା କରାଯାଉଥିଲା ଯେ, ଉପନିର୍ବାଚନରେ ଘାସିରାମ ବାଜିମାତ କରିପାରନ୍ତି। ସାଧାରଣ ନିର୍ବାଚନରେ ନୂଆପଡ଼ାରେ ବିଜେପି ପ୍ରାର୍ଥୀ ୪୦ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ତେବେ ଉପନିର୍ବାଚନରେ ଦଳର ସ୍ଥିତସି ପୁରା ବଦଳିଗଲା। ବିଜେପିର ୪୦ ହଜାର ଭୋଟ ସହିତ ଢୋଲକିଆ ଉଭୟ ବିଜେଡି ଓ କଂଗ୍ରେସର କିଛି ଭୋଟ ଟାଣିଲେ। ଏହା ଫଳରେ ସେ ଲକ୍ଷାଧିକ ଭୋଟ ପାଇ ୮୩ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିଲେ। ସାଧାରଣତଃ ଉପନିର୍ବାଚନରେ ଜନାଦେଶ ଶାସକ ଦଳ ସପକ୍ଷରେ ଯାଇଥାଏ। ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱାଧିନ ସରକାରର କାର୍ଯ୍ୟକାଳ ଆଉ ପ୍ରାୟ ସାଢ଼େ ତିନି ବର୍ଷ ରହିଛି। ଏଭଳି ପରିସ୍ଥିସିତସିରେ ନୂଆପଡ଼ାବାସୀ ନିଜ ଅଞ୍ଚଳର ବିକାଶ ନିମନ୍ତେ ଶାସକ ଦଳକୁ ଭୋଟ ଦେବାରେ କିଛି ଅସ୍ୱାଭାବିକତା ନାହିଁ।

# ଓଡ଼ିଶାର କ୍ରୀଡ଼ାକ୍ଷେତ୍ର ଓ ଚାମ୍ପିଅନ୍ ପ୍ରତିଭା

॥ ବିପିନ ବିହାରୀ ରାଉତ ॥

> “ ରାଜ୍ୟ ସରକାର ବିଭିନ୍ନ ଉଦ୍ୟୋଗଙ୍କ ସହ ଚୁକ୍ତି ସ୍ୱାକ୍ଷର କରି କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ଏବଂ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଖୋଲିଛନ୍ତି। ପରେ ରିଲାଏନ୍ସ ସହଯୋଗରେ ଆଥଲେଟିକ୍, ଜେଏସଡବ୍ଲ୍ୟୁ ସହଯୋଗରେ ସନ୍ତରଣ, ଅଭିନବ ବିନ୍ଦ୍ରାଙ୍କ ସହାୟତାରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଗଗନ ନାରଙ୍ଗଙ୍କ ସହାୟତାରେ ସୁଟିଂ, ଉତ୍କର୍ଷ କେନ୍ଦ୍ର ଏବଂ ଅନ୍ୟ ଉଦ୍ୟୋଗମାନଙ୍କ ସହଯୋଗରେ ଭାରୋତ୍ତୋଳନ, ଜିମ୍ନାଷ୍ଟିକ, ବ୍ୟାଡ଼ମିଣ୍ଟନ, ଫୁଟବଲ ପ୍ରଭୃତି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ହୋଇଛି।

ସମଗ୍ର ବିଶ୍ୱ ଦରବାରରେ ଓଡ଼ିଶା ବିଶେଷ କରି କ୍ରୀଡ଼ା କ୍ଷେତ୍ରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିଛି। ଏକ ଦଶନ୍ଧିର ସୀମିତ ଅବଧି ମଧ୍ୟରେ ଓଡ଼ିଶା ଜାତୀୟ କ୍ରୀଡ଼ା ଦୃଶ୍ୟପଟରେ ଗଢ଼ିଛି ନିଜର ସ୍ୱତନ୍ତ୍ର ପରିଚୟ। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ସାଙ୍ଗକୁ କ୍ରୀଡ଼ାବିତ ମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଯୋଗାଇ ଦେବାରେ ଆଦୌ କୁଣ୍ଠା ପ୍ରକାଶ କରିନାହିଁ। ଏଥିପାଇଁ ବିନିଯୋଗ ହୋଇଛି ହଜାର ହଜାର କୋଟି ଟଙ୍କା। ତୃଣମୂଳ ସ୍ତରରୁ ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ଚୟନ କରାଯାଇ ଦିଆଯାଇଛି ସ୍ୱତନ୍ତ୍ର ପ୍ରଶିକ୍ଷଣ। ଏ ପରିଶ୍ରମ କେବେ ବୃଥା ଯିବ ନାହିଁ। ଆଗାମୀ ଦିନରେ ଓଡ଼ିଶାରୁ ବାହାରିବେ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ। ଏହା କଳ୍ପନା ନୁହେଁ ବାସ୍ତବତା। କାରଣ ବିଶ୍ୱ ଚାମ୍ପଅନ ସୃଷ୍ଟି କରିବାର ଯେଉଁ ଭିତ୍ତିଭୂମି ଓ ପ୍ରଶିକ୍ଷଣର ଆବଶ୍ୟକତା ରହିଛି, ତାହାର ଅଭାବ ଆଉ ଓଡ଼ିଶାରେ ନାହିଁ।

ଓଡ଼ିଶାରେ ଆଧୁନିକ କ୍ରୀଡ଼ା ହକି, ଆଥଲେଟିକ୍ସ, ଟେନିସ, ଫୁଟବଲ ପ୍ରଭୃତିର ପରମ୍ପରା ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ଆରମ୍ଭ ହେବାର ନଜିର ମିଳେ। ଖେଳ ଥିଲା, ଖେଳାଳି ଥିଲେ ଏବଂ ଖେଳ ପଡ଼ିଆ ବି ଥିଲା ମାତ୍ର ଜାତୀୟ ସଫଳତା ଠାରୁ ଓଡ଼ିଶା ବହୁ ପଛରେ ରହିଥିଲା। ତଥାପି ଆମେ ମୀନତି ମହାପାତ୍ର, ରଚିତା ମିସ୍ତ୍ରୀ ପଣ୍ଡା, ଅନୁରାଧା ବିଶ୍ୱାଳ, ବିଜୟ କୁମାର ଶତପଥୀ, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଜ୍ୟୋତି ସୁନୀତା କୁଲୁ, ଇଗ୍ନେସ ତିର୍କୀ, କେ.ରବି.କୁମାର, ଦୃତି ଚାନ୍ଦ, ପ୍ରମୋଦ ଭଗତ, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପଗ୍ରେସ ଏକ୍କା, ଅମିୟ କୁମାର ମଲ୍ଲିକଙ୍କ ଠାରୁ କିଶୋର କୁମାର ଜେନାଙ୍କ ପର୍ଯ୍ୟନ୍ତ ଏକାଧିକ ପ୍ରତିଭାବାନ ଅନ୍ତର୍ଜାତୀୟ କ୍ରୀଡ଼ାବିତ ସୃଷ୍ଟି କରିବାରେ ସଫଳ ହୋଇଛୁ। ବହୁ ଅଭାବ ଅସୁବିଧା ସତ୍ତ୍ୱେ ଏହି କ୍ରୀଡ଼ାବିତମାନେ ଦେଶକୁ ଗୌରବାନ୍ୱିତ କରିଛନ୍ତି। କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ, କ୍ରୀଡ଼ା ଆୟୋଜନ ଏବଂ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଦେଶରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛି।

ଏହି ଆଧାରରେ କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହେଲା ୬ ହଜାର ଦର୍ଶକ ଧାରଣ ବିଶିଷ୍ଟ ଏକ ହକି ଷ୍ଟାଡିୟମ। ନବନିର୍ମିତ ହକି ଷ୍ଟାଡିୟମରେ ୨୦୧୪ ଜାନୁଆରୀ ମାସରୁ ହକି ଇଣ୍ଡିଆ ଲିଗ ଆରମ୍ଭ ହେଲା ନୂଆ ହକି ପର୍ବ। ୨୦୨୨-୨୩ରେ ୯୧୧ କୋଟି ଏବଂ ୨୦୨୩-୨୪ରେ ବଜେଟ ୧୨୧୭ କୋଟି ରହିଥିଲା। ଯାହା ଜାତୀୟ କ୍ରୀଡ଼ା ବଜେଟର ୩୩୯୭.୩୨ କୋଟି ଅଧା କହିଲେ ଭୁଲ ହେବନାହିଁ। ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଦେଶର ‘କ୍ରୀଡ଼ାହବ୍’ ଏବଂ ଭୁବନେଶ୍ୱରକୁ ଦେଶର ‘କ୍ରୀଡ଼ା ରାଜଧାନୀ’ ଭାବେ ଗଢ଼ି ତୋଳିବା ନେଇ ବିଭିନ୍ନ ଯୋଜନା ହାତକୁ ନେଲେ। ଏହାପରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗଢ଼ି ଉଠିଲା ଗୋଟିଏ ପରେ ଗୋଟିଏ କ୍ରୀଡ଼ା ଭିତ୍ତିଭୂମି।

ରାଜ୍ୟ ସରକାର ବିଭିନ୍ନ ଉଦ୍ୟୋଗଙ୍କ ସହ ଚୁକ୍ତି ସ୍ୱାକ୍ଷର କରି କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ଏବଂ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଖୋଲିଛନ୍ତି। ପରେ ରିଲାଏନ୍ସ ସହଯୋଗରେ ଆଥଲେଟିକ, ଜେଏସଡବ୍ଲ୍ୟୁ ସହଯୋଗରେ ସନ୍ତରଣ, ଅଭିନବ ବିନ୍ଦ୍ରାଙ୍କ ସହାୟତାରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଗଗନ ନାରଙ୍ଗଙ୍କ ସହାୟତାରେ ସୁଟିଂ, ଉତ୍କର୍ଷ କେନ୍ଦ୍ର ଏବଂ ଅନ୍ୟ ଉଦ୍ୟୋଗମାନଙ୍କ ସହଯୋଗରେ ଭାରୋତ୍ତୋଳନ, ଜିମ୍ନାଷ୍ଟିକ, ବ୍ୟାଡ଼ମିଣ୍ଟନ, ଫୁଟବଲ ପ୍ରଭୃତି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ହୋଇଛି। ଦର୍ଶକ ଧାରଣ କ୍ଷମତା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ଆଧାର କରି ରାଉରକେଲାରେ ନିର୍ମିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗିନିଜ ବୁକ ଅଫ୍ ରେକର୍ଡ଼ରେ ସ୍ଥାନ ପାଇଛି। ଯାହା ଓଡ଼ିଶା ପାଇଁ ଗର୍ବର ବିଷୟ। ୨୬୦ କୋଟି ଟଙ୍କାରେ ଏହି ଷ୍ଟାଡିୟମ ମାତ୍ର ୧୫ ମାସ ମଧ୍ୟରେ ନିର୍ମାଣ ହୋଇଥିଲା। ମୁଖ୍ୟ କଳିଙ୍ଗ ଷ୍ଟାଡିୟମ (ଆଥଲେଟିକ୍ସ ଓ ଫୁଟବଲ)ର ପଶ୍ଚିମ ପାର୍ଶ୍ୱକୁ ଆଥଲେଟିକ ଓ ଫୁଟବଲ ଅଭ୍ୟାସ ପଡ଼ିଆ ଏବଂ ଏହାର ପଶ୍ଚିମ ପାର୍ଶ୍ୱକୁ ନିର୍ମାଣ ହୋଇଛି ଦେଶର ପ୍ରଥମ ଆଥଲେଟିକ୍ସ ଇନଡୋର ଷ୍ଟାଡିୟମ।

ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଟେନିସ କୋର୍ଟ ରହିଥିଲା। କିନ୍ତୁ ଟେନିସକୁ ନେଇ ଅତ୍ୟାଧୁନିକ ବ୍ୟବସ୍ଥା ନଥିଲା। ୧୨୦୦ରୁ ଉର୍ଦ୍ଧ୍ୱ ଦର୍ଶକ ବସି ମ୍ୟାଚ ଦେଖିପାରିବା ଭଳି ଏକ ଷ୍ଟାଡିୟମ ନିର୍ମିତ ହୋଇଛି। ଏଠାରେ ଚଳିତ ବର୍ଷ ଜୁନିୟ ବର୍ଗରେ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଷ୍ଟାଡିୟମରେ ଖେଳାଳିଙ୍କ ପାଇଁ ସମସ୍ତ ଆଧୁନିକ ସୁବିଧା ରହିଛି। ୨୦୧୪ରେ ହକି ଚାମ୍ପିଅନ୍ସ ଟ୍ରଫି, ୨୦୧୭ରେ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ, ୨୦୧୯ରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିଅନସିପ, ୨୦୧୮ ଓ ୨୦୨୩ରେ କ୍ରମାନ୍ୱୟରେ ଦୁଇଥର ପୁରୁଷ ହକି ବିଶ୍ୱକପ, ୨୦୨୧ରେ ଜୁନିୟର ହକି ବିଶ୍ୱକପ, ୨୦୨୨ରେ ୧୭ ବର୍ଷରୁ କମ ଫିଫା ମହିଳା ବିଶ୍ୱକପ, ସାଫ ୨୦ ବର୍ଷରୁ କମ ଚାମ୍ପିଅନସିପ, ଇଣ୍ଟର କଣ୍ଟିନେଣ୍ଟାଲ କପ-୨୦୨୩, ମହିଳା ଗୋଲ୍ଡ କପ ପ୍ରଭୃତି ପ୍ରତିଯୋଗିତାର ସଫଳ ଆୟୋଜନ କରି ଓଡ଼ିଶା ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଶେଷ କରି ୨୦୧୮ ଓ ୨୦୨୩ ହକି ବିଶ୍ୱକପ ଆୟୋଜନ କରି ବିଶ୍ୱରେ ଓଡ଼ିଶା ଅଧିକ ପ୍ରଶଂସିତ ହୋଇପାରିଥିଲା। ରାଜ୍ୟ ସରକାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ଯାଜପୁର ଓ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରୁଛନ୍ତି। କେବଳ ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟର୍ଫ ବିଛା ଯାଉଛି। ସାରା ରାଜ୍ୟରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ଯେତିକି କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ହୋଇଛି ସେଥିପାଇଁ ୨୫୦୦ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ହୋଇ ସାରିଲାଣି। ଓଡ଼ିଶାର ବିଭିନ୍ନ ଶିକ୍ଷାୟତନରେ ନିକଟରେ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ କଟକ ସିଡିଏ ସେକ୍ଟର ଆଠସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ସୂଚନାଥାଉକି ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦ ସିଂହଙ୍କ ତାଙ୍କର ପବିତ୍ର ଜନ୍ମ ତିଥିକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ସାହିତ୍ୟିକ, କବୟିତ୍ରୀ ତଥା ନାଳନ୍ଦା ପବ୍ଲିକ ସ୍କୁଲର ଅଧକ୍ଷା ସୁଶ୍ରୀ ଯଶସ୍ୱିନୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆମ ଦୈନନ୍ଦିନ ଜୀବନରେ କ୍ରୀଡ଼ା ଓ ବିଭିନ୍ନ ଶାରୀରିକ କାର୍ଯ୍ୟକଳାପର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ସଚେତନ କରାଇବା ସହ କ୍ରୀଡ଼ା ଏଭଳି ଏକ ମାଧ୍ୟମ ଯାହାଦ୍ୱାରା ବିଶେଷକରି କୋମଳମତି ଛାତ୍ରଛାତ୍ରୀଙ୍କୁ ଏକ ସୁସ୍ଥ, ଅଭିବୃଦ୍ଧିସମ୍ପନ୍ନ, ଦକ୍ଷ ସମର୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଏହା ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହୋଇ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ଲାଗି ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ ଓ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ। ସୂଚନାଥାଉକି ଏହି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବେ କ୍ରୀଡ଼ା ପାଇଁ ପ୍ରୋତ୍ସାହିତ କରିବା ସହ ଅନେକ ବିଦ୍ୟାର୍ଥୀ ରାଜ୍ୟ ଓ ଜାତୀୟସ୍ତରୀୟ କ୍ରୀଡ଼ା ସମୂହରେ ଯୋଗ ଦେଇ ସଫଳତା ପାଇବା ସହ କେବଳ ବିଦ୍ୟାଳୟର ନୁହେଁ ରାଜ୍ୟର ଗୌରବକୁ ଅଭିବୃଦ୍ଧି କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମାସରେ ଜିମ୍ନାଷ୍ଟିକ ଉତ୍କର୍ଷ କେନ୍ଦ୍ରର ଉଦଘାଟନ କରିଥିଲେ। ଜିମ୍ନାଷ୍ଟିମାନେ ଏଠାରେ ରହି ନିୟମିତ ଅଭ୍ୟାସ କରିବାର ବ୍ୟବସ୍ଥା କରାଯାଇଛି। ଭାରତୀୟ ହକିର ପୁନରୁତ୍ଥାନରେ ଓଡ଼ିଶାର ରହିଛି ପ୍ରମୁଖ ଭୂମିକା। ୨୦୧୮ରେ ଓଡ଼ିଶା ହକି ଇଣ୍ଡିଆର ମୁଖ୍ୟ ପ୍ରାୟୋଜକ ପାଇଁ ୫ ବର୍ଷିଆ ଚୁକ୍ତି କରିଥିଲେ। କେବଳ ହକି ନୁହେଁ ରଗବୀ ଓ ଫୁଟବଲକୁ ମଧ୍ୟ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କୌଣସି ଜାତୀୟ ସ୍ତରର କ୍ରୀଡ଼ାର ମୁଖ୍ୟ ପ୍ରାୟୋଜକ ହେବା କ୍ଷେତ୍ରରେ ଓଡ଼ିଶା ପ୍ରଥମ ରାଜ୍ୟ। ଓଡ଼ିଶା କେବଳ ଭିତ୍ତିଭୂମି ନିର୍ମାଣ, କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ସୀମିତ ରହିନାହିଁ। ତୃଣମୂଳ ସ୍ତରରୁ କ୍ରୀଡ଼ାବିତ ବାହାର କରିବା ନେଇ ପ୍ରୟାସ ଜାରି ରଖିଛି। ସେମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦେଇ ଭବିଷ୍ୟତ ପାଇଁ ମଧ୍ୟ ପ୍ରସ୍ତୁତ କରୁଛି। ଓଡ଼ିଶା ଆଥଲେଟିକ୍ ଇତିହାସରେ ଜାଭେଲିନ ଥ୍ରୋୟର କିଶୋର କୁମାର ଜେନା ଯୋଡ଼ିଛନ୍ତି ନୂଆ ଫର୍ଦ୍ଦ। ବୁଦାପେଷ୍ଟ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପର ଫାଇନାଲକୁ ଉନ୍ନୀତ ହେବା ଏବଂ ଫାଇନାଲରେ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପଞ୍ଚମ ସ୍ଥାନ ହାସଲ କରିବା କମ ଗୌରବର ବିଷୟ ନଥିଲା। ପ୍ରଥମ ଓଡ଼ିଆ ଭାବେ ସେ ବିଶ୍ୱ ଚାମ୍ପିଅନସିପ ଫାଇନାଲିଷ୍ଟ ତାଲିକାରେ ସ୍ଥାନ ପାଇଥିଲେ। ଓଡ଼ିଶାର କ୍ରୀଡ଼ା ପ୍ରତିଭାମାନେ ସମଗ୍ର ବିଶ୍ୱରେ ନିଜର, ରାଜ୍ୟର ଓ ଦେଶର ଗୌରବ ବୃଦ୍ଧିରେ ଆଗେଇ ଚାଲିଛନ୍ତି। ସେମାନଙ୍କର ସଫଳତାର ଯାତ୍ରା ଆହୁରି ଆଗକୁ ବଢ଼ି ଚାଲୁ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩,

# ଭୁବନେଶ୍ୱରରେ ଗୋଟିଏ ଦିନ

॥ ଅନୀତା ପଟ୍ଟନାୟକ ॥

ବାପା କେତେକ ସାଙ୍ଗମାନଙ୍କ ସହ ଘରର ବୈଠକଖାନାରେ ବସିଥିଲେ। ଆଗକୁ ଖରାଛୁଟି ଆସୁଥିବାରୁ ପାଠପଢ଼ାର ବୋଝ କମ ଥାଏ। ମୁଁ ଭାଇ ଓ ମାଆ ବାପାଙ୍କ ସାଙ୍ଗମାନେ ଚାଲିଯିବା ପରେ ଏକାଠି ହୋଇ ବାପାଙ୍କୁ ଦୃଢ଼କଣ୍ଠରେ କହିଲୁ ଆମେ ବୁଲିଯିବାକୁ ଚାହୁଁ। ବାପା ଆମର ଉତ୍ସାହ ଦେଖି କହିଲେ ହଉ। ଆମେ ବିଧାନସଭା, ନନ୍ଦନକାନନ, ଆଶ୍ରମ ଓ ମନ୍ଦିର ପ୍ରଭୃତି ବୁଲି ଦେଖିବା। ଦିନସ୍ଥିର ହେଲା ଏବଂ ଆମେ ଗାଡ଼ିରେ ବାହାରିଲୁ।

ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚି ଦେଖିଲୁ କିଛି ପଣ୍ଡିତ ବେଦପାଠ କରୁଛନ୍ତି। ମୁଁ ବାପାଙ୍କୁ ପଚାରିଲି ବାପା ବେଦକୁ ପାଠକଲେ କ’ଣ ହୁଏ। ଜଣେ ପଣ୍ଡିତ ଏକଥା ଶୁଣି ମତେ କହିଲେ ପଠିତ ବେଦମନ୍ତ୍ରର ଅର୍ଥ ଉପରେ ମନନ କଲେ ଅଧିକ ସମୟ ପାଇଁ ସ୍ଥାୟୀ ଆନନ୍ଦ ମିଳେ। ସେ କହିଲେ ଜାତୀୟ ମୂଲ୍ୟବୋଧର କଷ୍ଟଦାୟକ ପତନ ଘଟିଛି। ଏହାଫଳରେ ଆମ ଭାରତୀୟ ଓ ଉତ୍କଳୀୟ ସଂସ୍କୃତିର ଚିହ୍ନ ଧୋତି, ତିଳକ, ଚୂଳଗୁଚ୍ଛ ଉଭେଇ ଯାଇଛି। କେବଳ ସେତିକି ନୁହେଁ ବେଦରେ ନିହିତ ଥିବା ଶାଶ୍ୱତ ସତ୍ୟ ମଧ୍ୟ ଉଭେଇ ଯାଇଛି। କି ଦୁଃଖର କଥା ତୁମପରି ଶିକ୍ଷିତ ପିଲାମାନେ ଆଜି ପଚାରୁଛ ଯେ ବେଦ କାହିଁକି ପଢ଼ାଯାଏ।

ଆମେ ମନ୍ଦିରରୁ ଫେରି ବାଟରେ ଆସୁଥିବା ସମୟରେ ବାପା କହିଲେ ପ୍ରତ୍ୟେକ ମଣଷ ଅତୃପ୍ତ ତୃଷ୍ଣା ଓ ଅଦମ୍ୟ କ୍ଷୁଧା ନେଇ ସେ ଜନ୍ମ ହୁଏ ଆନନ୍ଦକୁ ଖୋଜିବା ନିମନ୍ତେ। ସେ ଆନନ୍ଦ ଲାଭ କରିବାକୁ ଚାହେଁ କିନ୍ତୁ ତାହା କେଉଁଠି ମିଳିବ ତାହା ଜାଣେନାହିଁ। ସେ ଯେ ଆନନ୍ଦ ପାଇବାକୁ ହକଦାର ଓ ଆନନ୍ଦ ତା ମନ ଭିତରେ ଅଛି ସେ କଥା ସେ ବୁଝିପାରେ ନାହିଁ। ସେ ଆନନ୍ଦ ପାଇବାର ଉପାୟ ଖୋଜେ। ସେ ମୃତ୍ୟୁବରଣ କରେ କଷ୍ଟ ଭୋଗକରେ ତାକୁ ଘୃଣା କରିବାକୁ ପଡ଼େ କିନ୍ତୁ ସବୁବେଳେ ତା ଭିତରେ କିଏ ପ୍ରତିବାଦ କରିକହେ ତୁ ଅମୃତର ସନ୍ତାନ, ଆନନ୍ଦ ଓ ପ୍ରେମର ସନ୍ତାନ। ସେ କିନ୍ତୁ ଏ ଶବ୍ଦକୁ ଶୁଣିପାରେ ନାହିଁ। ସୁନା ବଦଳରେ କିଛି ମଇଳା ଖୋଜିଆଣେ। ନୀତି ସ୍ତରର ଜୀବନ ଭିତରେ ଆନନ୍ଦ ଖୋଜିବାକୁ ଦୌଡ଼େ।

ମାଆ କହିଲେ ତାହାଲେ ମୂଲ୍ୟବୋଧ ଜ୍ଞାନ ନଥିଲେ କଣ ପତନ ସୁନିଶ୍ଚିତ। ବାପା କହିଲେ ହଁ। ବୁଦ୍ଧି ବାମ ହେଲେ ମନୁଷ୍ୟ ଦୁଷ୍କର୍ମ କରି କଳଙ୍କର ଚିହ୍ନନେଇ ମୃତ୍ୟୁବରଣ କରେ। ମୁଁ କହିଲି ଆମ ସାର କାଲି ସ୍କୁଲରେ କହୁଥିଲେ ବୁଦ୍ଧି ଏକ ଦୁଇ ପାଖ ଧାର ଥିବା ଅସ୍ତ୍ର। ଏହା ବନ୍ଧନ ଛିନ୍ନ କରି ମୁକ୍ତି ଦେଇପାରେ ଏବଂ ମାରାତ୍ମକ କ୍ଷତ ସୃଷ୍ଟିକରି ପ୍ରାଣ ନେଇଯାଇପାରେ। ଏହି ସମୟରେ ଆମର ଆଲୋଚନାକୁ ଭଙ୍ଗ କରି ଗାଡ଼ି ଚାଳକ କହିଲେ ଆଜି ଭାରି କୁହୁଡ଼ି ହୋଇଛି। ଗାଡ଼ିର ଲାଇଟରେ ମଧ୍ୟ ରାସ୍ତା ଠିକ ଭାବରେ ଦେଖାଯାଉନାହିଁ। କିଛି ସମୟ ପରେ ଖରା ପଡ଼ିଗଲେ ଗାଡ଼ିରେ ଚାଲିଲେ ଭଲ ହେବ। ଆପଣ ଏଠାରେ ଟିକେ ଜଳଖିଆ କରି ନିଅନ୍ତୁ।

ଖାଇବା ଟେବୁଲରେ ମାଆ କହିଲେ ଆମେ ଭାବ ପ୍ରବଣତା ଓ ପ୍ରବୃତ୍ତିକୁ ସଞ୍ଜତ କରିବା ଦରକାର। ଏହି ଯୋଗ ବଳରେ ବୁଦ୍ଧିକୁ ନିର୍ମଳ କରିହୁଏ। ସଦଗୁଣର ଭିତ୍ତିଭୂମି ଉପରେ ବୁଦ୍ଧି ପ୍ରତିଷ୍ଠିତ ହେବା ଦରକାର। କର୍ମ ଯଦି ଉର୍ସ୍ଵଗୀକୃତ ଭାବରେ କରାଯାଏ ତେବେ ବୁଦ୍ଧି ପରିଷ୍କାର ହୋଇଯାଏ। କୁହୁଡ଼ି ଉଭେଇ ଯାଏ ସତ୍ୟ ଉଦଭାସିତ ହୁଏ। ଭଗବାନଙ୍କ ପ୍ରତି ଉର୍ସ୍ଵଗୀକୃତ କର୍ମ କୁପ୍ରଭାବକୁ ହରାଇଥାଏ। କିନ୍ତୁ କର୍ମର ଫଳକୁ ଆମେ ଭଗବାନଙ୍କ ପାଖରେ ଛାଡ଼ିଦେବା ଉଚିତ। କୁହୁଡ଼ି ଅଜ୍ଞାନ ସଦୃଶ ଓ ଅହଂକାରର ପ୍ରତୀକ ଓ ଈଶ୍ୱରଙ୍କୁ ଲୁଚାଇ ଦିଏ ଓ ଜୀବ ଭିତରେ ଭ୍ରାନ୍ତ ଧାରଣା ସୃଷ୍ଟି କରେ। ଧୂଳି ଓ କୁହୁଡ଼ି ସତ୍ୟକୁ ହତ୍ୟା କରେ କିନ୍ତୁ ଜ୍ଞାନ ଉଦଭାସିତ ହେଲେ କୁହୁଡ଼ି ଆପେ ଆପେ ଚାଲିଯାଏ। ଆଜି କାଲିର ଲୋକମାନେ ଧୂଳି, କୁହୁଡ଼ି ଓ ଅଜ୍ଞାନତାକୁ ପସନ୍ଦ କରୁଛନ୍ତି। ଆମେ ଖାଇସାରି ନନ୍ଦନକାନନ ବୁଲିବାକୁ ଗଲୁ। ସେଠାରେ ଗୋଟିଏ ହାତୀ ଦେଖିଲୁ। ଲୋକମାନେ ପଇସା ଦେଇ ହାତୀ ପିଠିରେ ବସିବା ପାଇଁ ମାହୁନ୍ତ ନିକଟରେ ଏକ ରକମ ପ୍ରତିଯୋଗିତା କରୁଥାନ୍ତି। ବାପା କହିଲେ ଝିଅ ଦେଖ! ଯେଉଁ ହାତୀ ଦିନେ ଦଳପତି ଥିଲା ଓ ତାର ଦଳକୁ ଦେଖି ଜଙ୍ଗଲର ରାଜା ସିଂହ ମଧ୍ୟ ଭୟ କରୁଥିଲା ସେ ଧରା ପଡ଼ିଯାଇ ମନୁଷ୍ୟର ଆଦେଶ ମୁତାବକ କାଠ ଗଣ୍ଡି ଓ ମଣିଷକୁ ବୋହୁଛି। ସେ ନିଜର ଶକ୍ତି ଓ ସୌନ୍ଦର୍ଯ୍ୟକୁ ଭୁଲି ଯାଇଛି। ମଣିଷ ମଧ୍ୟ ଆଜି ବେଦ ଓ ଭାରତୀୟ ସଂସ୍କୃତିକୁ ଭୁଲି ଯାଇଛି। କେତେକ କର୍ମ ଅଛି ଯାହାକୁ ମଣିଷ ଯେତେ ମନ ହରଣକାରୀ ଓ ପ୍ରଲୋଭିତ ହୋଇଥିଲେ ମଧ୍ୟ ଏହାକୁ କରିବା ଉଚିତ ନୁହେଁ। କିନ୍ତୁ ଏବେ ବେଦକୁ ଓ ଭାରତୀୟ ସଂସ୍କୃତିକୁ ଭୁଲିଯିବା ଫଳରେ ମନୁଷ୍ୟ ନିଜର ଲୋଭ ଓ ସ୍ୱାର୍ଥପରତା ମାଡ଼ି ବସୁଛି।

ମୁଁ କହିଲି ବାପା ବେଦ କାହିଁକି ଆମ ପାଠ୍ୟକ୍ରମରେ ନାହିଁ। ତୁମେ କହୁଥିଲ ବିଦ୍ୟା ଦଦାତି ବିନୟମ। ଭକ୍ତି ଓ ବିନୟତା ବିଷୟରେ ଆମ ସ୍କୁଲ ପାଠ୍ୟକ୍ରମରେ କାହିଁକି କିଛି ପଢ଼ା ଯାଉନାହିଁ। ଏହା ଛାତ୍ର ଓ ଛାତ୍ରୀମାନେ କିପରି ହାସଲ କରିପାରିବେ। ଏହି ସମୟରେ ଆମ ଗାଡ଼ି ବିଧାନ ସଭା ସୌଧ ସାମ୍ନାରେ ପହଞ୍ଚିଲା। ଆମେ ଦେଖିଲୁ ବାହାରେ ଖୁବ ହଟ୍ଟଗୋଳ ଲାଗି ରହିଥାଏ। ପ୍ରତିବର୍ଷର ମୀନା ବଜାର ପରି ଅନେକ ତମ୍ବୁ ଟଙ୍ଗା ଯାଇ ବିଭିନ୍ନ ସଙ୍ଗଠନର ଲୋକମାନେ ବିଭିନ୍ନ ତମ୍ବୁତଳେ ବପସି ସରକାରଙ୍କ ବିରୁଦ୍ଧରେ ନାରା ଦେଉଥାନ୍ତି। ଜଣେ ପୋଲିସ ବାବୁ ବାପାଙ୍କୁ କହିଲେ ବିଧାନସଭା ଦେଖିବେ କଣ ? ଆଜି ହଟ୍ଟଗୋଳ ହୋଇ ବିଧାନସଭା ମୁଲତବୀ ହୋଇଯାଇଛି।

ମାଆ କହିଲେ ଗୁରୁଜନମାନେ ତାଙ୍କ ବାତାବରଣ, ଘର ଭିତରେ ଗାଁ ଭିତରେ, କ୍ଲବରେ, ସାମାଜିକ କ୍ଷେତ୍ରରେ ଓ ବିଧାନସଭା ସୌଧ ଭିତରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଭକ୍ତି ବିନୟଭାବ ଯୁବ ସମାଜକୁ ଶିଖାଇ ଦେବାରେ ସାହାଯ୍ୟ କରିବା ଉଚିତ। ତରୁଣମାନେ ବୟସ୍କ ବ୍ୟକ୍ତିଙ୍କ ଠାରୁ ଅତିଶୀଘ୍ର ଶିଖି ଯାଆନ୍ତି ସେ ଦୃଷ୍ଟିକୋଣରୁ ସେମାନେ ଯୁବ ସମାଜ ଆଗରେ ଆଦର୍ଶ ସ୍ଥାନୀୟ ହୋଇ ଦଣ୍ଡାୟମାନ ହେବା ଦରକାର। ଗଲ ଏ ଜାଗା ବଡ଼ ବିପଦ ଶଙ୍କୁଳ ଲାଗୁଛି ତୁ ଝିଅ ବଡ଼ ହେଲେ ଭକ୍ତି ଓ ବିନୟର ନୀତିକୁ ଶିକ୍ଷାରେ ରଖିବା ପାଇଁ ସରକାରଙ୍କୁ ଅନୁରୋଧ ରଖିବୁ।

ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୬୯୮୦୦୨୬

# ପ୍ରଦୂଷଣର ଭୟାବହତା ଓ ଜୀବନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିବ। ଆଜମା ରୋଗୀଙ୍କ ସମସ୍ୟା ବଢ଼ିବ। ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ। ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ସମସ୍ତେ ସବୁଜ ଦୀପାବଳି ପାଳିବାକୁ ହେବ। ଦୀପାବଳିର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ। ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ଗର୍ଭ ନଷ୍ଟ ହୋଇପାରେ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା। ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ। ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧ୍ୟରେ ଦେଶର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁଁ ଏହା ମଧ୍ୟ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ। ଏହା ଯଦି ହୃଦୟ ବା ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତାହାଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ସଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ି ଯାଇଥାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ପ୍ରଦୂଷଣ ପ୍ରତିରୋଧ କରିବା କିପରି ବର୍ତ୍ତମାନ ସମୟରେ କେବଳ ଅତ୍ୟାବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଏବଂ ଜାତୀୟ କାର୍ଯ୍ୟକ୍ରମରେ ଏହା କିପରି ପ୍ରାଥମିକତା ପାଇବା ଉଚିତ ତାର ସଙ୍କେତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି ରିପୋର୍ଟରୁ ମିଳେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ। ପ୍ରଦୂଷଣ କଥା ନେଇ ଆମ୍ଭେମାନେ ଯେ ଜାଣି ନାହୁଁ ତାହା ନୁହେଁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ଅଳ୍ପ ବହୁତେ ଆମ୍ଭେମାନେ ସାମ୍ନା କରୁଛୁ ଏବଂ ଆଗକୁ ଜଳବାୟୁ ପରିବର୍ତ୍ତନର କାରଣ ମଧ୍ୟ ପରିବେଶକୁ ଆହୁରି ସଙ୍ଗୀନ କରିପାରେ। ଏ କ୍ଷେତ୍ରରେ ବ୍ୟାପକ ବୃକ୍ଷରୋପଣ ଓ ଗଛ କଟା ଉପରେ ଲଗାମ ରଖିବା ସହ ପରିବେଶକୁ ନେଇ ଆମ୍ଭମାନଙ୍କ ଭିତରେ ଗଭୀର ଓ ଆନ୍ତରିକ ସଚେତନତା ଜରୁରୀ।

ଦୂରଭାଷ : ୯୪୩୮୨୭୬୭୬୦

## ପାରାଦୀପ ଡମ୍ପର ଆସୋସିଏସନ ନିର୍ବାଚନରେ ବିଜୟଙ୍କ ବିପୁଳ ବିଜୟ



ପାରାଦୀପ, (ମହାଭାରତ) : ପାରାଦୀପର ବହୁଚର୍ଚ୍ଚିତ ଡମ୍ପର ଆସୋସିଏସନ ର ନିର୍ବାଚନ ସଙ୍ଘ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ୩୪୯ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ । ସଭାପତି ପଦ ପାଇଁ ବିଜୟ କୁମାର ନାୟକ (ସଦା) ସର୍ବାଧିକ ୨୮୪ ଖଣ୍ଡ ବିପୁଳ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମନୋରଞ୍ଜନ ମିଶ୍ର ମାତ୍ର ୬୩ ଖଣ୍ଡ ଭୋଟ ପାଇ ୨୨୧ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ । ସେହିପରି ଉପସଭାପତି ଭାବେ ପ୍ରମୋଦ କୁମାର ନାୟକ ୨୫୦ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ଦିଲୀପ କିଶୋର ବେହେରାଙ୍କୁ ୧୫୯ ଭୋଟ ବ୍ୟବଧାନରେ ପରାସ୍ତ କରିଥିବା ବେଳେ ସମ୍ପାଦକ ଭାବେ ସୁରଜ କୁମାର ବାରିକ ୨୭୪ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅୟସକାନ୍ତ ସାମଲ ଙ୍କୁ ୨୦୨ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ତେବେ ଏହି ବିପୁଳ ବିଜୟ ସଙ୍ଘ ସଦସ୍ୟଙ୍କର ବିଶ୍ୱାସ, ଭଲପାଇବାର ନିଦର୍ଶନ ଏବଂ ସଙ୍ଘ ଓ ସଦସ୍ୟ ମାନଙ୍କ ଆର୍ଥିକ ଉନ୍ନତି କ୍ଷେତ୍ରରେ ତାଙ୍କ ଟିମ ପୂର୍ବପରି କାର୍ଯ୍ୟ କରିବ ବୋଲି ସଭାପତି ଶ୍ରୀ ନାୟକ କହିଛନ୍ତି ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ଭାଜପାର ଏକତା ପଦଯାତ୍ରା



ଜୁନାଗଡ, (ମହାଭାରତ) : ରାଜ୍ୟରେ ସରକାର ଗଠନ କରିଛି ଭାଜପା ।ଏହାଦ୍ୱାରା ଦଳର ଦାଇତ୍ୱ ଓ ଉତ୍ତର ଦାଇତ୍ୱ ବଢିଯାଇଛି ।ଲୋକଙ୍କ ସମସ୍ୟା ସମାଧାନ ଆମ ପ୍ରାଧାନ୍ୟ ହେବା ଉଚିତ ।ଆମେ ସଙ୍ଗଠନକୁ ଲୋକାଭିମୁଖୀ କରିବାକୁ ହେବ ।ଏହି ଭଳି ଚିନ୍ତାଧାରରେ ସଙ୍ଗଠନକୁ ସୁଧରୁଢ଼ କରିବାରେ ପ୍ରୟାସରତ ଭାଜପା ।କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଆରଏମସି ଠାରେ ଆଜି ଭାଜପା ପକ୍ଷରୁ ସର୍ଦ୍ଦାର ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି ।ପ୍ରଥମେ ଦଳୀୟ କାର୍ଯ୍ୟାଳୟ ଠାରୁ ଏକ ରାଲି ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲା ।ଏକତା ପଦଯାତ୍ରା ସଭାରେ ଜିଲ୍ଲା ସଭାପତି ଯୁଗଳ ପୋଢ଼, ପୂର୍ବତନ ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଭାଜପାର ବରିଷ୍ଠ ନେତା ମନୋଜ ମେହେର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଅଜୟ ପାଣିଗ୍ରାହୀ, ପୂର୍ବତନ ନଗରପାଳ ହିମାଂଶୁ ବରାଡ଼, ମୁକେଶ ଅଗ୍ରୱାଲ, ଟଙ୍କ ନାଏକ,କାଳିନ୍ଦୀ ପାଣିଗ୍ରାହୀ, ସତ୍ୟ ବେହେରା, କଲକୀ ବଣୁଆ, ପ୍ରଭୁଦତ୍ତ ପଣ୍ଡା, କାଞ୍ଚନ ବାଗ,ନୂର୍ଯ୍ୟ ମାଝୀ, ସତ୍ୟ ପଣ୍ଡା, ଯୁବନେତା ଦିବ୍ୟ ଦୀପ,ବିକ୍ରାନ୍ତ ପଟ୍ଟନାୟକ,ରଞ୍ଜନ ଜାଲ, ହାସ୍ୟ ବିଶ୍ୱାଳ, ଅଂଶୁମାନ ଯୋଶୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା ମଞ୍ଚରେ ଆସିନ ଥିଲେ ।ଏହି କର୍ଯ୍ୟରେ ଜିଲ୍ଲା ତଥା ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ବହୁ ମଣ୍ଡଳ କାର୍ଯ୍ୟକର୍ତ୍ତା, ବିଭିନ୍ନ ଛାମୁଆଁ ସଂଗଠନର କାର୍ଯ୍ୟକର୍ତ୍ତା, ଶତାଧିକ ମହିଳା, ପୁରୁଷ କର୍ମୀ ଉପସ୍ଥିତ ଥିଲେ ।ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଧରତି ଆବା ବିରସା ମୁଣ୍ଡାଙ୍କ ଦେଶପାଇଁ ତ୍ୟା ଗ ଓ ବଳିଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାପକ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତି ଯୋଗୁଁ ଭାଜପା ଶିବିରରେ ଉତ୍ସାହ ଦେଖିବାକୁ ମିଳିଥିଲା ।

## ଅଲିଭିରିଡିଲେଙ୍କ ସୁରକ୍ଷା ପାଇଁ ସମୁଦ୍ରରେ ପଇଁତରା

କୃଷ୍ଣପ୍ରସାଦ, (ମହାଭାରତ) : ଓଡିଶା ଉପକୂଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭିରିଡିଲେଙ୍କ ସୁରକ୍ଷିତ ଅଣ୍ଡା ଦାନ ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ବାଲୁଗାଁ ବନଖଣ୍ଡିୟ ଅଧିକାରୀ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ରବିବାର ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ କୃଷ୍ଣପ୍ରସାଦ



ବ୍ଲକର ଅରଖକୁଦା ଠାରୁ ରାଜହଂସ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ଟ୍ରଲର, ଟାପା ଯୋଗେ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ପଇଁତରା ମାରି ପ୍ରାଟ୍ରୋଲିଙ୍ଗ ବ୍ୟବସ୍ଥାକୁ ତଦାରଖ କରିଛନ୍ତି । ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଟ୍ରଲର ପ୍ରବେଶକୁ ବାରଣ କରାଯିବା ସହିତ ଅବାଧ ପ୍ରବେଶ ଉପରେ ତୀକ୍ଷ୍ଣ ନଜର ରଖିଥିବା ଅରଖକୁଦା ବନପାଳ ପ୍ରଣୟ କୁମାର ଜୟସିଂହ ପ୍ରକାଶ କରିଛନ୍ତି । ତେଣୁ ଜନସାଧାରଣ ଓ ମତ୍ସ୍ୟଜୀବୀ ମାନେ କଇଁଛ ଓ ଶାବକ ମାନଙ୍କ ସୁରକ୍ଷା ନେଇ ସଚେତନତା ହେବା ଜରୁରୀ ଅଟେ । ଯଦି ଯନ୍ତ୍ର ଚାଳିତ ବୋଟକୁ ନେଇ ମତ୍ସ୍ୟଜୀବୀଙ୍କ ଅବାଧ ପ୍ରବେଶ ଦେଖାଦିଏ ତେବେ ନିକଟସ୍ଥ ବନ୍ୟପ୍ରାଣୀ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଜଣାଇବାକୁ ନିହାତି ଆବଶ୍ୟକ ବୋଲି ସାତପଡ଼ା ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରା ଅନୁରୋଧ କରିଛନ୍ତି । ଡ଼ିଏଫଓଙ୍କ ସମେତ ସାତପଡ଼ା ବନପାଳ ସୁଜିତ କୁମାର ବେହେରା, ରାଜହଂସ ବନପାଳ ବିଶ୍ୱନାଥ ଟୁଡୁ, ବନରକ୍ଷୀ ଶିବ ପ୍ରସାଦ ପଲେଇ, ବନରକ୍ଷୀ ଅବଦୁଲ ଓକିଲ ଖାନଙ୍କ ସମେତ ସୁରକ୍ଷା କର୍ମୀ ଏହି ସାମୁଦ୍ରିକ ପ୍ରାଟ୍ରୋଲିଙ୍ଗରେ ସାମିଲ ହୋଇଥିଲେ । ସେହିପରି ପାଇକରାପୁର ଠାରୁ ନବା ସମୁଦ୍ର ତଟଦେଶରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ରେଞ୍ଜର ମାନସ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବନପାଳ ଦୁର୍ଗା ଚରଣ ଟୁଡୁ, ବନପାଳ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସମେତ ବନ ବିଭାଗ କର୍ମଚାରୀ ଏବଂ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି । ସମୁଦ୍ର ନିଷିଦ୍ଧାଞ୍ଚଳ ଅବାଧ ପ୍ରବେଶ ଉପରେ କଡା ନଜର ରଖାଯିବା ସହ ଉପକୂଳରେ ବସବାସ କରୁଥିବା ମତ୍ସଜିବୀ ମାନଙ୍କୁ କଇଁଛ ଓ ଶାବକ ମାନଙ୍କ ସୁରକ୍ଷା ଦିଗରେ ସଚେତନ କରାଯାଉଥିବା ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ପ୍ରକାଶ କରିଛନ୍ତି । ବନଖଣ୍ଡ ଅଧିକାରୀଙ୍କ ଏଭଳି ପ୍ରୟାସକୁ ପରିବେଶବିତ ଧନେଶ୍ୱର ବିଧାର ସମେତ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ଯୁବ ରେଡ କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବିଷମକଟକ, (ମହାଭାରତ) : ରାୟଗଡ଼ା ଜିଲ୍ଲା ବିଷମ କଟକ ସ୍ଥାନୀୟ ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁବ ରେଡ୍ କ୍ରସ୍ ତରଫରୁ ଆୟୋଜିତ ତିନିଦିନିଆ ଜିଲ୍ଲା ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଆଜି ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଶିବିରଟି ଗତ ୨୧ ତାରିଖରେ ଆରମ୍ଭ ହୋଇଥିଲା । ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ଦୂରଦୂରାନ୍ତରୁ ଆସିଥିବା ଏକଶହରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଏବଂ ୧୭ ଜଣ ଉପଦେଷ୍ଟା ଯୋଗଦାନ କରିଥିଲେ । ଆଜିର ଉଦ୍ ?ଯାପନୀ କାର୍ଯ୍ୟକ୍ରମ ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଉମାଶଙ୍କର ନିମାଳପୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ନୀଳମାଧବ ହିକକା ଯୋଗ ଦେଇଥିଲେ । ସେ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୋଧନ ଦେଇ ୱାଇ.ଆ଼ର୍. ସି ସମ୍ପର୍କରେ ଏବଂ ଆଗାମୀ ଭବିଷ୍ୟତରେ ଏହାର କାର୍ଯ୍ୟକାରିତା ବିଷୟରେ ସୂଚନା ଦେଇ ପ୍ରେରଣା ଯୋଗାଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ନରେଶ ଚନ୍ଦ୍ର ସାହୁ, ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର ଏବଂ ଶ୍ରୀ ଟିକେଶ୍ୱର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଯୁକ୍ତ ତିନି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ଅନ୍ୟତମ ଅତିଥି ରୂପେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶିବିର ଅବସରରେ ସ୍ୱେଚ୍ଛାସେବୀମାନଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥି ମଧ୍ୟରେ ହେଚଆଇଭି, ଯୋଗ, ମହିଳା ସଶକ୍ତିକରଣ, ରକ୍ତଦାନ ଶିବିର, ଅଗ୍ନି ନିରାପତ୍ତା , ସ୍ୱଚ୍ଛ ଭାରତ ରାଲି ଏବଂ ସଚେତନତା ରାଲି ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ସହିତ ପ୍ରତିଯୋଗୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା: ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ସଙ୍ଗୀତ,ନୃତ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜର ଲୁକ୍କାୟିତ କଳା ପ୍ରଦର୍ଶନ କରିଥିଲେ । ଶିବିରର ଅନ୍ତିମ ଦିବସରେ ସମ୍ମାନିତ ଅତିଥିମାନଙ୍କ କର କମଳରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ କରିବାରେ ଯୁକ୍ତ ଦୁଇ ରେଡ୍ କ୍ରସ୍ ଉପଦେଷ୍ଟା ଶ୍ରୀ ଦୟାନିଧି ବାଙ୍ଗାରି ଏବଂ ଜିଲ୍ଲା ରେଡ୍ କ୍ରସ୍ ସଂଯୋଜକ ଶ୍ରୀ ପ୍ରଶାନ୍ତ ପଣ୍ଡା ସହଯୋଗ କରିଥିଲେ । ଉଦ୍ ?ଯାପନୀ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଯୁକ୍ତ ତିନି ଯୁବ ରେଡ୍ କ୍ରସ୍ ଉପଦେଷ୍ଟା ଶ୍ରୀ ସଞ୍ଜୟ କୁମାର ତ୍ରିପାଠୀ କରିଥିବା ବେଳେ ଅଧ୍ୟାପକ ଶ୍ରୀ କେଦାର ସାହୁକାର ଧନ୍ୟବାଦ ଅର୍ପଣ କରିଥିଲେ । ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ ତିନି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

କିଶୋରନଗର, (ମହାଭାରତ) : ଅନୁଗୋଳ ଜିଲ୍ଲା କିଶୋର ବ୍ଲକ ଅନ୍ତର୍ଗତ ନାକଟି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ତଥା ସମାଜ ସେବୀ ଦିପକ କୁମାର ସାହୁ ଦୀପ ପ୍ରଜ୍ଜ୍ୱଳନ କରି ଖେଳ କୁ ଉଦ୍ଘାଟନ କରିଥିଲେ । ଆମର ମୁଖ୍ୟ ଅତିଥି ଦୀପକ ଭାଇ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଖେଳ ଖେଳିଲେ ଆମର କଣ ଉପକାର ହୋଇଥାଏ ସେ ବିଷୟରେ ଆଲୋଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦଣ୍ଡଧର ପ୍ରଧାନ ଙ୍କ ନେତୃତ୍ୱରେ ଆରମ୍ଭ ହୋଇ ଥିଲା । ବିଦ୍ୟାଳୟର ସଭାପତି ବିରେନ୍ଦ୍ର କୁମାର ସାହୁ ଓ ଶିଶୁ ମନ୍ଦିର ର ସମସ୍ତ ମେମ୍ବର ମାନେ ଯୋଗଦେଇ ଥିଲେ । କନିଷ୍ଠ ବର୍ଗ, ଶିଶୁ ବର୍ଗ, ବାଳବିକାଶ ବର୍ଗ,କିଶୋର ବର୍ଗ, ଶିଶୁ ମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ହୋଇଥିଲା । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ ।

## ଓଡିଶା ଗ୍ରାମ କର୍ମଚାରୀ ପିଅନ ଗ୍ରାମ ପଞ୍ଚାୟତ ମହାସଂଘ କଳାହାଣ୍ଡି ଜିଲ୍ଲାସ୍ତରୀୟ ବୈଠକ



କଳାହାଣ୍ଡି, (ମହାଭାରତ) : ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ପିଅନ ମହାସଂଘ କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ଭବାନୀପାଟଣା ସ୍ଥିତ ଅମଲା ଭବନ ଠାରେ ତା ୨୩/୧୧/୨୦୨୫/ ରବିବାର ଦିନ ସଂଘ ର ୧୦ ଗୋଟି ଦାବି ପୁରଣ ନିମନ୍ତେ ରାଜ୍ୟ ସରକାର ଙ୍କ ଉଦ୍ଦେଶରେ ଜିଲ୍ଲା ସଭାପତି ଶ୍ରୀ ହରେ କୃଷ୍ଣ ନାଏକ ଙ୍କ ସଭାଟିତ୍ୱରେ ଅନୁଷ୍ଠିତ କରାଯାଇଥିଲା । ଉକ୍ତ ଦାବି ମଧ୍ୟରୁ,୧ନମ୍ବର୍ , ଓଡ଼ିଶାର ୬୭୯୪ ଗ୍ରାମ ପଞ୍ଚାୟତ ମାନଙ୍କରେ ଗୋଟିଏ ପିଅନ ପଦବୀ ସୃଷ୍ଟି କରିବା ସହିତ ପ୍ରତି ପଞ୍ଚାୟତ ରେ ସ୍ଥାୟୀ ନିଯୁକ୍ତି ଓ ନିୟମିତ ପ୍ରଦାନ କରିବାର । ୨, ନମ୍ବର,ଯେଉଁ ପର୍ଯ୍ୟନ୍ତ ପଂଚାୟତ ରେ ନୂତନ ସ୍ଥାୟୀ ପିଅନ ପଦବୀ ସୃଷ୍ଟି କରି ନାହାନ୍ତି ରାଜ୍ୟ ସରକାର ତେବେ ପଞ୍ଚାୟତ ମାନଙ୍କରେ ବର୍ତ୍ତମାନ ଡିପିଓ ଙ୍କ ଅନୁମୋଦନ ପାଇଁ ପଞ୍ଚାୟତରେ ନିଯୁକ୍ତି ପାଇଁ କାର୍ଯ୍ୟ କରୁଥିବା ପିଅନ ମାନଙ୍କୁ ଶ୍ରମ ଓ ନିୟୋଜନ ବିଭାଗର ନିର୍ଦ୍ଧାରଣ କରାଯାଇଥିବା ବିଭିନ୍ନ ବର୍ଗର କର୍ମଚାରୀ ମାନଙ୍କୁ ଯେପରି ବର୍ଗୀ କାରଣ କରାଯାଇ ଅଣକୁଶଳୀ ,ଅର୍ଦ୍ଧକୁସଲି ,କୁଶଳୀ,ଓ ନିପୂଣ କୁଶଳୀ ରେ ସାମିଲ କରାଯାଇଛି । ସମାନ ଭାବେ ଏହି କର୍ମଚାରି ମାନଙ୍କୁ ସେହି କାଟାଗୁରି ରେ ସଂଯୁଗ କରାଯିବା ସହିତ ଦୈନିକ ସର୍ବନିମ୍ନ ମଞ୍ଜୁରୀ ୪୫୦ ଟଙ୍କା ପ୍ରଦାନ କରିବା ନିମନ୍ତେ ପ୍ରତ୍ୟେକ ପଞ୍ଚାୟତ କୁ ସର୍କୁଲାର ଶ୍ରମ ଓ ନିୟୋଜନ ବିଭାଗରୁ ପଠାଇବାର ବ୍ୟବସ୍ଥା କରାଯିବା ପାଇଁ ଦାବି ଓ ସର୍ବାଧିକ ମାସ କୁ ୧୮୦୦୦/ ଟଙ୍କା ରଖାଯାଉ । ୩ ନର୍ମ୍ବ, ଓଡ଼ିଶା ଗ୍ରାମ୍ୟ ପଞ୍ଚାୟତ ୨୦୧୪ ମସିହା ୧୨୫ ନିୟମ କୁ ଉଚ୍ଛେଦ କରିବା ଓ ୧୯୬୪ ମସିହା ୧୨୩ ଆଇନ କୁ ତୁରନ୍ତ ବିଧାନ ସଭାରେ ଉପସ୍ଥାପନ କରାଯାଇ ସଂଶୋଧନ କରିବା । ୪ ନର୍ମ୍ବ,ପଞ୍ଚାୟତ ରାଜ ବିଧି ବ୍ୟବସ୍ଥାରେ ପଞ୍ଚାୟତ ପିଅନ ମାନଙ୍କୁ ଅନ୍ତର୍ଭୁକ୍ତ ସହିତ ଇ- ଗଭର୍ଣ୍ଣାର, ପ୍ରୋଟାଲ ପି,ଆ,ର ବିଭାଗରେ କର୍ମଚାରୀ ମାନଙ୍କ ସବିଶେଷ ତାଲିକାକୁ ପଞ୍ଜୀକରଣ କରିବା ଲକ୍ଷ ୫ ନମ୍ବର, ଚାକିରି କ୍ଷେତ୍ରରେ ବୀମାଭୁକ୍ତ କରିବା ସହିତ ସାମାଜିକ ସୁରକ୍ଷା ପ୍ରଦାନ କରିବା । ଏହି ଭଳି ଆଉ ଅନେକ ପ୍ରକାର ମୌଖିକ ଦାବି ଅଛି । ଏହି ବୈଠକରେ କଳାହାଣ୍ଡି ଜିଲ୍ଲା ୧୩ ଗୋଟି ବ୍ଲକ ର ସଭାପତି / ସମ୍ପାଦକ / କୋଷାଧ୍ୟକ୍ଷ, ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଦାବି ପୁରଣ ନିମନ୍ତେ ଓଡ଼ିଶା ସରକାରଙ୍କୁ ବିନମ୍ର ଭାବେ ଗୁହାରି କରିଛନ୍ତି ।

## କାଠ ଫାଳିଆରେ ପିଟି ସମ୍ପର୍କୀୟ ଭାଇକୁ ହତ୍ୟା

ରାଇଘର, (ମହାଭାରତ) : ରାଇଘର ବ୍ଲକ ଠାରେ ସାମାନ୍ୟ ବଚସା କୁ କେନ୍ଦ୍ର କରି ସମ୍ପର୍କୀୟ ଭାଇ ଖେଳିଲା ରକ୍ତର ହୋଲି, ଭାଇ ଓ ଭଉଣୀ ର କଳହ ମେଣ୍ଟାଇବାକୁ ଯାଇ ମଦ ନିଶାରେ ଠେଙ୍ଗାରେ ପିଟି ନିଜ ପିଉସୀ ପୁଅ ଭାଇ କୁ ହତ୍ୟା କରିଛି । ଏହି ଭଳି ଏକ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ ଯୋଡ଼େଙ୍ଗା ର ନୂଆଗାଁ ଆଦିବାସି ଠାରେ । ଏହି ସମ୍ପର୍କ ରେ ମୃତ ସଫସିଂ ଗଣ୍ଡ ଙ୍କ ଭାଇ ବିଜୟ ରାଇଘର ଥାନାରେ ଅଭିଯୋଗ ପରେ ହତ୍ୟାକାରୀ ରାଜେଶ ଗଣ୍ଡଙ୍କୁ ଅଟକ ରଖିଛନ୍ତି ନବରଙ୍ଗପୁର ରୁ ସାଇଣ୍ଟିଫିକ ଟିମ ସହ ରାଇଘର ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ କରୁଛନ୍ତି ।ବିଜୟ ଗଣ୍ଡ ଅଭିଯୋଗ ରେ ପ୍ରକାଶ କରିଛନ୍ତି ଯେ ରାଜେଶ ଗଣ୍ଡ ଙ୍କ ଘର ଖୁଡୁକୁ ଗ୍ରାମରେ ସେ ସମ୍ପର୍କ ରେ ମାମୁ ପୁଅ ଭାଇ ଧାନ କ୍ଷେତ ରେ କାମ କରିବାକୁ ୨୧ ନଭେମ୍ବର ସକାଳୁ ନୂଆଗାଁ ଆସିଥିଲେ । ଦିନ ସାରା ଜମିରେ କାମ କରିବା ପରେ ସଫସିଂ ଓ ରାଜେଶ ମିଶିକି ଏକାଠି ମଦ ପିଇବା ସହ ଖାଇଲେ ଏହି ସମୟ ମଧ୍ୟରେ ସଫସିଂ ଓ ତାଙ୍କ ଭଉଣୀ ମଧ୍ୟରେ କୌଣସି କାରଣ ବଶତଃ ପାଟିତୁଣ୍ଡ ହୋଇଥିଲା ଏଥିରେ ରାଜେଶ ମଧ୍ୟସ୍ଥି ସାଜି ଉଭୟଙ୍କୁ ବୁଝା ସୁଝା କରିଥିଲେ କିନ୍ତୁ ସମାଧାନ ନ ହେବା ଯୋଗୁଁ ଏକ କାଠ ଫାଳିଆ ରେ ସଫସିଂ ମୁଣ୍ଡରେ ପାହାର ପକେଇଥିଲେ ଫଳରେ ସଫସିଂ ଗୁରୁତର ଆହତ ହୋଇ ଥିଲେ ରାତି ହଟଭରଣ୍ଡୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ସେହିଠାରେ ସେ ମୁର୍ତ୍ୟୁ ବରଣ କରିଥିଲେ । ମୃତ ସଫସିଂ ଙ୍କ ୨୨ ନଭେମ୍ବର ରେ ରାଇଘର ଥାନାରେ ଏହି ସଂମ୍ପର୍କ ରେ ଏକ ଏତଲା ଦେବା ପରେ ରାଇଘର ପୋଲିସ ଅଭିଯୁକ୍ତ ରାଜେଶ ଙ୍କୁ ଅଟକ ରଖିଛନ୍ତି । ନବରଙ୍ଗପୁର ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଂଚି ନମୁନା ସଂଗ୍ରହ କରି ତଦନ୍ତ କରୁଛନ୍ତି, ରାଇଘର ପୋଲିସ ହତ୍ୟା ରେ ବ୍ୟବହୃତ ହୋଇଥିବା କାଠ ଫାଳିଆ ଜବତ କରି ଅଧିକା ତଦନ୍ତ କରୁଛନ୍ତି ।

## ଦୋକନ ଭିତର କୁ ମାଡିଗଲା ଗୋରୁ ବୋଝେଇ ପିକ୍‌ଅପ୍ : ୧ମହିଳା ଆହତ

ବିଷମ କଟକ, (ମହାଭାରତ): ରାୟଗଡା ଜିଲ୍ଲା ବିଷମ କଟକ ସଦର ଥାନର ଖ୍ରୀଷ୍ଟୀୟନ୍ ହସ୍‌ପିଟାଲ ଛକ ନିକଟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭେନ୍ ରାସ୍ତାକଡର ଏକ ଦୋକାନ ମଧ୍ୟରେ ଧସେଇ ପସିଲା । ଏହି ଦୁର୍ଘଟଣା ରେ ଦୋକାନ ରେ ବସିଥିବା ମହିଳା ଜଣକ ଆହତ ହୋଇଛନ୍ତି । ଦୁର୍ଘଟଣା ଘଟାଇଥିବା ଗୋରୁ ବୋଝେଇ ପିକ୍ ?ଅପ ଭ୍ୟାନ ଟି କୁ ବିଷମ କଟକ ପୋଲିସ୍ ଜବତ କରିବା ସହ ଗାଡି ଡ୍ରାଇଭର କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି । ଘଟଣା ରୁ ପ୍ରକାଶ ଯେ ଆଜି ଅପରାହ୍ନ ୨ଟା ବେଳେ ୫ଟି ଗାଇ କୁ ନେଇ ଏକ ପିକ୍ ?ଅପ୍ ଭେନ୍ ମୁନିଗୁଡା ରୁ ଆନ୍ଧ୍ର ଯାଉଥିବା ବେଳେ ଗାଡି ଟି ଦ୍ରୁତଗତିରେ ଆସି ବିଷମ କଟକ ଖ୍ରୀଷ୍ଟୀୟାନ୍ ହସ୍ ?ପିଟାଲ ଛକ ନିକଟରେ ଭାରସାମ୍ୟ ହରାଇ ଜିତୁ ନାଲା ଙ୍କ ପାନ ଦୋକାନ ଭିତରେ ମାଡିଯାଇଥିଲା । ଦୁର୍ଘଟଣାରେ ଦୋକାନରେ ବସିଥିବା ଜିତୁ ଙ୍କ ସ୍ତ୍ରୀ ଭାରତୀ ନାଲା ଆହତ ହୋଇଥିବା ବେଳେ ତାଙ୍କର ଦୁଇଟି ସନ୍ତାର ସୁରକ୍ଷତି ରହିଛନ୍ତି । ଖବର ପାଇ ବିଷମ କଟକ ପୋଲିସ୍ ଘଟଣା ସ୍ଥଳରେ ପହଁଚି ଦୁର୍ଘଟଣା ଘଟାଇଥିବା ଗାଇ ବୋଝେଇ ପିକ୍ ?ଅପ୍ କୁ ଜବତ କରିବା ସହ ଗାଡି ଡ୍ରାଇଭର କୁ ଅଟକ ରଖିଛି । ସୂଚନା ଥାଉକି ବିଷମ କଟକ ଦେଇ ଯାତାୟତ କରୁଥିବା ଗୋରୁ ବୋଝେଇ ପିକ୍ ଭ୍ୟାନ୍ ଗୁଡିକ ଦିନକୁ ଦିନ ବହୁ ଦ୍ରୁତ ଗତିରେ ଚଳାଚଳ କରୁଥିବା ବେଳେ କାହାରୁକୁ ମାନୁ ନାହାନ୍ତି କି ଏ ମାନଙ୍କ ପ୍ରତି ପ୍ରଶାସନର କୌଣସି କଟକଣା ମଧ୍ୟ ନାହିଁ । ଦିନ ତମାମ ଏହି ଗୋରୁ ବୋଝେଇ ଗାଡି ଗୁଡିକ ରାଜ ରାସ୍ତାରେ ଦ୍ରୁତଗତିରେ ଯିବା ଆସିବା କରୁଛନ୍ତି । ବିଭିନ୍ନ ସମୟରେ ଦୁର୍ଘଟଣା ମାନ ଘଟାଇ ଲୋକଙ୍କୁ ଥାନାରେ କେଶ ନ ଦେବା ପାଇ ଭୟଭିତ ମଧ୍ୟ କରୁଛନ୍ତି । ଏ ଅଂଚଳରେ ଗାଇ ମାଫିଆ ମାନଙ୍କ ରାଜ ଚାଲୁଥିବାରୁ ସାଧାରଣ ଲୋକେ ଭୟଭିତ ହୋଇ ଥାନାରେ ଅଭିଯୋଗ କରୁନାହାଁନ୍ତି । ଯଦି କେହି କେହି ମୌଖିକ ଭାବେ ପୋଲିସ୍ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଂଚଳ ବାସୀ ପ୍ରକାଶ କରୁଛନ୍ତି । ଏହିମାନଙ୍କ ପ୍ରତି ପୋଲିସ୍ କାହିଁକି କୋହଳ ମନୋଭାବ ପୋଷଣ କରୁଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି ।

## ଗାଢ଼ ଭାଲୁ ଆକ୍ରମଣରେ ଦୁଇ ଆହତ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବନ୍ୟାଞ୍ଚଳ ଅନ୍ତର୍ଗତ ଅଙ୍କୁରା ରେ ଏକ ଗାଢ଼ ଭାଲୁ ଆକ୍ରମଣ ରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ବ୍ୟକ୍ତି ଜଣକ ନାମ ବିଜୟ ନାଏକ ବୋଲି ଜଣାପଡି ଛି । ସୂଚନା ରୁ ପ୍ରକାଶ ବିଜୟ ସକାଳୁ ନିକଟ ପୋଖରୀ କୁ ଶୌଚ କରି ଫେରୁଥିବା ସମୟରେ ଆଁଭାଲୁ ଆକ୍ରମଣ କରି ଥିଲା । ବ୍ୟକ୍ତି ଜଣକ ମୁଁହ ଦୁଇ ଗୋଡ଼ ରେ ଗୁରୁତର ଆହତ କରିଥିଲା ବ୍ୟକ୍ତି ଜଣକୁ ଗୁରୁତର ଅବସ୍ଥାରେ ପଡିରହି ଥିଲେ । ଭାଲୁ ଟି ଗାଁ ଭିତ କୁ ଯାଇ ଅନ୍ୟ ଜଣେ ଯୋଗଦିସ ନାଏକ ଧାନ ବେଙ୍ଗୁଲା ପକାଉ ଥିବା ସମୟ ରେ ଭାଲୁ ଆକ୍ରମଣ କରି ଆହତ କରିଥିବା ବେଳେ ଗ୍ରାମବାସୀ ଭାଲୁ ଟିକୁ ଆୟତ୍ତ କରିଥିବା ଜଣାପଡି ଛି । ଗୁରୁତର ଅବସ୍ଥାରେ ବିଜୟ,ଯୋଗଦିସ ଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରାଯାଇ ଛି । ଖବର ପାଇ ପାଟଣା ବନ୍ୟାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର ଦୁଇ ହିଁ ସ୍ୱାସ୍ଥ୍ୟ ଅବସ୍ଥା ବୁଝି ଛନ୍ତି । ଦୁଇ ଜଣ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଅବସ୍ଥା ରେ ଥିବା ଜଣାପଡି ଛି ।

# ଚାଷୀଙ୍କ ଉପ ସରକାରଙ୍କ ଚାବୁକ୍ ମାଡ଼, ଲକ୍ଷାଧିକ ଲୋକଙ୍କ କଟିବ ରାସନ କାର୍ଡ : ଧାନ ବିକୁଥିବା ଚାଷୀ ଓ ପିଏମ୍ କିଷାନ ପାଉଥିଲେ କଟିବ କାର୍ଡ, ଭୟରେ ଦଲାଲଙ୍କୁ ଧାନ ବିକିବେ ଚାଷୀ



ନୟାଗଡ଼, (ମହାଭାରତ) : ରାଜ୍ୟ ସରକାର ରାସନ କାର୍ଡ ଧାରୀ ଚାଷୀଙ୍କ ଉପରେ ଚାବୁକ ମାଡ଼ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଯେଉଁ ଚାଷୀଙ୍କ ଅଢ଼େଇ ଏକର ଚାଷ ଜମି ରହିଛି କିମ୍ବା ୩୦ କ୍ୱିଣ୍ଟାଲ୍ ରୁ ଉର୍ଦ୍ଧ୍ୱ ଧାନ ବିକ୍ରି କରୁଛନ୍ତି ସେମାନଙ୍କ ରାସନ କାର୍ଡ କାଟିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ନୟାଗଡ଼ ଜିଲ୍ଲାର ଆଠଟି ଯାକ ବ୍ଲକ୍ ଏମ୍‌ଆଇଙ୍କ ପାଖକୁ ଲମ୍ବା ତାଲିକା ଆସିଛି । ଏହି ତାଲିକାକୁ ଅନୁଧାନ କରି ରାସନ କାର୍ଡ ରୁ ବାଦ ଦେବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ରହିଛି । ଧାନ ବିକ୍ରି ଓ ଚାଷ ଜମିକୁ ବାଦ ଦେଲେ ଆହୁରି ଅନେକ ମାନଦଣ୍ଡ ରଖାଯାଇଛି । ଯାହାକୁ ନେଇ ଚାଷୀ ମହଲରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି । ଜିଲ୍ଲା ଯୋଗାଣ ବିଭାଗ ଏନେଇ କୌଣସି ତଥ୍ୟ ପ୍ରଦାନ କରୁନଥିବା ବେଳେ ନୟାଗଡ଼ ବ୍ଲକର ୧୫ ହଜାର ୭୨୪ ଚାଷୀଙ୍କ ନାମ ଏହି ତାଲିକାରେ ରହିଛି । ଏହା ସହିତ ଓଡ଼ଗାଁ ବ୍ଲକ୍ ର ୧୮ ହଜାରରୁ ଉର୍ଦ୍ଧ୍ୱ, ଗଣିଆ ବ୍ଲକ୍ ର ୪ ହଜାରରୁ ଉର୍ଦ୍ଧ ଚାଷୀ ତାଲିକାଭୁକ୍ତ ହୋଇଥିବା ସୂଚନା ମିଳିଛି । ଖଣ୍ଡପଡ଼ା ବ୍ଲକ୍ ର ୧୨ ହଜାର ୨୮୫ ଜଣ ଚାଷୀଙ୍କ ତାଲିକା ପ୍ରସ୍ତୁତ ହୋଇଛି । ନୟାଗଡ଼ ଜିଲ୍ଲାର ୮ ଟି ବ୍ଲକ୍ ରୁ ଲକ୍ଷାଧିକ ଚାଷୀଙ୍କ ନାମ ରାସନ କାର୍ଡ ରୁ ବାଦ ଦେବାକୁ ଚିଠା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି । ପିଏମ୍ କିଷାନ ପାଉଥିବା ଚାଷୀ ମଧ୍ୟ ବାଦ ପଡ଼ିବେ ବୋଲି ସୂଚନା ମିଳିଛି । ନୟାଗଡ଼ ଜିଲ୍ଲାରେ ଚାଷୀଙ୍କ ପାଇଁ ଧାନଚାଷ ଏକମାତ୍ର ବିକଳ୍ପ ହୋଇଥିବା ବେଳେ ସରକାର ଏହାକୁ ନେଇ ଚାଷୀଙ୍କ ଭାତ ଥାଳିରେ ଗୋଇଠା ମାରିବା ନୀତି ଆପଣାଇବା ବଡ଼ ବିଷମ ସ୍ଥିତି ସୃଷ୍ଟି କରିଛି । ନୟାଗଡ଼ ଜିଲ୍ଲାରେ ଲକ୍ଷାଧିକ ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନାମରେ ଚାଷ ଜମିରେ ରହିଛି । ଚାଷ କରି ବର୍ଷକ ପାଇଁ ଖାଦ୍ୟ ମହଜୁଦ ରଖିବା ସହ ବଳକା ଶସ୍ୟକୁ ସେମାନେ ମଣ୍ଡିରେ ବିକ୍ରି କରିଥାନ୍ତି । ମଣ୍ଡିରେ ଧାନ ବିକୁଥିବା ଚାଷୀଙ୍କୁ ଟାର୍ଗେଟ କରିବା ସରକାରଙ୍କ ବ୍ୟବସ୍ଥା ପ୍ରତି ସାଧାରଣରେ ପ୍ରଶ୍ନ ଉଠିଛି । ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ତାଲିକା ଅନୁସାରେ, ୬ ମାସରୁ ଉର୍ଦ୍ଧ୍ୱ ସମୟ ଚାଉଳ ଉଠାଇ ନବା ହିତାଧିକାରୀଙ୍କୁ ମଧ୍ୟ ରାସନ କାର୍ଡ ରୁ ବାଦ ଦେବାକୁ ତାଲିକା ଅନ୍ତଭୁକ୍ତ କରାଯାଇଛି । ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ପୂର୍ବ ସରକାର ଲୋକଙ୍କ ଆସ୍ଥା ଭାଜନ ହୋଇଥିବା ବେଳେ ଚାଷୀଙ୍କ ରାସନ କାର୍ଡ କାଟିବା ପାଇଁ ପ୍ରସ୍ତୁତି କରିଥିବା ସରକାରଙ୍କୁ ଚାଷୀ ଉଚିତ୍ ଜବାବ ଦେବେ ବୋଲି ମତ ପ୍ରକାଶ ପାଇଛି । ନୟାଗଡ଼ ଜିଲ୍ଲା ରେ ପ୍ରତ୍ୟେକ ବର୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନ ପଞ୍ଜୀକରଣ କରି ଧାନ ବିକ୍ରି କରୁଛନ୍ତି । କିଛି ଚାଷୀଙ୍କୁ ବାଦ ଦେଲେ ପ୍ରାୟ ଅଧିକାଂଶ ଚାଷୀ ୩୦ କ୍ୱିଣ୍ଟାଲ୍ ରୁ ଉର୍ଦ୍ଧ୍ୱଧାନ ମଣ୍ଡିରେ ବିକ୍ରି କରୁଛନ୍ତି । ଏହି ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନାମ ଯୋଗାଣ ବିଭାଗ ପାଖରେ ରହିଥ ?ିବା ଚିଠାରେ ରହିଛି । ପ୍ରତ୍ୟେକ ବ୍ଲକ ଯୋଗାଣ ଅଧିକାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଏହାର ଅନୁଧାନ କରି ରାସନ କାର୍ଡ ହିତାକାରାଙ୍କ ନାଁକୁ ବାଦ ଦେବାକୁ ଯୋଜନା ଚାଲିଛି । ରାସନ ହିତାଧିକାରୀ ମାନେ ସରକାରଙ୍କ ଆୟୁଷ୍ମାନ ଯୋଜନାରେ ମଧ୍ୟ ରହିଛନ୍ତି । ସେହି ଅନୁସାରେ, ରାସନ କାର୍ଡରୁ ନାଁ ବାଦ ପଡ଼ିଲେ ଆୟୁଷ୍ମାନ ଯୋଜନାରୁ ମଧ୍ୟ ନାଁ ବାଦ ପଡ଼ିବ ବୋଲି ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ଏଭଳି ନିୟମ ଦ୍ୱାରା ଚାଷୀ ଆଉ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ସାହାସ ଜୁଟାଇ ପାରିବେନାହିଁ । ଦଲାଲ ଜରିଆରେ ନିଜ ଧାନକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେବେ । ଚାଷୀ ପରିବାର ପାଇଁ ରାସନ କାର୍ଡ ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ ସରକାର ଲଗାଇଥିବା ଅଙ୍କୁଷ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି ଉପରେ ରୋକ ଲଗାଇବାକୁ ଏକ ଷଡ଼ଯନ୍ତ୍ର ବୋଲି ଆଲୋଚନା ହେଉଛି । ରାଜ୍ୟ ସରକାର ଏମ୍‌ଏସପି ବୃଦ୍ଧି କରି ଚାଷୀଙ୍କୁ କଷ୍ଟ ଅର୍ଜିତ ଫସଲକୁ ଉଚିତ ମୁଲ୍ୟ ଦେଉଥିଲେ । ଏଭଳି ପ୍ରତିବନ୍ଧକ ଲଗାଇବା ଦ୍ୱାରା ଚାଷୀ ବାଧ୍ୟ ହୋଇ ବେସରକାରୀ ଭାବେ ଦଲାଲଙ୍କୁ ଧାନ ବିକ୍ରି କରିବେ ବୋଲି ଆଲୋଚନା ହେଉଛି ।

## ପଙ୍କାମୁଣ୍ଡାଇ କେନାଲ ବନ୍ଧ ଜବରଦଖଲକାରୀଙ୍କ କବଜାରେ : ଉଚ୍ଛେଦ ବାକି



ବାଲିଚନ୍ଦ୍ରପୁର,(ମହାଭାରତ): କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅନ୍ତର୍ଗତ ଛତା ସବଡ଼ିଭିଜନ ଓ ଚନ୍ଦନନଗର ସେକସନ ଅଧିନ ପଙ୍କାମୁଣ୍ଡାଇ କେନାଲ ବନ୍ଧ ମୁଖ୍ୟ ରାସ୍ତା ଓ ସେହି କେନାଲର ତଳ ବନ୍ଧ ୭ ନମ୍ବର (କ) କେନାଲ ବନ୍ଧ ଏବେ ଜବରଦଖଲକାରୀଙ୍କ କବଜାରେ। ପିରପାଟଣା ଠାରୁ କଳାଶ୍ରୀ ପର୍ଯ୍ୟନ୍ତ ଏବେ ଉକ୍ତ ବନ୍ଧରେ ଚାଲିଛି ବାଡ଼ବୁଝା ପ୍ରତିଯୋଗିତା। ଯିଏ ଯେଉଁଠି ପାରୁଛି ବୁଜିପକାଉଛି ବାଡ଼। ସତେ ଯେପରି ଜବରଦଖଲକାରୀ ମାନେ ନିଜ ନାମରେ କବଲା କରିନେଇଛନ୍ତି କେନାଲ ବନ୍ଧକୁ। ରାଜ୍ୟର ଡ଼ବଲଇଂଜିନ ସରକାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରିଥିବା ବେଳେ ବଡ଼ଚଣା ବ୍ଲକରେ ଜବରଦଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତେ ଜବରଦଖଲ କୁ ଦେଖୁଥିଲେ ମଧ କେହି ମୁହଁ ଖୋଲୁନାହାଁନ୍ତି। ଏପରିକି ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଯନ୍ତ୍ରୀ ଏସବୁ ଦେଖି ନଦେଖିଲା ପରି ଚାଲିଯାଉଛନ୍ତି। ରାଜ୍ୟରେ ଦିନକୁ ଦିନ ଜବରଦଖଲ ସମସ୍ୟା ବଢିବାରେ ଲାଗିଛି। ଯାହା ଭବିଷ୍ୟତରେ ଚିନ୍ତାରକାରଣ ପାଲଟିବା ସହ ଗବିଷ୍ୟତରେ ଉନ୍ନୟନ ମୂଳକ କାର୍ଯ୍ୟ ତଥା ବଡ଼ଚଣା ବିକାଶରେ ବାଧକ ସାଜିବ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି। ତେବେ ତୁରନ୍ତ ଆରମ୍ଭ ହୋଇଥିବା ଜବରଦଖଲ ପ୍ରକ୍ରିୟାକୁ ବନ୍ଦ କରିବା ସହ ଜବରଦଖଲକାରୀ ସ୍ଥାନକୁ ମୁକ୍ତ କରିବା ପାଇଁ ବଡ଼ଚଣା ବିଧାୟକ ଓ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଦାବି ହୋଇଛି। ଏ ନେଇ ଛତା ଏସ.ଡ଼ି.ଓ ରାୟ ବାବୁଙ୍କୁ ପଚାରିବାରେ ଆମେ ପୂର୍ବରୁ ଦର୍ପଣ ତହସିଲଦାରଙ୍କୁ ରିପୋର୍ଟ କରିଥିଲୁ। କୌଣସି ପଦକ୍ଷେପ ନିଆଗଲାନାହିଁ। ଆଗକୁ ପଦକ୍ଷେପ ନିଆଯିବ ବୋଲି ମତ ଦେଇଛନ୍ତି।

## ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ନିଶା ଓ ବାଙ୍ଗଲାଦେଶୀ ମୁକ୍ତ ଶୋଭାଯାତ୍ରା




ବାଲିଚନ୍ଦ୍ରପୁର,(ମହାଭାରତ): ଯାଜପୁର ଜିଲ୍ଲା ବଜରଙ୍ଗ ଦଳ ଓ ବିଶ୍ୱହୀନ୍ଦୁ ପରିଷଦ ମିଳିତ ଅନୁକୂଲ୍ୟରେ ବଡ଼ଚଣା ପ୍ରଖଣ୍ଡରେ ରବିବାର ଜିଲ୍ଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଶତାଧିକ କାର୍ଯ୍ୟକର୍ତ୍ତା ଶୋଭାଯାତ୍ରରେ ବାହାରି ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରି ପତରାଜପୁରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବାଲିଚନ୍ଦ୍ରପୁର ପ୍ରାନ୍ତୀୟ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ସ୍ତରୀୟ ସମ୍ମିଳନୀ ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବସନ୍ତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ପ୍ରଭାତ ଭୁଣେ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଶା ମୁକ୍ତ ଓଡ଼ିଶା ଗଠନ ଓ ବଙ୍ଗଳାଦେଶୀ ଅନୁପ୍ରବେଶ କାରି ଙ୍କୁ ତୁରନ୍ତ ଚିହ୍ନଟ କରି ବାହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଶ୍ୱହୀନ୍ଦୁ ପରିଷଦ ଯାଜପୁର ଜିଲ୍ଲା ସହସଂଯୋଜକ ହିମାଂଶୁ ଶେଖର ବଳ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କର, ବଡ଼ଚଣା ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ବିଜୟ କୁମାର ସାହୁ, ଜିଲ୍ଲା ସହସଂଯୋଜକ ଶାରଦା ପ୍ରସନ୍ନ ବଳ, ଜିଲ୍ଲା ସୁରକ୍ଷା ପ୍ରମୁଖ ସନ୍ତୋଷ ପତି, ଜିଲ୍ଲା ଗୋରକ୍ଷା ପ୍ରମୁଖ ସନ୍ତୋଷ କୁମାର ସାହୁ, ଜିଲ୍ଲା ସହଗୋରକ୍ଷା ପ୍ରମୁଖ ଚିତ୍ତ ବିଶ୍ୱାଳ ଓ ଅସିତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧରେ କୋରେଇ ସଂଯୋଜକ ମଧୁସୁଦନ ସାମଲ, ଧର୍ମଶାଳା ସଂଯୋଜକ କିଶୋର ସାମଲ, ବିଞ୍ଝାରପୁର ସଂଯୋଜକ ସୁବୋଧ ଧଳ, ବ୍ୟାସନଗର ସଂଯୋଜକ ଶାନ୍ତନୁ କୁମାର ସାହୁ, ବରୀ ସଂଯୋଜକ ଶ୍ରୀକାନ୍ତ ସାହୁ ଓ ପ୍ରମୋଦ ମଲ୍ଲିକ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବଡ଼ଚଣା ପ୍ରଖଣ୍ଡ ସଂଯୋଜକ ଅନନ୍ତ ଦାସ କାର୍ଯ୍ୟକ୍ରମରେ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକର୍ତ୍ତା ମାନଙ୍କୁ ବଡ଼ଚଣା ପ୍ରଖଣ୍ଡ ତରଫରୁ ମାଆ ବିରଜାଙ୍କ ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜନ୍ମଜୟନ୍ତୀ ପାଳିତ ଓ ନିଶାମୁକ୍ତି ସଚେତନତା ଯାତ୍ରା




ଏରସମା(ମହାଭାରତ): ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଛି। ରବିବାର ପୂର୍ବାହ୍ନରେ ଏରସମା ସଚେତନ ନାଗରିକ ମଞ୍ଚ ପକ୍ଷରୁ,ଗାନ୍ଧୀ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ,ଅଞ୍ଚଳର ବୁଦ୍ଧିଜୀବି,ସାମାଜିକ କର୍ମୀ ଓ ମହିଳା ସଦସ୍ୟା ମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।ଏହି ଅବସରରେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଯେଉଁ ନିଶାମୁକ୍ତ ଓଡ଼ିଶା ଲକ୍ଷଥିଲା,ତାଙ୍କର ପଦାଙ୍କ ଅନୁସରଣ କରି ସଚେତନ ନାଗରିକ ମଞ୍ଚ ପକ୍ଷରୁ,ଏରସମା ଅଞ୍ଚଳର ପ୍ରତି ଘରେ ଓ ପ୍ରତି ଗାଁରେ ନିଶା ମୁକ୍ତି ସଚେତନତା ସହିତ ନିଶା ମୁକ୍ତି ଆନ୍ଦୋଳନକୁ ତିବ୍ରତର କରାଯିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିସହିତ ନିଶାମୁକ୍ତି କ୍ରମରେ ମୁଖ୍ୟମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା।ଏହି ଅବସରରେ ନିଶାମୁକ୍ତ ଏରସମା ଓ ନିଶାମକ୍ତ ଓଡ଼ିଶା ଶ୍ଳୋଗାନ ଦେଇ ଏକ ସଚେତନତା ଯାତ୍ରା କ୍ରମରେ,ଉପସ୍ଥିତ ବୁଦ୍ଧିଜୀବି ମାନେ ଏରସମା ବଜାର ଅଞ୍ଚଅଳ ପରିକ୍ରମା କରିଥିଲେ।କାର୍ଯ୍ୟ କ୍ରମରେ ମଞ୍ଚର ସଭାପତି ପ୍ରବୀର ପଣ୍ଡା, ସମ୍ପାଦକ ଜ୍ଞାନରଞ୍ଜନ ଦାସ,ନାରୀନେତ୍ରୀ ରୀନାବାଳା ସ୍ୱାଇଁ,ଅନୁପମା ସେଠି,ବିଚିତ୍ର ବିଶ୍ୱାଳ,ସୁଧାଂଶୁ ନାୟକ,ଶଶିଭୂଷଣ ସ୍ୱାଇଁ,ପ୍ରଦିପ୍ତ ରାମ,ରବି ଦାସ,ଅମ୍ବିକା ମହାନ୍ତି ଓ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ କୁଜଙ୍ଗ କୋର୍ଟ ପରିଦର୍ଶନ




ପାରାଦୀପ (ମହାଭାରତ) ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ମାନସ ରଞ୍ଜନ ପାଠକ ଶନିବାର ଦିନ କୁଜଙ୍ଗ କୋର୍ଟ ପରିଦର୍ଶନ କରିଛନ୍ତି । ବିଚାରପତି ଶ୍ରୀ ପାଠକ କୋର୍ଟ ପରିଦର୍ଶନ କରି ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଏହି ଅବସରରେ କୁଜଙ୍ଗ ବାର ଆସୋସିଏସନ ପକ୍ଷରୁ ବିଚାରପତି ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବିଚାରପତି କୁଜଙ୍ଗରେ ନିର୍ମାଣଧୀନ କୋର୍ଟ ଗୃହ ଅଗ୍ରଗତି ବୁଲି ଦେଖିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଏହାପରେ ସେ କୁଜଙ୍ଗ ସମାଗୋଳ ଜେଲ ପରିଦର୍ଶନ କରି ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବିଚାରପତି ଙ୍କ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲା ଜଜ ପ୍ରଦ୍ୟୁମ୍ନ କୁମାର ନାୟକ, ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ରୁଦ୍ର ନାରାୟଣ ମହାପାତ୍ର, ଓଡିଶା ଆଇନ ସେବା ପ୍ରାଧିକରଣ ସଚିବ ଅରବିନ୍ଦ ପଟ୍ଟନାୟକ ଓ ବିଶ୍ୱକଳ୍ପିତା ମହାନ୍ତି ପ୍ରମୁଖ ସାମିଲ ଥିଲେ। ଏହି ପରିଦର୍ଶନ ସମୟରେ କୁଜଙ୍ଗ ବାର ଆସୋସିଏସନ ର ସଭାପତି ଏନ.ଡି. ଯାଦବ, ସମ୍ପାଦକ ବ୍ରଜ କିଶୋର ରାଉତ, ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ, ସୁରେଶ ଚନ୍ଦ୍ର ଦାସ, ଅମୃତ ଦାସ, ରମେଶ ଚନ୍ଦ୍ର ଦାସ,ଆଇନଜୀବୀ ଦେବାଶିଷ କଣ୍ଠ, ନଳିନୀ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସୂଚନା ଥାଉକି ପାରାଦୀପରେ ପ୍ରସ୍ତାବିତ କୋର୍ଟ ପ୍ରତିଷ୍ଠା ନେଇ ମାନ୍ୟବର ବିଚାରପତି ଶ୍ରୀ ପାଠକ ଙ୍କ କୁଜଙ୍ଗ ଗସ୍ତ ବେସ ମହତ୍ୱପୂର୍ଣ୍ଣ ।ଉଚ୍ଚ ନ୍ୟାୟାଳୟ ବିଚାରପତି ଙ୍କ କୁଜଙ୍ଗ କୋର୍ଟ ପରିଦର୍ଶନପାରାଦୀପ - ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ମାନସ ରଞ୍ଜନ ପାଠକ ଶନିବାର ଦିନ କୁଜଙ୍ଗ କୋର୍ଟ ପରିଦର୍ଶନ କରିଛନ୍ତି । ବିଚାରପତି ଶ୍ରୀ ପାଠକ କୋର୍ଟ ପରିଦର୍ଶନ କରି ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଏହି ଅବସରରେ କୁଜଙ୍ଗ ବାର ଆସୋସିଏସନ ପକ୍ଷରୁ ବିଚାରପତି ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବିଚାରପତି କୁଜଙ୍ଗରେ ନିର୍ମାଣଧୀନ କୋର୍ଟ ଗୃହ ଅଗ୍ରଗତି ବୁଲି ଦେଖିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଏହାପରେ ସେ କୁଜଙ୍ଗ ସମାଗୋଳ ଜେଲ ପରିଦର୍ଶନ କରି ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ବିଚାରପତି ଙ୍କ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲା ଜଜ ପ୍ରଦ୍ୟୁମ୍ନ କୁମାର ନାୟକ, ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ରୁଦ୍ର ନାରାୟଣ ମହାପାତ୍ର, ଓଡିଶା ଆଇନ ସେବା ପ୍ରାଧିକରଣ ସଚିବ ଅରବିନ୍ଦ ପଟ୍ଟନାୟକ ଓ ବିଶ୍ୱକଳ୍ପିତା ମହାନ୍ତି ପ୍ରମୁଖ ସାମିଲ ଥିଲେ। ଏହି ପରିଦର୍ଶନ ସମୟରେ କୁଜଙ୍ଗ ବାର ଆସୋସିଏସନ ର ସଭାପତି ଏନ.ଡି. ଯାଦବ, ସମ୍ପାଦକ ବ୍ରଜ କିଶୋର ରାଉତ, ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ, ସୁରେଶ ଚନ୍ଦ୍ର ଦାସ, ଅମୃତ ଦାସ, ରମେଶ ଚନ୍ଦ୍ର ଦାସ,ଆଇନଜୀବୀ ଦେବାଶିଷ କଣ୍ଠ, ନଳିନୀ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି ପାରାଦୀପରେ ପ୍ରସ୍ତାବିତ କୋର୍ଟ ପ୍ରତିଷ୍ଠା ନେଇ ମାନ୍ୟବର ବିଚାରପତି ଶ୍ରୀ ପାଠକ ଙ୍କ କୁଜଙ୍ଗ ଗସ୍ତ ବେସ ମହତ୍ୱପୂର୍ଣ୍ଣ।

## ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ପ୍ରସ୍ତୁତି ବୈଠକ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା ଓ ପୁସ୍ତକ ମେଳା-୨୦୨୫ କୁ ସରସ ସୁନ୍ଦର ଭାବେ ଆୟୋଜନ କରିବା ପାଇଁ ଜିଲ୍ଲା ପରିଷଦ ସଭାଗୃହ 'ସୃଜନ'ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଭୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଜୟାନନ୍ଦ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଓ ଉପ-ଜିଲ୍ଲାପାଳ, କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜିଲ୍ଲା ମହୋତ୍ସବ ଡିସେମ୍ବର ୨୪ ତାରିଖରେ ଆରମ୍ଭ ହୋଇ ପା□ ଦିନ ଧରି ନୟାଗଡ଼ ଷ୍ଟାଡିୟମ୍ରେ ଚାଲୁ ରହିବ। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଗତ ବର୍ଷର ବିବରଣୀ ଉପସ୍ଥାପନା କରିଥିଲେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ। ଏହି ବୈଠକରେ ସମସ୍ତ କମିଟି ସଂକ୍ରାନ୍ତରେ ଆଲୋଚନା କରାଯାଇ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଜିଲ୍ଲା ମହୋତ୍ସବରେ ବିଭିନ୍ନ କମିଟିର ସଦସ୍ୟ ମାନେ ସମ୍ପୃକ୍ତ ରହି କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଲେ ଯେ, ଏହା କେବଳ ଏକ ମହୋତ୍ସବ ନୁହେଁ, ବରଂ ଏହା ଦ୍ୱାରା ଭାଇଚାରା ଆହୁରି ସୁଦୃଢ଼ ହେବ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କହିଲେ, ଏହି ମହୋତ୍ସବକୁ ସୁନ୍ଦର ଭାବେ ଆୟୋଜନ କରିବା ପାଇଁ ସମସ୍ତେ ଏକଜୁଟ୍ ହୋଇ କାର୍ଯ୍ୟ କରିବା ଉଚିତ। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ସଂଗଠନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସଂହତି, ଭାଇଚାରାର ବାର୍ତ୍ତା ଏକତା ପଦଯାତ୍ରା




କାକଟପୁର (ମହାଭାରତ) :ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରବିବାର ଜାତୀୟ ସଂହତି ଓ ଭାଇଚାରାର ବାର୍ତ୍ତା ନେଇ ଏକତା ପଦଯାତ୍ରା ପୁରୀ ଜିଲ୍ଲା କାକଟପୁର ସ୍ଥିତ ବିଶ୍ୱାମିତ୍ର ଆଶ୍ରମ ରୁ ମୋତି କଲ୍ୟାଣୀ ମଣ୍ଡପ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଏକତା ଓ ଅଖଣ୍ଡତାର ପୁରୋଧା ଲୌହମାନବ ସର୍ଦ୍ଦାର ପଟେଲଙ୍କୁ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରାଥୀ ଗୌରୀ ଶଙ୍କର ଦାଶ, ଈଶ୍ୱର ବେହେରା, ପୁରୀ ଜିଲ୍ଲା ଉପସଭାପତି ରତିକାନ୍ତ ବେହେରା, ଜଗତସିଂହପୁର ସାଂସଦ ଙ୍କ ପୁରୀ ଜିଲ୍ଲାପ୍ରତିନିଧି ଶ୍ରୀଯୁକ୍ତ ସୁଦର୍ଶନ ସ୍ୱାଇଁ, ସାଂସଦ ଙ୍କ କାକଟପୁର ବ୍ଲକ ପ୍ରତିନିଧି କୈଳାଶ ନାୟକ, ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ସମାଜସେବୀ ତଥା ଅସ୍ତରଙ୍ଗ ମଣ୍ଡଳ ୧ନଂ ସଭାପତି ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗଡ଼ଜାତ ରାଜ୍ୟଗୁଡିକ ଭାରତ ସହିତ ମିଶ୍ରଣ କରିବାରେ ବଲ୍ଲଭଭାଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। ଯୁବପୀ ସର୍ଦ୍ଦାର ପଟେଲ ଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଦେଶ ମାତୃକା ସେବାରେ ନିଜକୁ ନିୟୋଜିତ କରିବା ଏବଂ ନିଜକୁ ସ୍ୱାବଲମ୍ବି ମଣିଷ ରୂପେ ଗଢିତୋଳିବାକୁ ସମାଜସେବୀ ଇନ୍ଦ୍ରମଣି ଜେନା ନିଜ ବକ୍ତବ୍ୟ ରେ କହିଥିଲେ। ପଦଯାତ୍ରା କାର୍ଯ୍ୟକ୍ରମ ସମାପନ ପରେ ମୋତି କଲ୍ୟାଣୀ ମଣ୍ଡପ ପରିସରରେ ବନ୍ଦେ ମାତରମ୍ ର ୧୫୦ବର୍ଷ ପୂର୍ତ୍ତି ରେ ଏକ ସଭା ଆୟୋଜନ କରାଯାଇଥିଲା। ସରୋଜ କୁମାର ସାହୁ ଙ୍କ ସଭାପତିତ୍ୱ ରେ ଅତିଥି ନିଜ ବକ୍ତବ୍ୟ ରେ ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ର ପ୍ରେମ, ତ୍ୟାଗ ଓ ବୀରତ୍ୱ ର ପ୍ରତୀକୟ ବଙ୍କିମ୍ ଚନ୍ଦ୍ର ଚଟୋପାଧ୍ୟାୟ ଙ୍କ ଆନନ୍ଦ ମଠ ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀ ଙ୍କ ମନରେ ଉତ୍ସାହ ଓ ବୈପ୍ଲବିକ ମନୋଭାବ ଲଗାଇଥିଲା। ଆମେ ଯେଉଁ ଧର୍ମ, ଭାଷା, ଅଞ୍ଚଳ ହେଉ ନାଁ କାହିଁକି ଦେଶ ପ୍ରେମ ବିନା ଦେଶର ଉର୍ଣ୍ଣତି ଅସମ୍ଭବ।ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପଦଯାତ୍ରା ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ କଳାକାରୟ ପଦଯାତ୍ରା ରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର, ଛାତ୍ରୀ, ବୁଦ୍ଧିଜୀବୀ, ଜନପ୍ରତିନିଧି, କାକଟପୁର, ଅସ୍ତରଙ୍ଗ ଅଞ୍ଚଳର ଶତାଧିକ ସାଧାରଣ ଜନତା ପଦଯାତ୍ରାରେ ସାମିଲ ହୋଇଥିଲେୟ ଶେଷ ରେ ଗୋଲେଖ ପ୍ରଧାନ ଉପସ୍ଥିତ ବ୍ୟକ୍ତି ବିଶେଷ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିବାରିକ ଘଟଣାକୁ ନେଇ ଜଘନ୍ୟ ହତ୍ୟାକାଣ୍ଡ

# ଠେଙ୍ଗା ଓ ପଥରରେ ଛେଚି ଯୁବକ ଙ୍କୁ ହତ୍ୟା




ନୟାଗଡ଼, ( ମହାଭାରତ ) : ପାରିବାରିକ କଳହ କୁ ନେଇ ପୂର୍ବ ଶତ୍ରୁତା କୁ କେନ୍ଦ୍ରକରି ଯୁବକଙ୍କୁ ସଂଘ ବଧ ଭାବେ ମିଶି ଅତି ଜଘନ୍ୟ ଭାବରେ ଠେଙ୍ଗା ଓ ପଥରରେ ଛେଚି ଛେଚି କରିଛନ୍ତି ହତ୍ୟା। ହତ୍ୟା କରିବା ପରେ ଘଟଣା ସ୍ଥଳରୁ ତିନି ଜଣ ଅଭିଯୁକ୍ତ ଫେରାର ହୋଇଥିବା ବେଳେ ଦୁଇ ଜଣଙ୍କୁ ଟାଉନ ଥାନା ପୁଲିସ ଅଟକ ରଖିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ନୟାଗଡ ଟାଉନ ଥାନା ଅଧିନ ଘଡୁଆଳ ପଞ୍ଚାୟତ ର ବୃନ୍ଦାବନପୁର ଗାଁରେ। ମୃତକ ଯୁବକ ଜଣକ ହେଲେ ପିଣ୍ଟୁ ମାଝୀ। ପାରିବାରିକ କଳହ କୁ ନେଇ ବହୁ ଦୀନ ହେବ ପିଣ୍ଟୁ ମାଝୀ ଓ ଜଗୁଲୀ ପରିଡ଼ା ଙ୍କ ମଧରେ ରହିଥିଲା ତିକ୍ତତା। ଖବର ପାଇ ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଚଳାଇଛି। ଅଭିଯୁକ୍ତ ମାନେ ହେଲେ ସେହି ଗ୍ରାମର ଯୁଗଳ ପରିଡା, ଜଗୁଲି ପରିଡା, ଆଲ୍ଲୁ ପରିଡା, ସଞ୍ଜୁ ପରିଡା, ଝୁମୁରୀ ପରିଡା। ମୁଖ୍ୟ ଅଭିଯୁକ୍ତ ଜଗୁଲି ପରିଡ଼ା ଙ୍କ ସହ ଏବେବି ତିନି ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନା ମୁତାବକ ଜଗୁଲୀ ଓ ପିଣ୍ଟୁ ଙ୍କ ପରିବାର ମଧରେ ବହୁଦିନ ହେବ ରହିଥିଲା ଶତ୍ରୁତା। କାଲି ସନ୍ଧ୍ୟା ରେ ଉଭୟ ପରିବାର ମଧରେ କୌଣସି କାରଣରୁ ପ୍ରଥମେ ପାଟିତୁଣ୍ଡ ସହ ଟେକା ପଥର ମାଡଗୋଡି ହୋଇଥିଲେ। ଏହାପରେ ଉଭୟ ପରିବାର ର ମାଡଗୋଡି ଉଗ୍ର ରୂପ ନେଇଥିଲା। ପରେ ପିଣ୍ଟୁ ଗାଁ ମନ୍ଦିର ଚନ୍ଦେନୀ ପଖରେ ଥିବା ବେଳେ ଜଗୁଲି ଓ ତାଙ୍କ ପରିବାର ଲୋକେ ଠେଙ୍ଗା ବାଡି ଧରି ପିଣ୍ଟୁ ଙ୍କୁ ଆକ୍ରମଣ କରିଥିଲେ। ପିଣ୍ଟୁ ତଳେ ପଡି ଯିବାରୁ ଜଗୁଲି ପଥର ରେ ଛେଚି ପିଣ୍ଟୁକୁ ହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ଟାଉନ ଥାନା ରେ ଅଭିଯୋଗ ହୋଇଛି।

## ଆଇଚର ସହ ପିକ ଅପ ମୁହାଁମୁହିଁ ଧକ୍କା, ଜଣେ ମୃତ ତିନି ଗୁରୁତର

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଓଡ଼ଶର ଛକ ନିକଟରେ ରବିବାର ଦିନ ଅପରାହ୍ନ ରେ ଆଇଚର ଗାଡି ଓ ପିକ ଅପ ଗାଡି ମଧରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ସୂଚନା ମୁତାବକ ବୌଦ୍ଧ ଜିଲ୍ଲା ରୁ କେନ୍ଦୁପତ୍ର ବୋଝେଇ ଆଇଚର ଗାଡି ନଂ ଓଡି ୧୫ ୟୁ ୯୭୩୭ କଲିକତା ଯିବା ସମୟରେ ଦଶପଲ୍ଲା ପଟୁ ଏକ ପିକଅପ ଗାଡି ସୁବର୍ଣ୍ଣପୁର ଯାଉଥିଲା। ତେବେ ଦୁଇ ଗାଡି ମୁହାଁମୁହିଁ ଧକ୍କା ହେବା ଫଳରେ ପିକଅପ ଗାଡି ଟି ଅନ୍ୟ ଏକ ବାଇକ ରେ ଯାଉଥିବା ଦୁଇଜଣଙ୍କ ଉପରେ ଛିଟିକି ପଡିଥିଲା। ଘଟଣା ସ୍ଥଳରେ ବାଇକ ଆରୋହୀ ବୌଦ୍ଧ ଜିଲ୍ଲା ପୁରୁଣାକଟକ ର ଅମିତ ବାଘ ବୟସ ୨୪ ଙ୍କ ର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ସୁଶାନ୍ତ ବେହିଆ ବୟସ ୨୧ ଗୁରୁତର ଭାବେ ଦଶପଲ୍ଲା ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତ ।ପିକଅପ ଚାଳକ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅଂଚଳର ସଦାନନ୍ଦ ବାରିକ ବୟସ ୨୮ ଙ୍କ ଗୁରୁତର ଥିବାରୁ ତାଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟ କୁ ପଠାଇଦିଆଯାଇଛି। ତେବେ ଆଇଚର ଗାଡି ଚାଳକ ବୌଦ୍ଧ ସହର ମାଳିସାହିର ଉମରେନ୍ଦ୍ର ବଡ଼ମାଳି ବୟସ ୩୩ ଓ ହେଲପର ରବୀନ୍ଦ୍ର ବଡ଼ମାଳି ବୟସ ୨୫ ଙ୍କୁ ମଧ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଛି ।ଘଟଣା ସ୍ଥଳରେ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଓ ଟିମ ପହଂଚି ସମସ୍ତ ଙ୍କୁ ୧୦୮ ଆମ୍ବୁଲାନ୍ସ ଏବଂ ଏନ ଏଚ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିବା ଜଣାପଡିଛି। ତେବେ ମୃତ ଅମିତ ବାଘ ଙ୍କ ସୋମବାର ଦିନ ଶବ ବ୍ୟବଚ୍ଛେଦ ପରେ ପରିବାର କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## କେଳୁଣୀ ମୁହାଁଣ ତଟରେ ତ୍ରିବେଣୀ ସଙ୍ଗମ ସାହିତ୍ୟ ସମାରୋହ

ଅସ୍ତରଙ୍ଗ(ମହାଭାରତ) :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କେଳୁଣୀ ମୁହାଁଣ ତଟରେ ରବିବାର ଦିନ ତ୍ରିବେଣୀ ସଙ୍ଗମ ସାହିତ୍ୟ ସମାରୋହ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇ ଅଛି। ଏହି ଉତ୍ସବ କୁ ପ୍ରାରମ୍ଭ ରେ ନିମାପଡା ପୂର୍ବତନ ବିଧାୟକ ବାଇଧର ମଲିକ, ଅସ୍ତରଙ୍ଗ ବ୍ଲକ ଧକ୍ଷା ଆରତୀ ନାଏକ,ଜଗତସିଂହପୁର ସାଂସଦ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ, ବିଦ୍ୟାଧର ନାୟକ, ପଣ୍ଡିତ ତ୍ରିଲୋଚନ ମିଶ୍ର, ଶିଶୁଅ ସରପ□ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିବା ପରେ, ସାହିତ୍ୟ ଓ ସଂସ୍କୃତି ବଞ୍ଚିବା ପାଇଁ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଟିପଣି ଦେବା ସହ ଭାଷା ବଞ୍ଚିଲେ ସାହିତ୍ୟ ବଂଞ୍ଚିବ ବୋଲି ପ୍ରକାଶ କରିଥିଲେ। ସାହିତ୍ୟ ର ପ୍ରଚାର ପ୍ରସାର ପାଇଁ ତ୍ରିବେଣୀ ସଙ୍ଗମ ସାହିତ୍ୟ ସମାରୋହ କେଳୁଣୀ ମୁହାଁଣ ତଟରେ ଯେଉଁ ମାନେ ଆୟୋଜନ କରିଛନ୍ତି ତାଙ୍କୁ ଭୂୟସି ପ୍ରଶଂସା କରିଥିଲେ। ପରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣ ରୁ ଆସିଥିବା କବି, କବୟତ୍ରି, ସମାଜସେବୀ, ସସଂକୀର୍ତ୍ତନ ମଣ୍ଡଳୀ, ପାଲା କଳାକାର, ଗଣ ମାଧ୍ୟମ ପ୍ରତିନିଧି ମାନକୁ ତାଙ୍କର ଉଲେଖ ନୀୟ କୃତିତ୍ୱ ପାଇଁ ସନମାନିତା କରା ଯାଇଥିଲା। ସେହିପରି ଦ୍ୱିତୀୟ ଅଧିବେଶନ ର ମୁଖ୍ୟ ଅତିଥି ଥିଲେ ସମାଜସେବୀ ଅମୀୟ କୁମାର ପଟନାୟକ, ସମ୍ମାନିତ ଅତିଥି ଥିଲେ ବେଳାଭୂମି ସାହିତ୍ୟ ସଂସଦ ର ସମ୍ପାଦକ ଦୁଃସାଶନ ନାୟକ ଓ ପୂର୍ବତନ ସରପଞ୍ଚ□ ରମେଶ ଚନ୍ଦ୍ର ଦଳାଇ ,ବ୍ୟଙ୍ଗ କବି ସମ୍ପଦ ରଥ। କିଛି କବି ତାଙ୍କର କବିତା ପାଠ କରିଥିବା ବେଳେ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ର ସଭାପତି ଭାବେ ବିଶ୍ୱରଞ୍ଜନ ବିଶ୍ୱଶ୍ରୀ ରହିଥିବା ବେଳେ, କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଶୋଭାକାର ବେହେରା,ହୃଦାନନ୍ଦ ଶାସମଲ,ଦେବେନ୍ଦ୍ର ବିଶ୍ୱାଳ ପ୍ରମୁଖ ।

## କଳାହାଣ୍ଡି ଜିଲ୍ଲାବ୍ୟାପୀ ସତ୍ୟସାଇଙ୍କ ଶତବାର୍ଷିକୀ ଜନ୍ମୋତ୍ସବ ପାଳିତ

ଜୁନାଗଡ଼ (ମହାଭାରତ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସହର ସମେତ ପୁରପଲ୍ଲୀରେ ମଧ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଛ ।ଜିଲ୍ଲାର ସଦର ମହକୁମା ଭବାନୀପାଟଣା ସ୍ଥିତ ସତ୍ୟସାଇ ମନ୍ଦିର, ମଦନପୁର ରାମପୁର, କରଲାମୁଣ୍ଡା, ବୋରଡ଼ା, ଜୁନାଗଡ଼ ସହରର ହିଂଜିଳିବାହିଲି, ତଲବନ୍ଦପଡ଼ା, ବ୍ରାହ୍ମଣୀଗୁଡ଼ା,ଖରଲାବେଡା, ସନ୍ୟାସୀକୁଣ୍ଡାମାଲ,ମହିଚଲା, ଧର୍ମଗଡ଼, କୋକସରା, ଜୟପାଟଣା, ଆଇଲି, ପ୍ରମୁଖ ମନ୍ଦିର ମାନଙ୍କରେ ବ୍ୟାପକ ଭାବେ ଜନ୍ମୋତ୍ସବ ପାଳିତ ହୋଇଥିଲାୟପ୍ରତାକାଳରୁ ଓଁକାର,ସୁପ୍ରଭାତ, ପ୍ରଭାତଫେରି, ନଗରପରିକ୍ରମା, ଷୋଡଶ ଉପଚାର ପୂଜା କରାଯାଇଛି ।ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସାର ପଥପ୍ରଦର୍ଶକ ସତ୍ୟସାଇଙ୍କ ଜନ୍ମୋତ୍ସରେ ଜିଲ୍ଲାବ୍ୟାପି ଅସହାୟ ଲୋକଙ୍କୁ ସାଇ ସମିତି ମାନଙ୍କ ପକ୍ଷରୁ ଶୀ, କମ୍ବଳ ଓ ଅନ୍ତ ଭୋଜନ ନାରାୟଣ ସେବା ପ୍ରଦାନ କରାଯାଇଥିଲା ।ଭଗବାନ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଜନ୍ମୋତ୍ସ କଳାହାଣ୍ଡି ଜିଲ୍ଲାବ୍ୟାପି ମହାସମାରୋହରେ ପାଳିତ ହୋଇଯାଇଛି।

## ସ୍କୁଲ୍ ନିକଟରୁ ବିପୁଳ ବିସ୍ଫୋରକ ଜବତ



ଆଲମୋରା: ଉତ୍ତରାଖଣ୍ଡର ଆଲମୋରା ଜିଲ୍ଲାର ଡବରା ଗ୍ରାମରେ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନିକଟରୁ ୧୬୧ଟି ଜିଲେଟିନ୍ ଷ୍ଟିକ୍ ଜବତ ହୋଇଛି। ଏହି ଶକ୍ତିଶାଳୀ ବିସ୍ଫୋରକ ଏତେ ପରିମାଣରେ ଜନଗହଳିପୂର୍ଣ୍ଣ ଅଂଚଳରୁ ଜବତ ହେବା ଆତଙ୍କ ସୃଷ୍ଟି କରିଛି। ବିଦ୍ୟାଳୟର ସୁରକ୍ଷା ନେଇ ମଧ୍ୟ ଏହା ଗମ୍ଭୀର ଚିନ୍ତା ସୃଷ୍ଟି କରିଥିବା ବେଳେ ବିଭିନ୍ନ ତଦନ୍ତକାରୀ ଏଜେନ୍ସିଙ୍କ ଦ୍ୱାରା ଖୋଳତାଡ଼ ଆରମ୍ଭ ହୋଇଛି। ଜିଲେଟିନ୍ ଷ୍ଟିକ୍ ସାଧାରଣତଃ ପଥର ଫଟାଇବା ପାଇଁ ବ୍ୟବହୃତ ହୋଇଥାଏ, କିନ୍ତୁ ଏହା ବିଦ୍ୟାଳୟ ପାଖରେ ମହଜୁଦ ରଖାଯାଇଥିବାରୁ ଅପରାଧ ଷଡ଼ଯନ୍ତ୍ର ନେଇ ସନ୍ଦେହ ଉପନ୍ନ ହୋଇଛି। ଗୁରୁବାର ସନ୍ଧ୍ୟା ସମୟରେ ବିଦ୍ୟାଳୟର ଛାତ୍ରମାନେ ସ୍କୁଲ ନିକଟରେ ପ୍ରଥମେ ସନ୍ଦେହଜନକ ବ୍ୟାଗ୍ ଠାବ କରିବା ପରେ ତୁରନ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ସିଲ୍ କରିଥିଲା ଏବଂ ବୋମା ନିଷ୍କ୍ରିୟକାରୀ ଦଳ ପୂରା ଅଞ୍ଚଳରେ ତଲାସୀ କରିଥିଲେ। ଅଧିକାରୀମାନେ ୧୬୧ଟି ଜିଲେଟିନ୍ ଷ୍ଟିକ୍ ଜବତ କରି ଫରେନ୍ସିକ୍ ବିଶ୍ଳେଷଣ ପାଇଁ ନମୁନା ସଂଗ୍ରହ କରିଛନ୍ତି। ଘଟଣାସ୍ଥଳରୁ କୌଣସି ଡିଟୋନେଟର୍ କିମ୍ବା ଅନ୍ୟ ଉପକରଣ ମିଳିନାହିଁ। ଅଜଣା ବ୍ୟକ୍ତିମାନଙ୍କ ବିରୋଧରେ ବିସ୍ଫୋରକ ନିୟନ୍ତ୍ରଣ ଆଇନ ଅଧୀନରେ ଏଫ୍?ଆଇଆର୍ ଦାଖଲ ହୋଇଛି। ସମଗ୍ର ମାମଲାର ରହସ୍ୟ ଉନ୍ମୋଚନ ପାଇଁ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଆଲମୋରାର ସିନିୟର୍ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ (ଏସ୍ଏସ୍ପି) ଦେବେନ୍ଦ୍ର ପିଞ୍ଚା କହିଛନ୍ତି। ଫରେନ୍ସିକ୍ ଦଳ ଜିଲେଟିନ୍ ଷ୍ଟିକ୍‌ରୁ ଅଙ୍ଗୁଳି ଚିହ୍ନ, ରାସାୟନିକ ଉପାଦାନ ଏବଂ ଉତ୍ପାଦନ ବିବରଣୀ ବିଶ୍ଳେଷଣ କରୁଛନ୍ତି। ନିକଟବର୍ତ୍ତୀ ରାସ୍ତାର ସିସିଟିଭି ଫୁଟେଜ୍ ଏବଂ ଗ୍ରାମବାସୀଙ୍କ ବୟାନ ସଂଗ୍ରହ ହେଉଛି। ଏପର୍ଯ୍ୟନ୍ତ କୌଣସି ଗିରଫଦାରୀ ହୋଇନଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ତଲାସୀ ଅଭିଯାନ ଚାଲିଛି। ସ୍ଥାନୀୟ ଅଧିକାରୀମାନେ ଆଲମୋରାରେ ସ୍କୁଲ ସୁରକ୍ଷା ବଢ଼ାଇ ଦେଇଥିବା ବେଳେ ଜନସାଧାରଣଙ୍କ ମଧ୍ୟରେ ବି ସୁରକ୍ଷା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି।

## ସିନ୍ଧ ବି ଭାରତର ଅଂଶ ହୋଇପାରିବ: ରାଜନାଥ



ନୂଆଦିଲ୍ଲୀ: ସିନ୍ଧ ଅଞ୍ଚଳ ଆଜି ଭାରତର ଅଂଶ ନଥିଲେ ମଧ୍ୟ ଏହା ଭାରତର ହୋଇପାରିବ। ଆଗାମୀ ଦିନରେ ସୀମା ବଦଳିପାରେ ଏବଂ ଏହି ଅଞ୍ଚଳ ପୁନର୍ବାର ଭାରତର ଏକ ଅଂଶ ହୋଇଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଏକ କାର୍ଯ୍ୟକ୍ରମରେ କହିଛନ୍ତି। ସିନ୍ଧୁ ନଦୀ ନିକଟରେ ଅବସ୍ଥିତ ସିନ୍ଧ ପ୍ରଦେଶ ୧୯୪୭ ମସିହାରେ ବିଭାଜନ ପରେ ପାକିସ୍ତାନ ନିକଟକୁ ଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ସିନ୍ଧି ହିନ୍ଦୁମାନେ, ବିଶେଷକରି ଲାଲକୃଷ୍ଣ ଆଡଭାନୀଙ୍କ ପିଢ଼ିର ହିନ୍ଦୁମାନେ ଆଜି ପର୍ଯ୍ୟନ୍ତ ସିନ୍ଧକୁ ଭାରତରୁ ଅଲଗା କରିବାକୁ ଗ୍ରହଣ କରିନାହାନ୍ତି। ସେ କହିଛନ୍ତି ଯେ ଆଡଭାନୀଜୀ ମଧ୍ୟ ତାଙ୍କ ପୁସ୍ତକରେ ଏହା ଉଲ୍ଲେଖ କରିଛନ୍ତି। ରାଜନାଥ ସିଂହ କହିଛନ୍ତି, କେବଳ ସିନ୍ଧ ନୁହେଁ ସମଗ୍ର ଭାରତରେ ହିନ୍ଦୁମାନେ ସିନ୍ଧୁ ନଦୀକୁ ପବିତ୍ର ବୋଲି ବିବେଚନା କରନ୍ତି। ସିନ୍ଧର ଅନେକ ମୁସଲମାନ ମଧ୍ୟ ଏହି ବିଶ୍ୱାସକୁ ସମ୍ମାନ ଦିଅନ୍ତି। ସଭ୍ୟତା ଦୃଷ୍ଟିରୁ ସିନ୍ଧ ସର୍ବଦା ଭାରତର ଏକ ଅଂଶ ହୋଇ ରହିବ। କିଏ ଜାଣେ, ଆସନ୍ତାକାଲି ସିନ୍ଧ ପୁଣି ଥରେ ଭାରତରେ ସାମିଲ ହୋଇପାରେ। ସିନ୍ଧୁ ନଦୀକୁ ପବିତ୍ର ବୋଲି ବିବେଚନା କରୁଥିବା ଆମ ସିନ୍ଧର ଲୋକମାନେ ସର୍ବଦା ଆମର ନିଜର ରହିବେ ବୋଲି ରାଜନାଥ କହିଛନ୍ତି। ପୂର୍ବରୁ ସେପ୍ଟେମ୍ବର ୨୨ ତାରିଖରେ ମରକକ୍କୋରେ ଭାରତୀୟ ସମ୍ପ୍ରଦାୟ ସହ ଆଲୋଚନା ସମୟରେ ସିଂହ କହିଥିଲେ, ସେ ନିଶ୍ଚିତ ଯେ କୌଣସି ଆକ୍ରମଣାତ୍ମକ ପଦକ୍ଷେପ ନନେଇ ଭାରତ ପିଓକେକୁ ଫେରାଇ ଆଣିପାରିବ କାରଣ ପିଓକେର ଲୋକମାନେ ଦଖଲକାରୀଙ୍କଠାରୁ ମୁକ୍ତି ଦାବି କରିଆସୁଛନ୍ତି। ରାଜନାଥ କହିଥିଲେ ଯେ ପିଓକେ ସ୍ୱାଭାବିକ ପ୍ରକ୍ରିୟାରେ ପୁଣି ଭାରତ ନିୟନ୍ତ୍ରଣକୁ ଆସିବ।

## ପୈତୃକ ଗ୍ରାମରେ ପହଞ୍ଚିଲା ତେଜସ୍ ପାଇଲଟଙ୍କ ମୃତଦେହ



ନୂଆଦିଲ୍ଲୀ : ତେଜସ୍ ପାଇଲଟ୍ ୱିଙ୍ଗ କମାଣ୍ଡର ନମଂଶ ସାୟଲଙ୍କ ଅନ୍ତିମ ସଂସ୍କାର ପ୍ରସ୍ତୁତି । ଗତକାଲି ସ୍ୱତନ୍ତ୍ର ବାୟୁସେନା ବିମାନରେ ୱିଙ୍ଗ୍ କମାଣ୍ଡର ନମଂଶ ସାୟଲଙ୍କ ପାର୍ଥିବ ଶରୀରକୁ ଦୁବାଇରୁ ସୁଲୁର ଏୟାର ଫୋର୍ସ ଷ୍ଟେସନକୁ ଅଣାଯାଇଥିଲା । ଆଜି ସାମରିକ ସମ୍ମାନ ସହ ବାୟୁସେନାର ଅନ୍ୟ ଏକ ବିମାନରେ ପାର୍ଥିବ ଶରୀର ହିମାଚଳ ପ୍ରଦେଶ କାଙ୍ଗ୍ରା ଜିଲ୍ଲାର ଗାଗ୍ଗଲ ବିମାନବନ୍ଦରରେ ପହଞ୍ଚିଛି । ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଙ୍କ ପୈତୃକ ଗ୍ରାମ ପଟିୟାଲକର ଗ୍ରାମକୁ ଏକ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇଛି । ଆଜି ଅପରାହ୍ନରେ ଗ୍ରାମର ଶ୍ମଶାନ ଘାଟରେ ସମ୍ପୂର୍ଣ୍ଣ ସାମରିକ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ସ୍ଥାନୀୟ ବିଧାୟକ, ପୂର୍ବତନ ସେନା ଅଧିକାରୀ ଓ ଗ୍ରାମବାସୀ ଏକତ୍ରିତ ହୋଇଛନ୍ତି । ଶୁକ୍ରବାର ଦୁବାଇରେ ଚାଲିଥିବା ଏୟାର ଶୋ'ରେ ଅତିକମ୍ ଉଚ୍ଚତାରେ ତେଜସ୍ ଜେଟରେ ଉଡ଼ାଣ କୌଶଳ ଦେଖାଉଥିଲେ ୱିଙ୍ଗ୍ କମାଣ୍ଡର୍ ନମଂଶ । କିନ୍ତୁ କୌଣସି କାରଣବସତଃ ଯାନ୍ତ୍ରିକ ତ୍ରୁଟି ଯୋଗୁ କ୍ରାସ ଲ୍ୟାଣ୍ଡ କରି ନିଆଁପିଣ୍ଡୁଳା ପାଲଟିଥିଲା ଜେଟ୍ । ଫଳରେ ଦୁର୍ଘଟଣାରେ ସହିଦ ହୋଇଥିଲେ ୱିଙ୍ଗ୍ କମାଣ୍ଡର ନମଂଶ ।

## ଭିକ ମାଗିବାରେ ରେକର୍ଡ ଭାଙ୍ଗିଲା ପାକ୍



ନୂଆଦିଲ୍ଲୀ : ବିଶ୍ୱସ୍ତରରେ ପାକିସ୍ତାନର ଦୟନୀୟ ସ୍ଥିତିକୁ ନେଇ ଚର୍ଚ୍ଚା ଥମୁନଥିବାବେଳେ ପୁଣି ପାକ୍ କୁ ନେଇ ଏକ ରୋଚକ ରିପୋର୍ଟ ସାମନାକୁ ଆସିଛି । ଭିକ ମାଗିବାରେ ବି ପାକିସ୍ତାନ ବିଶ୍ୱ ରେକର୍ଡ କରିଛି। କାରଣ ପାକିସ୍ତାନରେ ଭିକ୍ଷାବୃତ୍ତି ଏବେ କେବଳ ଏକ ଆବଶ୍ୟକତା ନୁହେଁ ବରଂ ଏକ ବ୍ୟବସାୟ ପାଲଟିଛି । ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଭିକାରିଙ୍କ ସଂଖ୍ୟା ଏତେ ଟପିଲାଣି ଯେ ଯାହା କେବଳ ପାକିସ୍ତାନର ଆର୍ଥିକ ଦୁର୍ଦ୍ଦଶା ନୁହେଁ ବରଂ ଏହାର ଅନ୍ତର୍ଜାତୀୟ ଦିଗକୁ ମଧ୍ୟ ପ୍ରତିଫଳିତ କରୁଛି । ଭିକ ମାଗି ମାଗି ପାକ୍ ୪୨ ଶହ କୋଟି ଡଲାର ଅର୍ଥାତ୍ ପାଖାପାଖି ୩.୭୨ ଲକ୍ଷ କୋଟି ଟଙ୍କା ପାଇଛି । ବଡ଼କଥା ହେଉଛି ଭିକ୍ଷାବୃତ୍ତି ପାକିସ୍ତାନ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। କାରଣ ବଢୁଥିବା ଭିକାରିଙ୍କ ସଂଖ୍ୟା ଦେଶରେ ଦାରିଦ୍ର୍ୟ ଏବଂ ବେକାରୀକୁ ଲୋକ ଲୋଚନକୁ ଆଣିଛି । ୨୩ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପାକିସ୍ତାନରେ ଭିକାରିଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପାକିସ୍ତାନରେ ପ୍ରାୟ ୩ କୋଟି ୮୦ ଲକ୍ଷ ଭିକାରି ଅଛନ୍ତି । ଏହାର ଅର୍ଥ ହେଉଛି ଦେଶର ପ୍ରତି ୬ରୁ ୭ ଜଣ ଲୋକ ଭିକ ମାଗୁଛନ୍ତି । ଏହି ସଂଖ୍ୟା କେବଳ ଦେଶର ଦାରିଦ୍ର୍ୟର କାହାଣୀ କହୁନାହିଁ, ବରଂ ଭିକ୍ଷାବୃତ୍ତି ପଛରେ ଏକ ବଡ଼ ନେଟୱାର୍କ କାର୍ଯ୍ୟ କରୁଛି ବୋଲି ମଧ୍ୟ ସୂଚିତ କରୁଛି । ବଡ଼କଥା ହେଉଛି ପାକିସ୍ତାନୀ ଭିକାରିମାନେ ଆଉ କେବଳ ନିଜ ଦେଶରେ ସୀମିତ ନାହାନ୍ତି । ସେମାନେ ସାରା ବିଶ୍ୱରେ ବୁଲି ବୁଲି ଭିକ ମାଗୁଛନ୍ତି । ପାକିସ୍ତାନ ଏବେ ବିଶ୍ୱକୁ ଭିକାରିଙ୍କ ଏକ ପ୍ରମୁଖ ଯୋଗାଣକାରୀ ଦେଶ ପାଲଟିଛି କହିଲେ କିଛି ଭୁଲ ହେବନି । ସାଉଦି ଆରବ ଏବଂ ୟୁଏଇ ଭଳି ଧନୀ ଉପସାଗରୀୟ ଦେଶ ଗୁଡ଼ିକରେ ୯୦ ପ୍ରତିଶତରୁ ଅଧିକ ଭିକାରି ପାକିସ୍ତାନୀ ନାଗରିକ ବୋଲି ଜଣା ପଡ଼ିଛି । ଗୋଟିଏ ଦିନରେ ଜଣେ ସାଧାରଣ ଶ୍ରମିକଙ୍କ ଠାରୁ ଅଧିକ ରୋଜଗାର କରୁଛନ୍ତି ପାକିସ୍ତାନ ଭିକାରି । ତେବେ ପାକିସ୍ତାନରେ ଜଣେ ଭିକାରିଙ୍କ ହାରାହାରି ରୋଜଗାର ପ୍ରତିଦିନ ୮୫୦ ଟଙ୍କା ରହିଛି । ବିଶେଷକରି କରାଚି ଓ ଲାହୋରରେ ସର୍ବାଧିକ ଭିକାରି ଅଛନ୍ତି ।

## ଭୂକମ୍ପରେ ଥରିଲା ବାଂଲାଦେଶ

ବାଂଲାଦେଶ : ଆଜି ବାଂଲାଦେଶରେ ପୁଣି ଭୂକମ୍ପର ଝଟକା ଅନୁଭୂତ । ଗୋଟିଏ ସେକେଣ୍ଡରେ ୨ ଟି ଭୂକମ୍ପ ହୋଇଥିବା ସୂଚନା ମିଳିଛି । ଭୂକମ୍ପର ତୀବ୍ରତା ୩.୭ ଏବଂ ୪.୩ । ବାଂଲାଦେଶ ପାଣିପାଗ ବିଭାଗର ଭୂମିକମ୍ପ ପର୍ଯ୍ୟବେକ୍ଷଣ ଏବଂ ଗବେଷଣା କେନ୍ଦ୍ର ଶନିବାର ସକାଳ ୧୦ଟା ୩୬ ମିନିଟ୍ ସମୟରେ ଢାକାର ଆଶୁଲିଆର ବାଇପାଇଲରେ ରିକ୍ଟର ସ୍କେଲରେ ୩.୩ ତୀବ୍ରତାର ଭୂମିକମ୍ପ ରେକର୍ଡ କରିଛି । ସୂଚନାନୁଯାୟୀ, ଗତକାଲି ଏବଂ ଶୁକ୍ରବାର ଦିନ ହୋଇଥିବା ଭୂକମ୍ପରେ ୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦୦ରୁ ଅଧିକ ଆହତ ହୋଇଛନ୍ତି । ଯାହାର ତୀବ୍ରତା ୫.୭ ଥିଲା । ଏହି ଘଟଣା ପରେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନିସ୍ ପୀଡିତଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି ।

## ଚଣ୍ଡୀଗଡ଼ ପ୍ରସ୍ତାବକୁ ନେଇ ପଛକୁ ହଟିଲା କେନ୍ଦ୍ର

ନୂଆଦିଲ୍ଲୀ: ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼କୁ ସିଧାସଳଖ କେନ୍ଦ୍ର ନିୟନ୍ତ୍ରଣକୁ ଅଣାଯିବା ପାଇଁ ଚାଲିଥିବା ପ୍ରୟାସକୁ ଆଜି ଝଟ୍?କା ଲାଗିଛି। ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍?-୨୦୨୫ରେ ପ୍ରସ୍ତାବିତ ଧାରା ୨୪୦ ପ୍ରୟୋଗ କରାଯିବାକୁ କେନ୍ଦ୍ର ସରକାରଙ୍କ ଯୋଜନା ତୀବ୍ର ବିରୋଧ ଯୋଗୁ ଅଟକି ଯାଇଛି। ପଞ୍ଜାବର ସମସ୍ତ ରାଜନୈତିକ ଦଳ ଜୋ?ଦାର ବିରୋଧ କରିବା ପରେ ଆଜି କେନ୍ଦ୍ର ପଛକୁ ହଟି ଘୋଷଣା କରିଛି ଯେ, ଏହି ପ୍ରସଙ୍ଗରେ ଏଯାବତ୍ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଚଣ୍ଡୀଗଡ଼ ୧୯୬୬ ମସିହାରୁ ପଞ୍ଜାବ ଓ ହରିୟାଣାର ଯୁଗ୍ମ ରାଜଧାନୀ ଭାବେ ରହିଆସିଛି ଏବଂ ୧୯୮୪ରୁ ପଞ୍ଜାବ ରାଜ୍ୟପାଳଙ୍କ ଅଧୀନରେ ରହିଛି। ନୂଆ ବିଲ୍‌ରେ ଏହାକୁ ଲକ୍ଷଦ୍ୱୀପ ଓ ଆଣ୍ଡାମାନ-ନିକୋବର ଭଳି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରି ପୃଥକ୍ ଉପରାଜ୍ୟପାଳ ନିଯୁକ୍ତ କରିବାର ଯୋଜନା ଥିଲା। ଏହାକୁ ଆସନ୍ତା ୧ ଡିସେମ୍ବରରୁ ଆରମ୍ଭ ହେଉଥିବା ସଂସଦର ଶୀତକାଳୀନ ଅଧିବେଶନରେ ଉପସ୍ଥାପନ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ବେଳେ ପଞ୍ଜାବରେ ଏହାକୁ ନେଇ ରାଜନୈତିକ ଝଡ଼ ଉଠିଛି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏହାକୁ 'ପଞ୍ଜାବ ସହିତ ବଡ଼ ଅନ୍ୟାୟ' ବୋଲି କହିଛନ୍ତି। ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ କହିଛନ୍ତି, 'ଚଣ୍ଡୀଗଡ଼ ପଞ୍ଜାବର ଥିଲା, ପଞ୍ଜାବର ହିଁ ରହିବ। କେନ୍ଦ୍ରର ନିଷ୍ପତ୍ତି ସଂଘୀୟ ଢାଞ୍ଚା ଉପରେ ଆଘାତ।' କଂଗ୍ରେସ ରାଜ୍ୟ ସଭାପତି ଅମରିନ୍ଦର ସିଂହ ରାଜା ଏହାକୁ ଅଗ୍ରହଣୀୟ ବୋଲି କହି ସଂସଦରେ ବିରୋଧ କରିବାକୁ ଘୋଷଣା କରିଛନ୍ତି। ଶିରୋମଣି ଅକାଳି ଦଳ ସଭାପତି ସୁଖବୀର ସିଂହ ବାଦଲ ଏହାକୁ ୧୯୮୫ ରାଜୀବ-ଲଙ୍ଗୋୱାଲ ଚୁକ୍ତିର ଖିଲାପ ବୋଲି ଅଭିହିତ କରିଛନ୍ତି। ଉତ୍ତର ଆମେରିକା ପଞ୍ଜାବୀ ସଂଘ (ନାପା) ମଧ୍ୟ ଏହାକୁ 'ଅସାମ୍ବିଧାନିକ' ଓ 'ଅସମ୍ବେଦନଶୀଳ'ବୋଲି କହି ନିନ୍ଦା କରିଛି। ଏଭଳି ବିରୋଧ ପରେ କେନ୍ଦ୍ର ସରକାର କହିଛନ୍ତି ଯେ, ବିଲ୍? ଉପରେ ପୁନର୍ବିଚାର କରାଯାଉଛି ଏବଂ ଏ ବିଷୟରେ ସମସ୍ତ ପକ୍ଷ ସହ ଆଲୋଚନା ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଶେଖ୍ ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରି ପତ୍ର ପଠାଇଲେ ୟୁନୁସ ସରକାର



ବାଂଲାଦେଶ: ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରି ଏକ ସରକାରୀ ଚିଠି ପଠାଇଛନ୍ତି। ବାଂଲାଦେଶର ବୈଦେଶିକ ବ୍ୟାପାର ପରାମର୍ଶଦାତା ମହମ୍ମଦ ତୌହିଦ ହୋସେନ କହିଛନ୍ତି ଯେ ଚିଠିଟି ଦୁଇ ଦିନ ପୂର୍ବରୁ ପଠାଯାଇଥିଲା । ତେବେ ଏ ନେଇ ସେ ଅଧିକ ବିବରଣୀ ପ୍ରଦାନ କରିନଥିଲେ। ସରକାରୀ ସମାଚାର ଏଜେନ୍ସି ବିଏସଏସ ଅନୁଯାୟୀ, ଚିଠିଟି ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ହାଇକମିସନ ମାଧ୍ୟମରେ ଭାରତକୁ ପଠାଯାଇଥିଲା। ଚଳିତ ମାସ ୧୭ ତାରିଖରେ, ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇସିଟି) ୭୮ ବର୍ଷୀୟ ଶେଖ୍ ହାସିନା ଏବଂ ତତ୍କାଳୀନ ଗୃହମନ୍ତ୍ରୀ ଅସଦୁଜମାନ ଖାଁ କମଲଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ଉଭୟଙ୍କ ବିରୁଦ୍ଧରେ ମାନବତା ବିରୋଧୀ ଅପରାଧ ଅଭିଯୋଗ ଆସିଥିଲା। ସେମାନଙ୍କ ଅନୁପସ୍ଥିତିରେ ରାୟ ଦିଆଯାଇଥିଲା। ହସିନା ବର୍ତ୍ତମାନ ଭାରତରେ ଅଛନ୍ତି, ଏବଂ କମଲ ମଧ୍ୟ ଭାରତରେ ଲୁଚି ରହିଥିବା ବିଶ୍ୱାସ କରାଯାଉଛି। ଶେଖ ହସିନାଙ୍କୁ ଦଣ୍ଡାଦେଶ ମାମଲାରେ ଭାରତ ସ୍ପଷ୍ଟ ଭାବରେ କହିଛି ଯେ ଏକ ନିକଟତମ ପଡ଼ୋଶୀ ଭାବରେ, ଏହା ବାଂଲାଦେଶର ଲୋକଙ୍କ ସର୍ବୋତ୍ତମ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧ। ବୈଦେଶିକ ମନ୍ତ୍ରଣାଳୟ ଆହୁରି କହିଛି ଯେ ବାଂଲାଦେଶରେ ଶାନ୍ତି, ଗଣତନ୍ତ୍ର, ଅନ୍ତର୍ଭୁକ୍ତି ଏବଂ ସ୍ଥିରତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ ଏବଂ ଭାରତ ସର୍ବଦା ଏହି ମୂଲ୍ୟବୋଧର ସମର୍ଥନରେ ଠିଆ ହେବ।

## ରାଫେଲ୍ ଖସାଇବା ଦାବି ନେଇ ପାକ୍ ଲଜ୍ଜିତ



ନୂଆଦିଲ୍ଲୀ: ଅପରେସନ୍ ସିନ୍ଦୂର ସମୟରେ ରାଫେଲ ଯୁଦ୍ଧ ବିମାନ ଖସାଇବା ଦାବିକୁ ନେଇ ପାକିସ୍ତାନ ପୁଣି ଲଜ୍ଜାର ସମ୍ମୁଖୀନ ହୋଇଛି। ଏଥର ଫ୍ରାନ୍ସ ନୌସେନା ପାକିସ୍ତାନୀ ଗଣମାଧ୍ୟମର ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ଆଜି ଫ୍ରାନ୍ସ ନୌସେନା ଏନେଇ ଆନୁଷ୍ଠାନିକ ବିବୃତି ଜାରି କରି ଅପରେସନ୍ ସିନ୍ଦୂର ସମୟରେ ରାଫେଲ୍ ଯୁଦ୍ଧ ବିମାନ ଖସାଇବା ଦାବି ତାହା ମିଛ ଓ କାଳ୍ପନିକ ବୋଲି କହିଛି। ଫ୍ରାନ୍ସ ନୈସେନାର ବରିଷ୍ଠ କମାଣ୍ଡର କହିଛନ୍ତି, ରାଫେଲର ସାମାନ୍ୟ କ୍ଷତି ପହଞ୍ଚାଇବାକୁ ବି ପାକିସ୍ତାନ ସମର୍ଥ ହୋଇନାହିଁ। ପାକିସ୍ତାନ ଏହି ମାମଲାରେ ଲଗାତାର ଦେଉଥିବା ବୟାନ କେବଳ ମିଥ୍ୟା ଓ ବିଭ୍ରାନ୍ତି ଉପରେ ଆଧାରିତ ବୋଲି ଫ୍ରାନ୍ସ ନୈସେନା ସ୍ପଷ୍ଟ କରିଛି। ବିଭିନ୍ନ ସମୟରେ ପାକିସ୍ତାନ ଓ ଏହାର ଦରଦୀ ଗୋଷ୍ଠୀ ରାଫେଲକୁ ନେଇ ମିଛ ଖବର ପ୍ରସାର କରୁଛନ୍ତି ଏବଂ ଏଥିପାଇଁ ଗଣମାଧ୍ୟମକୁ ବ୍ୟବହାର କରାଯାଉଛି । ପାକିସ୍ତାନର ସମସ୍ତ ଦାବି ମିଛ ପ୍ରମାଣିତ ହୋଇସାରିଛି। ଏହା ସତ୍ତ୍ୱେ ଯୋଜନାବଦ୍ଧ ଭାବେ ରାଫେଲକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ଜାରି ରହିଛି ବୋଲି ଫ୍ରାନ୍ସ ନୈସେନା ଆଜି ଦେଇଥିବା ବୟାନ ପାକିସ୍ତାନ ପାଇଁ ଅନ୍ତର୍ଜାତୀୟସ୍ତରରେ ଲଜ୍ଜା ଆଣିଛି। ସୂଚନାଯୋଗ୍ୟ, ପାକିସ୍ତାନ ଗଣମାଧ୍ୟମ ରାଫେଲକୁ ନେଇ ତୁହାକୁ ତୁହା ମିଛ ଖବର ପ୍ରଚାର କରିଚାଲିଛି।

## ବିଷାକ୍ତ ଧୂଆଁରେ ଦିଲ୍ଲୀ କଲବଲ



ନୂଆଦିଲ୍ଲୀ: ଦିଲ୍ଲୀ-ଏନ୍?ସିଆର୍ ଅଞ୍ଚଳ ଲଗାତାର ଦଶମ ଦିନ ପାଇଁ ବିଷାକ୍ତ ଧୂଆଁ ଭିତରେ ହନ୍ତସନ୍ତ ହେଉଛି। ଆଜି ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୮୦କୁ ବୃଦ୍ଧି ପାଇଛି, ଯାହା 'ଅତି ଖରାପ' ଶ୍ରେଣୀରେ ରହିଛି। ତାପମାତ୍ରା ହ୍ରାସ ହେତୁ ସୃଷ୍ଟି ହୋଇଥିବା ଧୂମକୁହୁଡ଼ି ପ୍ରଦୂଷଣ ସଙ୍କଟକୁ ଅଧିକ ଜଟିଳ କରିଛି। ଏହାଫଳରେ ଦୃଶ୍ୟମାନତା କମିଯାଇଛି ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ବିପଦ ବଢ଼ିଛି। ଆଜି ଅପରାହ୍ନରେ ଅଧିକାଂଶ ସ୍ଥାନରେ ଏକ୍ୟୁଆଇ 'ଗମ୍ଭୀର'ସ୍ତରକୁ ପହଞ୍ଚିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟ ଅନୁଯାୟୀ, ଜହାଙ୍ଗୀରପୁରୀରେ ସର୍ବାଧିକ ୪୩୮, ବୱାନାରେ ୪୩୧, ଆନନ୍ଦ ବିହାରରେ ୪୨୭ ଏବଂ ଅଶୋକ ବିହାରରେ ୪୨୧ ଏକ୍ୟୁଆଇ ରେକର୍ଡ ହୋଇଛି। ଏହି ସବୁ ଅଂଚଳରେ ବାୟୁମାନ 'ଗମ୍ଭୀର' ଶ୍ରେଣୀରେ ରହିଛି। ଗାଜିଆବାଦରେ ଏକ୍ୟୁଆଇ ୪୨୬, ନୋଏଡ଼ାରେ ୩୯୬ ଏବଂ ଗ୍ରେଟର ନୋଏଡ଼ାରେ ୩୮୦ ରହିଛି। ଗୁରୁଗ୍ରାମ (୨୮୬) ଓ ଫରିଦାବାଦ (୨୨୮) ଅପେକ୍ଷାକୃତ ଭଲ ରହିଥିଲା ବେଳେ ପୂରା ଅଞ୍ଚଳ ଘନ ଧୂଆଁ ତଳେ ରହିଛି। ଏହି ସଙ୍କଟକୁ ଦୃଷ୍ଟିରେ ରଖି ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଶନିବାର ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ୍ ପ୍ଲାନ୍ (ଗ୍ରାପ୍)ରେ ଜରୁରୀ ସଂଶୋଧନ କରିଛନ୍ତି। ଷ୍ଟେଜ୍-୪ ଲକ୍‌ଡାଉନ୍‌ରୁ ବର୍ତ୍ତିବା ପାଇଁ ଆଗୁଆ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଡିଜେଲ ଜେନେରେଟର୍ ଉପଯୋଗ ରୋକିବା, ଟ୍ରାଫିକ୍ ଜାମ୍ ସ୍ଥାନରେ ଅଧିକ ପୁଲିସ ମୁତୟନ, ଗଣମାଧ୍ୟମରେ ପ୍ରଦୂଷଣ ସଚେତନତା ଏବଂ ସିଏନ୍‌ଜି/ଇଲେକ୍ଟ୍ରିକ୍ ବସ୍‌ର ଅଧିକ ଚଳାଚଳ ଭଳି ପଦକ୍ଷେପ ଲାଗୁ ହୋଇଛି। ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ଗାଜିଆବାଦ ଓ ଗୌତମବୁଦ୍ଧ ନଗରରେ ଅଫିସ୍ ସମୟ ବଦଳିଛି। ଘରୁ କାମ କରିବାକୁ ପ୍ରାଥମିକତା ଦିଆଯାଇ ଘରୋଇ ଅଫିସ୍‌ରେ କେବଳ ୫୦% କର୍ମଚାରୀ ରହିବେ ବୋଲି ଧାର୍ଯ୍ୟ ହୋଇଛି। କେନ୍ଦ୍ର ସରକାର ମଧ୍ୟ ନିଜ ଅଫିସ୍?ରେ ଏହି ନିୟମ ଲାଗୁ କରିବାକୁ ବିଚାର କରୁଛନ୍ତି। ଶିଶୁ, ବୃଦ୍ଧ ଓ ରୋଗୀମାନଙ୍କୁ ଘରେ ରହିବା, ମାସ୍କ ପିନ୍ଧିବା ଓ ଅଧିକ ପରିଶ୍ରମ ନକରିବାକୁ ପରାମର୍ଶ ଦିଆଯାଇଛି। ତାପମାତ୍ରା ଆହୁରି ଖସିଲେ ଏହି ସଙ୍କଟ ଅଧିକ ଜଟିଳ ହେବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

### ଦ. ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଦଳ ଘୋଷଣା

# ଗିଲ୍‌ଙ୍କ ସ୍ଥାନରେ ରାହୁଲଙ୍କୁ ନେତୃତ୍ୱ

**ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି):** ଶୁବମନ ଗିଲଙ୍କ ଭଳି ଆହତ କାରଣରୁ ଶ୍ରେୟସ ଆୟର ମଧ୍ୟ ଟିମ୍‌ରେ ସ୍ଥାନ ପାଇ ନାହାନ୍ତି ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି ଆହତ ହାର୍ଦ୍ଦିକ ପାଣ୍ଡ୍ୟା ଦଳକୁ ଫେରିପାରି ନାହାନ୍ତି।

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ରବିବାର ୧୫ ଜଣିଆ ଦଳ ଘୋଷଣା କରିଛି ବିସିସିଆଇ ଆହତ ଅଧିନାୟକ ଶୁବମନ ଗିଲଙ୍କ ଅନୁପସ୍ଥିତିରେ କେଏଲ ରାହୁଲ ନେବେ ଦଳର ନେତୃତ୍ୱ। ଦଳରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ସ୍ଥାନ ମିଳିଥିବା ବେଳେ ଫେରିଛନ୍ତି ରବୀନ୍ଦ୍ର ଜାଡେଜା, ରତୁରାଜ ଗାଏକ୍ୱାଡ୍ ଓ ତିଳକ ବର୍ମା।

ଅକ୍ଷର ପଟେଲଙ୍କ ସ୍ଥାନରେ ଜାଡେଜାଙ୍କୁ ଅଣାଯାଇଛି। ଅକ୍ଷରଙ୍କୁ ଏହି ସରିଜ୍ ପାଇଁ ବିଶ୍ରାମ ଦିଆଯାଇଛି।





ଗତ ମାସରେ ଅଷ୍ଟ୍ରେଲିଆ ଗସ୍ତରେ ରବୀନ୍ଦ୍ର ଜାଡେଜାଙ୍କୁ ଦଳରେ ସାମିଲ କରାଯାଇ ନଥିଲା ସେହିପରି ରତୁରାଜ ଗାଏକ୍‌ୱାଡ୍ ଓ ତିଳକ ବର୍ମା ୨୦୨୩ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିରୋଧରେ ସେମାନଙ୍କ ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଏବେ ପୁଣି ସେହି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ଟିମ୍‌କୁ ଫେରିଛନ୍ତି ଏହି ଦୁଇ ଯୁବ ଖେଳାଳି।

ଶୁବମନ ଗିଲଙ୍କ ଭଳି ଆହତ କାରଣରୁ ଶ୍ରେୟସ ଆୟର ମଧ୍ୟ ଟିମ୍‌ରେ ସ୍ଥାନ ପାଇ ନାହାନ୍ତି ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ଆହତ ହାର୍ଦ୍ଦିକ ପାଣ୍ଡ୍ୟା ଦଳକୁ ଫେରିପାରି ନାହାନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍‌ରେ ସେ ଦଳକୁ ଫେରିବେ ବୋଲି କୁହାଯାଉଛି। ସେହିପରି ମହମ୍ମଦ ଶାମିଙ୍କୁ ନେଇ ବହୁ ବିବାଦ ହୋଇଥିବା ସତ୍ତ୍ୱେ ତାଙ୍କୁ ଏଥର ମଧ୍ୟ ଟିମ୍‌ରେ ସାମିଲ କରାଯାଇନାହିଁ। ତେଣୁ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରକୁ ନେଇ ପ୍ରଶ୍ନ ଉଠିଛି।

ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ପାଇଁ ୧୫ ଜଣିଆ ଭାରତୀୟ ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଉଛନ୍ତି- ରୋହିତ ଶର୍ମା, ଯଶସ୍ୱୀ ଜୈସାଲ, ବିରାଟ କୋହଲି, ତିଳକ ବର୍ମା, କେଏଲ ରାହୁଲ (ଅଧିନାୟକ/ୱିକେଟ୍ କିପର), ଋଷଭ ପନ୍ତ (ୱିକେଟ୍ କିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ରତୁରାଜ ଗାଏକ୍ୱାଡ, ପ୍ରସିଦ୍ଧ କୃଷ୍ଣ, ଅର୍ଶଦୀପ ସିଂହ ଓ ଧ୍ରୁବ ଜୁରେଲ।

ଦିନିକିଆରେ ଟିମ୍‌ର ନେତୃତ୍ୱ ନେବା ରାହୁଲଙ୍କ ପାଇଁ ନୂଆ ନୁହେଁ। ୨୦୨୨ରୁ ୨୦୨୩ ମଧ୍ୟରେ କେଏଲ ରାହୁଲ ୧୨ଟି ଦିନିକିଆ ମ୍ୟାଚ୍‌ରେ ଭାରତର ନେତୃତବ ନେଇଛନ୍ତି।

ଟେଷ୍ଟ ସିରିଜ ଶେଷ ହେବା ପରେ ନଭେମ୍ବର ୩୦ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ୩୦ ତାରିଖରେ ପ୍ରଥମ ମ୍ୟାଚ୍ ରାଞ୍ଚିରେ ଖେଳାଯିବାକୁ ଥିବା ବେଳେ ଡିସେମ୍ବର ୩ରେ ରାୟପୁରରେ ଦ୍ୱିତୀୟ ଓ ଡିସେମ୍ବର ୬ରେ ବିଶାଖାପଟନମରେ ତୃତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ।

ଗତକାଲିଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟସ୍ଥ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ପ୍ରଥମ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ଏହି ମ୍ୟାଚ୍ ଜିତିବା ଭାରତ ପାଇଁ ଜରୁରୀ ପୂରା ଦୁଇ ଦିନ ଖେଳି ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୪୮୯ ରନ୍ କରିଛି।

# ଭାରତ ପ୍ରଥମଥର ବିଶ୍ୱ ଚାମ୍ପିୟନ

## ଫାଇନାଲରେ ଓଡ଼ିଆ ଝିଅଙ୍କ କମାଲ୍

ନୂଆଦିଲ୍ଲୀ, ୨୩।୧୧: ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍ ଇତିହାସ ରଚି ପ୍ରଥମ ଥର ପାଇଁ ଆୟୋଜିତ ମହିଳା ଟି-୨୦ ବିଶ୍ୱକପ୍ ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। କଲମ୍ବୋରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଦଳ ନେପାଳକୁ ୭ ୱିକେଟ୍‌ରେ ପରାସ୍ତ କରିଛି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା



ଏବଂ ନେପାଳକୁ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୧୪ ରନ୍‌ରେ ସୀମିତ ରଖିଥିଲା ଜବାବରେ ଭାରତୀୟ ବ୍ୟାଟର୍‌ମାନେ ଦମଦାର ପ୍ରଦର୍ଶନ କରି ୧୨.୧ ଓଭରରେ ମାତ୍ର ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ (୧୧୫ ରନ୍) ହାସଲ କରିନେଇଥିଲେ। ଭାରତର ଓପନର୍ ତଥା ଓଡ଼ିଆ ଝିଅ ଫୁଲା ସାରେନ୍ ୨୭ଟି ବଲ୍‌ରୁ ଦ୍ରୁତ ୪୪ ରନ୍ ସଂଗ୍ରହ କରିଥିଲେ। ତାଙ୍କର ଏହି ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତୀୟ ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଥିଲା, ଯାହାକି କ୍ରିକେଟର ତିନୋଟି ଯାକ ବିଭାଗ ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ଦଳର ସର୍ବଶ୍ରେଷ୍ଠତାକୁ ପ୍ରମାଣିତ କରିଛି।

# ଘୁଞ୍ଚିଲା ମନ୍ଧାନାଙ୍କ ବାହାଘର

ନୂଆଦିଲ୍ଲୀ, ୨୩।୧୧: ଗୀତିକାର ଓ ଫିଲ୍ମ ନିର୍ମାତା ପଳାଶ ମୁଚ୍ଛଲଙ୍କ ସହିତ ଆଜି ସ୍ମୃତି ମନ୍ଧାନାଙ୍କର ବାହାଘର ହେବାର ଥିଲା ମହାରାଷ୍ଟ୍ରର ସାଂଗଲୀର ସାମଡୋଲ ସ୍ଥିତ ମନ୍ଧାନାଙ୍କ ଫାର୍ମ ହାଉସ୍‌ରେ ଉଭୟ ପରିବାରର ସଦସ୍ୟ ଓ ଘନିଷ୍ଠ ବନ୍ଧୁବାନ୍ଧବ ଗହଣରେ ଏହି ବାହାଘର ହୋଇଥାନ୍ତା।

ବିଶ୍ୱ ବିଜେତା ଭାରତୀୟ ମହିଳା



## ବାପାଙ୍କୁ ହୃଦଘାତ୍

କ୍ରିକେଟ ଟିମ୍‌ର ଅନ୍ୟତମ ଚର୍ଚ୍ଚିତ ଖେଳାଳି ସ୍ମୃତି ମନ୍ଧାନାଙ୍କର ଆଜି ହୋଇଥାନ୍ତା ବାହାଘର ସେଥିପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଥିବା ବେଳେ ତାଙ୍କ ବାପା ଶ୍ରୀନିବାସ ମନ୍ଧାନାଙ୍କର ହୃଦଘାତ ହେବାରୁ ବାହାଘରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଯାଇଛି।

ସ୍ମୃତି ମନ୍ଧାନାଙ୍କ ମ୍ୟାନେଜର କହିଛନ୍ତି, ଆଜି ସକାଳେ ଶ୍ରୀନିବାସ ମନ୍ଧାନା ଜଳଖିଆ ଖାଉଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ ଆମେ ଭାବିଥିଲୁ ସାମାନ୍ୟ କିଛି ସମସ୍ୟା ହୋଇଥିବ। ତେଣୁ କିଛି ସମୟ ଅପେକ୍ଷା କରିଥିଲୁ କିନ୍ତୁ ତାଙ୍କସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ବଦଳରେ ଆହୁରି ବିଗିଡ଼ି ଯାଇଥିଲା ତେଣୁ ଆମେ ଆଉ ବିଳମ୍ବ ନ କରି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନାକୁ ନେଇଗଲୁ ସେ ଏବେ ଡାକ୍ତରଖାନାରେ ଅଛନ୍ତି ଆପଣମାନେ ସମସ୍ତେ ଜାଣନ୍ତି ଯେ ସ୍ମୃତି ମନ୍ଧାନା ତାଙ୍କ ବାପାଙ୍କୁ ବହୁତ ଭଲ ପାଆନ୍ତି ତେଣୁ ସେ ନିଷ୍ପତ୍ତି ନେଇଛନ୍ତି ଯେ ତାଙ୍କ ବାପା ସୁସ୍ଥ ନହେବା ପର୍ଯ୍ୟନ୍ତ ବାହାଘର ହେବ ନାହିଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏ ବାହାଘର ଘୁଞ୍ଚିଯାଇଛି।

ସେ ଆହୁରି କହିଛନ୍ତି, ଡାକ୍ତରମାନେ କହିଛନ୍ତି ଯେ ଶ୍ରୀନିବାସ ମନ୍ଧାନାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଛି। ସଂପୂର୍ଣ୍ଣ ସୁସ୍ଥ ହେଲା ପର୍ଯ୍ୟନ୍ତ ତାଙ୍କୁ ଡାକ୍ତରଖାନାରେ ରଖାଯିବ। ଆମେ ଏବେ ବି ଏହି ଘଟଣାକୁ ବିଶ୍ୱାସ କରିପାରୁ ନାହୁଁ ଆମେ ଆଶା କରୁଛୁ ଯେ ସେ ଶୀଘ୍ର ସୁସ୍ଥ ହୋଇଯିବେ। ଗୀତିକାର ଓ ଫିଲ୍ମ ନିର୍ମାତା ପଳାଶ ମୁଚ୍ଛଲଙ୍କ ସହିତ ଆଜି ସ୍ମୃତି ମନ୍ଧାନାଙ୍କର ବାହାଘର ହେବାର ଥିଲା ମହାରାଷ୍ଟ୍ରର ସାଂଗଲୀର ସାମଡୋଲ ସ୍ଥିତ ମନ୍ଧାନାଙ୍କ ଫାର୍ମ ହାଉସ୍‌ରେ ଉଭୟ ପରିବାରର ସଦସ୍ୟ ଓ ଘନିଷ୍ଠ ବନ୍ଧୁବାନ୍ଧବ ଗହଣରେ ଏହି ବାହାଘର ହୋଇଥାନ୍ତା ବାହାଘର ପୂର୍ବର ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଥିଲା ମେହେନ୍ଦୀ, ହଳଦୀ ଓ ସଙ୍ଗୀତ ଭଳି କାର୍ଯ୍ୟକ୍ରମ ଶେଷ ହୋଇଯାଇଥିଲା ଏଥିରେ ଭାରତୀୟ ମହିଳା କ୍ରିକେଟ ଦଳର ଅନେକ ସଦସ୍ୟ ମଧ୍ୟ ସାମିଲ ହୋଇଥିଲେ ଏହାର ଅନେକ ଭିଡିଓ ଓ ଫଟୋ ସୋଶାଲ ମିଡିଆରେ ଭାଇରାଲ ହେଉଛି। ନିକଟରେ ଶେଷ ହୋଇଥିବା ମହିଳା ଦିନିକିଆ। କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳ ଚାମ୍ପିଅନ ହୋଇଥିବା ବେଳେ ସ୍ମୃତି ମନ୍ଧାନା ଏଥିରେ ୯ଟି ଇନିଂସରୁ ୪୩୪ ରନ୍ ସଂଗ୍ରହ କରିଥିଲେ। ତା ମଧ୍ୟରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ଥିଲା।।

## ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଂରେ ଯାଜପୁର ଟିମର ସଫଳତା

ଯାଜପୁର ରୋଡ଼, ୨୩।୧୧ (ସ୍ୱାଧିକାର ନ୍ୟୁଜ୍): ମାଲକାନାଗିରି ଠାରେ ଅନୁଷ୍ଠିତ ୬ତମ ରାଜ୍ୟ ସ୍ତରୀୟ ପାୱାର ଲିଫଟିଂଗ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ବ୍ୟାସନଗରରୁ ଆଠ ଜଣ କୃତି ପ୍ରତିଯୋଗୀ ସଫଳତା ଅର୍ଜନ କରିଥିବା ଦେଖିବାକୁ ମିଳିଛି ଏଥିପାଇଁ ତାଙ୍କୁ ୧୩ଗୋଟି ମେଡାଲ ମିଳିଥିବା ନେଇ ସୂଚନା ଅବଗତ ହୋଇଛି ବ୍ୟାସନଗର ରାଜୀବଗାନ୍ଧୀ ଷ୍ଟାଡିୟମରେ ଅବସ୍ଥାପିତ ମଲ୍ଟି ପରପସ ଇଣ୍ଡୋର ଷ୍ଟାଡିୟମରେ ଅଭ୍ୟାସରତ ଥିବା ଏହି ସମସ୍ତ ପ୍ରତିଯୋଗୀ ମାନେ ନିଜକୁ ଗୌରବାନ୍ୱିତ ମନେକରିବା ସହ ଆୟୋଜନ କରିଥିବା ଅଲ ଓଡିଶା ପାୱାର ଲିଫଟିଂଗ ଟିମକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଟିମର ମୁଖ୍ୟ ନରେଶ ଆମରୋଜି'ଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ଦେବିଦର୍ତ୍ତ ଦୁଇଟି ସ୍ୱର୍ଣ୍ଣପଦକ, ମୋହିତ ମଙ୍ଗଲମ ଗୋଟିଏ ସ୍ୱର୍ଣ୍ଣ, ଚିନ୍ମୟ ରଣା ଗୋଟେ ସ୍ୱର୍ଣ୍ଣ ଏବଂ ଗୋଟେ ରୌପ୍ୟ, ଚନ୍ଦ୍ର ନାଥ ଦିବେଦୀ ଗୋଟେ ରୌପ୍ୟ ଓ ଗୋଟେ ବ୍ରୋଞ୍ଚ, ପ୍ରିୟଙ୍କା ନାୟକ ଦୁଇଟି ରୌପ୍ୟ, ଅଫଜାଲ ଖାନ ଦୁଇଟି ରୌପ୍ୟ, ନରେଶ ଆମରୋଜି ଦୁଇଟି ରୌପ୍ୟ ପାଇଥିବା ଯାଜପୁର ଟିମ ମୁଖ୍ୟ ଆମୋରୋଜି କହିଛନ୍ତି।

# ସେନୁରାନଙ୍କ ଶତକ ଓ ମାର୍କୋଙ୍କ ମାଡ଼

## ଭାରତୀୟ ବୋଲର ନିରାଶ, ଦକ୍ଷିଣ ଆଫ୍ରିକ ୪୮୯

ଗୁଆହାଟୀ: ଦ୍ୱିତୀୟ ଟେଷ୍ଟରେ ଭାରତୀୟ ବୋଲର ନିରାଶ କରିବାରୁ ଭ୍ରମଣକାରୀ ଦ. ଆଫ୍ରିକା ପୁଣି ଥରେ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଛି। ଅନ୍ତିମ ୪ ୱିକେଟ୍‌ରେ ୨୪୩ ରନ୍ ସଂଗ୍ରହ କରି ଟିମ୍ ୪୮୯ ରନ୍‌ର ବିଶାଳ ସ୍କୋରରେ ପହଞ୍ଚି ଥିଲା। ଦ୍ୱିତୀୟ ଦିନର ଖେଳ ଶେଷ ହେବା ପର୍ଯ୍ୟନ୍ତ ଭାରତୀୟ ଟିମ୍ ବିନା କେଣସି ୱିକେଟ୍ ହରାଇ ପ୍ରଥମ ପାଳିରେ ୯ ରନ୍ ସଂଗ୍ରହ କରିଛି ଗୁଆହାଟୀରେ ଖେଳ ଜାରି ଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ପ୍ରଥମ ପାଳି ୪୮୯ ରନ୍‌ରେ ଶେଷ ହୋଇଛି। ଏବେ ଭାରତୀୟ ଟିମ୍ ପ୍ରଥମ ପାଳି ଆଧାରରେ ୪୮୦ ରନ୍ ପଛରେ ଅଛି। ଦ୍ୱିତୀୟ ଦିନର ଖେଳ ଦକ୍ଷିଣ ଆଫ୍ରିକା ନାମରେ ରହିଛି।




ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ୬ ୱିକେଟ୍ ହରାଇ ୨୪୭ ରନ୍ କରିଥିବା ଦକ୍ଷିଣ ଆଫ୍ରିକା ଆଜି ଦ୍ୱିତୀୟ ଦିନରେ ଆଉ ୨୪୨ ରନ୍ ଯୋଡ଼ି ଅଲଆଉଟ୍ ହୋଇଛି ସେନୁରାନ ମୁଥୁସାମୀ ୧୦୯ ଓ ମାର୍କୋ ଜେନସେନଙ୍କ ୯୩ ରନ୍ ବଳରେ ଦଳ ଦ୍ୱିତୀୟ ଦିନରେ ୨୪୨ ରନ୍ କରିବା ସହିତ ପ୍ରଥମ ଇନିଂସରେ ୪୮୯ ରନ୍ କରିଛି। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଯଥାକ୍ରମେ ୨୫ ଓ ୧ ରନ୍ କରି ଅପରାଜିତ ଥିବା ସେନୁରାନ ମୁଥୁସାମୀ ଓ କାୟଲେ ଭେରେୟନ୍ନେ ଆଜି ଦଳର ପ୍ରଥମ ଇନିଂସକୁ ଭଲ ଢଙ୍ଗରେ ଆଗେଇ ନେଇଥିଲେ। କାୟଲେ ୪୫ ରନ୍ କରି ଆଉଟ୍ ହୋଇଯାଇଥିଲେ ହେଁ ସେନୁରାନ ମୁଥୁସାମୀଙ୍କୁ ବିଦା କରିବାକୁ ଭାରତୀୟ ବୋଲରଙ୍କୁ ବହୁ ସମୟ ଲାଗିଥିଲା। ଆଉ ସେତେବେଳକୁ ସେ ୨୦୬ ବଲ୍‌ରୁ ୧୦୯ ରନ୍ (୧୦ ଚୌକା, ୨ ଛକା) କରିସାରିଥିଲେ ୩୧ ବର୍ଷୀୟ ଅଲ୍‌ରାଉଣ୍ଡର ସେନୁରାନଙ୍କ ଟେଷ୍ଟ କ୍ୟାରିୟରର ଏହା ହେଉଛି ପ୍ରଥମ ଶତକ। ୧୦୯ ରନ୍ କରିଥିବା ବେଳେ ମହମ୍ମଦ ସିରାଜଙ୍କ ବଲ୍‌ରେ ଯଶସ୍ୱୀ ଜୈସାଲଙ୍କ ହାତରେ ସେ କ୍ୟାଚ୍ ଆଉଟ୍ ହୋଇଥିଲେ। କାୟଲେ ଭେରେୟନ୍ନେ ଆଉଟ୍ ହୋଇଯିବା ପରେ କ୍ରିଜ୍‌କୁ ଆସିଥିବା ମାର୍କୋ ଜେନସେନ ଦମ୍‌ଦାର ଇନିଂସ ଖେଳିଥିଲେ ସେ ୯୧ଟି ବଲ୍‌ରୁ ୬ଟି ଚୌକା ଓ ୭ଟି ଛକା ସହାୟତାରେ ୯୩ ରନ୍ କରିଥିବା ବେଳେ କୁଲଦୀପ ଯାଦବଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ ମାର୍କୋଙ୍କ କ୍ୟାରିୟରରେ ଏହା ହେଉଛି ସବୁଠୁ ବଡ଼ ସ୍କୋର। ସମୋନ ହାରମର ୫ ରନ୍ କରିଥିବା ବେଳେ କେଶବ ମହାରାଜ ୧୨ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୪ଟି ୱିକେଟ୍ ନେଇଥିବା ବେଳେ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ୱିକେଟ୍ ନେଇଛନ୍ତି। ଦକ୍ଷିଣ ଆଫ୍ରିକା ଅଲଆଉଟ୍ ହେବା ପରେ ଭାରତ ତାର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ କୌଣସି ୱିକେଟ ନହରାଇ ୯ ରନ୍ ସଂଗ୍ରହ କରିଛି ଓପନର ଯଶସ୍ୱୀ ଜୈସାଲ ୭ ଓ କେଏଲ ରାହୁଲ ୨ ରନ୍ କରି ଅପରାଜିତ ରହିଛନ୍ତି।

# ଲକ୍ଷ୍ୟ ସେନ୍ ଚାମ୍ପିୟନ

ସିଡ୍‌ନୀ, ୨୩।୧୧: ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଷ୍ଟ୍ରେଲିଆନ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲରେ ସେ ଜାପାନର ୟୁଶି ଟନକାଙ୍କୁ ହରାଇ ଦେଇଛନ୍ତି। ୨୦୨୫ ସିଜନରେ ଏହା ହେଉଛି ତାଙ୍କର ପ୍ରଥମ ଟାଇଟଲ।

ପ୍ୟାରିସ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିବା ପରେ ଆଲମୋରାର ଏହି ୨୪ ବର୍ଷୀୟ ଖେଳାଳି ଖରାପ ସମୟ ଦେଇ ଗତି କରୁଥିଲେ। ରବିବାର ଫାଇନାଲରେ ସେ ୨୬ ବର୍ଷୀୟ ଟନକାଙ୍କୁ ୨୧-୧୫, ୨୧-୧୧ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ଲକ୍ଷ୍ୟ ୩୮ ମିନିଟ ସମୟ ନେଇଥିଲେ। ଏଥିସହ ସେ ପୁରସ୍କାର ବାବଦରେ ୪୭୫,୦୦୦ ଆମେରିକୀୟ ଡଲାର ପୁରସ୍କୃତ ହୋଇଛନ୍ତି। ଲକ୍ଷ୍ୟ କହିଛନ୍ତି, ଚଳିତ ସିଜନରେ ସେ ଉତ୍‌ଥାନ ଓ ପତନ ଦେଇ ଗତି କରିଛନ୍ତି। ଭଲ ଫଳାଫଳ ସହ ସିଜନ ଶେଷ କରିଥିବାରୁ ସେ ଖୁବ୍ ଆନନ୍ଦିତ ଲକ୍ଷ୍ୟ ହେଉଛନ୍ତି। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଗତଥର ସେ ତାଙ୍କର ଏକ ସୁପର ୩୦୦ ଟାଇଟଲ ୨୦୨୪ରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲରେ ଜିତିଥିଲେ। ମାତ୍ର ସେହିବର୍ଷ କାନାଡା ଓପନ ଜିତିବା ପରେ ଗୋଟିଏ ହେଲେ ବଡ଼ ଟୁର୍ଣ୍ଣାମେଣ୍ଟ ଜିତିପାରି ନ ଥିଲେ, ଯଦିଓ ସେପ୍ଟେମ୍ବରରେ ହଂକଂ ସୁପର ୫୦୦ରେ ସେ ରନରଅପ୍ ହୋଇଥିଲେ। ଏଠାରେ ସେ ଚଳିତବର୍ଷ ଓର୍ଲିନ୍ସ ମାଷ୍ଟର୍ସ ଓ ୟୁଏସ୍ ଓପନରେ ଦୁଇଟି ସୁପର ୩୦୦ ଟାଇଟଲ ବିଜେତା ବିଶ୍ୱର ୨୬ ନମ୍ବର ଟନକାଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ଜିତିଛନ୍ତି ସେ ଉଚ୍ଚକୋଟୀର ପ୍ରଦର୍ଶନ ସହ ଗୋଟିଏ ହେଲେ ଗେମ୍ ଡ୍ରପ୍ ନ କରି ମ୍ୟାଚକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିଲେ।



# ୧୭ ବର୍ଷରୁ କମ୍ ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍

ଭୁବନେଶ୍ୱର: ଗାଡ଼କଣ ଗ୍ରାମ ସମିତି ସଭ୍ୟ ଏବଂ ଗ୍ରୀନ୍‌ସ କ୍ରିକେଟ ଏକାଡ଼େମିର ମିଳିତ ଆନୁକୂଲ୍ୟରେ ୧୭ ବର୍ଷରୁ କମ୍ ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗାଡ଼କଣ ଖେଳପଡ଼ିଆରେ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ଏବଂ ଗ୍ରୀନ୍ସ କ୍ରିକେଟ୍ ଏକାଡ଼େମି ମଧ୍ୟରେ ହୋଇଥିବା ମ୍ୟାଚ୍ ଡ୍ର'ରେ ସୀମିତ ରହିଥିଲା।

ଟସ୍ ଜିତି ଗ୍ରୀନ୍ସ କ୍ରିକେଟ୍ ଏକାଡ଼େମୀ ବୋଲିଂ ନିଷ୍ପତ୍ତି ନେଇଥିଲା ପ୍ରଥମ ଦିନର ପ୍ରଥମ ଇନିଂସରେ ପ୍ରଗତି ସ୍ପୋର୍ଟିଂ କୁଲଦୀପ ଯାଦବ ୯୭ ବଲରେ ୯୨, ଆୟୁଷ ଅଭିଷେକ ୫୯ ବଲରେ ୪୩, ଯଶବନ୍ତ ପ୍ରଧାନଙ୍କ ୩୧ ବଲରେ ୪୨ ରନ୍ ସହାୟତାରେ ୧୦ିକେଟରେ ୨୬୨ ରନ୍‌ରେ ସୀମିତ ରହିଥିଲା। ଗ୍ରୀନ୍ସ ଏକାଡ଼େମୀ ପକ୍ଷରୁ ଦେବୀ ପ୍ରସାଦ ରାଉତ ୩, ଜେମ୍ସ ଲିମା ୨, ଓମ୍ ପ୍ରକାଶ ବେହେରା ୨, ଓମ ପ୍ରକାଶ ସାହୁ ୧ଟି ଏବଂ ଜଗନ୍ନାଥ ବେହେରା ୧ଟି ୱିକେଟ୍ ହାସଲ କରିଥିଲେ ଜବାବରେ ଗ୍ରୀନ୍ସର ଆକିବ ଏହେମଦ ୧୬୧ ବଲରେ ୭୩, ଦିପ୍ତାଂଶୁ ୫୩ ବଲରେ ୩୨, ସାଇଶାସ୍ତ ଖୁଣ୍ଟିଆ ୫୬ ବଲରେ ୩୦ ରନ କରିଥିବା ବେଳେ ୬୪ ଓଭରରେ ୧୦ ୱିକେଟରେ ୨୧୯ କରିବାକୁ ସକ୍ଷମ ହୋଇପାରିଥିଲା ପ୍ରଥମ ଇନିଂସରେ ୪୩ ରନ ଲିଡ୍‌ରେ ଥିବା ପ୍ରଗତି ଦଳ ଦ୍ୱିତୀୟ ଇନିଂସରେ ୩୮ ଓଭର ଅଧିନାୟକ ଅଶିମ ବରାଡ଼ ୭୫ ବଲରେ ୬୯, ନମନ ଶତପଥି ୯୪ ବଲରେ ୨୧, ଦୁଇିକେଟ୍ ହରାଇ ୧୨୪ ରନ୍ କରି ଖେଳ ଅମିମାଂସିତ ହୋଇଥିଲା ୧୩ ଓଭରରେ ୨୪ ରନ୍ ଦେଇ ୫ିକେଟ ଦଖଲ କରିଥିବା ପ୍ରଗତି ସ୍ପୋର୍ଟିଂର ଅଧିନାୟକ ଅସିମ ବରାଡ଼କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ଗ୍ରୀନ୍ସର ଦେବୀ ପ୍ରସାଦ ରାଉତକୁ ବେଷ୍ଟ ବୋଲର ଏବଂ ବେଷ୍ଟ ବ୍ୟାଟର କୁଲଦୀପ ଯାଦକୁ ପୁରସ୍କୃତ କରାଯାଇଥିଲା।



ଓସିଏର ଅମ୍ପାୟାର ସନ୍ଦୀପ ମିଶ୍ର ପରିଚାଳନା କରିଥିଲେ ଉଦ୍‌ଯାପନୀ ଉତ୍ସବରେ ଗାଡ଼କଣ ଗ୍ରାମ ସମିତି ସଭାପତି ପ୍ରସନ୍ନ ପାତ୍ର ଗାଡ଼କଣ ସ୍ପୋର୍ଟ୍ସ ଆସୋସିଏସନର ସଭାପତି ସରୋଜ କୁମାର ଜେନା, ଗ୍ରୀନ୍ସ କ୍ରିକେଟ ଏକାଡ଼େମୀର ଉପସଭାପତି ଅଶୋକ ଜେନା, ଗ୍ରୀନ୍ସ ଏକାଡ଼େମୀର ମେମ୍ବର ମନୋଜ ସାହୁ, ପୂର୍ବତନ ରାଜା ଖେଳାଳି ସଞ୍ଜୟ ଶତପଥି ଏବଂ ସ୍କୋରର ଅଭିଷେକ ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ପରୁସ୍କୃତ କରିଥିଲେ।

# ଯାଆଁଳା ଓ କୁମାରବସ୍ତ ବିଜୟୀ

ଖୋର୍ଦ୍ଧା: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ। ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ଯାଆଁଳା ଦଳ ବଙ୍କୁଆଳ କୁ ୬ ୱିକେଟରେ ପରାସ୍ତ କରିଛି। ବାଙ୍କୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ବ୍ୟାଟିଂ ବିପର୍ଯ୍ୟୟ ର ସମ୍ମୁଖୀନ ହୋଇ ଦଳ ନିର୍ଦ୍ଧାରିତ ୧୫ ଓଭର ରେ ୧୨୩ ରନ୍ କରି ଅଲଆଉଟ ହୋଇଯାଇଥିଲା ଜବାବ ରେ ଯାଆଁଳା ଦଳ ୧୪ ଓଭର ରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ବୀର ଅଭିମନ୍ୟୁ ଙ୍କୁ ସମାଜସେବୀ ସଂଗ୍ରାମ କେଶରୀ ସାମନ୍ତ ସିଂହାର ପୁରସ୍କୃତ କରିଥିଲେ ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି କଟକ ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୪ ୱିକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ




ସୁଲେମାନ ୬୦ ରନ୍ ସଂଗ୍ରହ କରିଥିଲେ ଜବାବରେ କଟକ ଦଳ ନିର୍ଦ୍ଧାରିତ ୨୦ଓଭର ରେ ୯ ୱିକେଟ ହରାଇ ୧୨୭ ରନ୍ ରେ ସିମିତ ରହିଥିଲା କୁମାରବସ୍ତ ଏହି ମ୍ୟାଚ୍ କୁ ୮୦ ରନ୍ ରେ ଜିତି ନେଇଥିଲା ଦଳ ପକ୍ଷରୁ ସୁଲେମାନ ୬୦ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ସନତ କୁମାର ଜେନା, ନରୋତ୍ତମ କହଲସିଂହ ଓ ଦିବ୍ୟସିଂହ ପାତ୍ର ଙ୍କ ଠୁ ପୁରସ୍କାର ଗ୍ରହଣ କରିଥିଲେ ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ପ୍ରଦୋଷ ବଳିଆର ସିଂହ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଗୁଆ। ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ କାଜଲ ବଳିୟାରସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ୨୪/୧୧/୨୫ ପ୍ରଥମ ମ୍ୟାଚ୍ କୁମାରବସ୍ତ ବନାମ ମକୁନ୍ଦ ପ୍ରସାଦ ଏବଂ ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ବନାମ ଅଁଟ୍ରି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପଣ୍ଡିତ ଜଣାଇଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ